

যা দেবী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୪ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 JULY 2022
Vol.No. 35 ■ No. 192 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


### ରାସ୍ତା ଉପରେ ହିରୋ ହିରୋଇନ୍‌ଙ୍କ ହାଇ ଭୋଲଟେଜ୍ ଡ୍ରାମା

## ବାବୁସାନ୍, ପ୍ରକୃତିଙ୍କୁ ମାଡ଼ ମାରିଲେ ଅଭିନେତାଙ୍କ ପତ୍ନୀ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ଓଲିଉଡ୍ ର ଲୋକପ୍ରିୟ ନାୟକ ବାବୁସାନ୍ ଙ୍କ ଘର କଳି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ନାୟକ ବାବୁସାନ୍ ଓ ନାୟିକା ପ୍ରକୃତି ମିଶ୍ର ଏକାଠି ଯାଉଥିବା ବେଳେ ନାୟକଙ୍କ ପତ୍ନୀ ତୃପ୍ତି ସେମାନଙ୍କୁ ଅଟକାଇବା ସହ ମାଡ ମାରିଥିବାର ଅଭିଯୋଗ ହୋଇଛି। ଏହି ସମୟର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ପରେ ପ୍ରକୃତି ତୃପ୍ତି ଓ ତାଙ୍କ ବାପା ତାଙ୍କୁ ଗୁଣ୍ଡା ଲଗାଇ ମାଡ ମାରିଥିବା ଅଭିଯୋଗ କରିବା ସହ ଲିଗାଲ ଆକ୍ସନ ନେବେ ବୋଲି କହିଛନ୍ତି। ସେହିପରି ପ୍ରକୃତିଙ୍କ ବାପା ମା ଖାରବେଳ ନଗର ଥାନାରେ ଏନେଇ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ବାବୁସାନ୍ କହିଛନ୍ତି ଯାହା ହୋଇଛି ଠିକ୍ ହୋଇନି। ସେ ଓ ପ୍ରକୃତି ଭଲ ସାଙ୍ଗ। ସେମାନେ ଫିଲ୍ମ କାମରେ ଯାଉଥିବା ବେଳେ ପତ୍ନୀ ଓ ଶ୍ୱଶୁର ଆଟାକ୍ କରିଥିବା ସେ କହିଛନ୍ତି। ଏହାପରେ



ଅପରାହ୍ନରେ ବାବୁସାନ୍ ଙ୍କ ମା ତଥା ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି ତୃପ୍ତି ରହୁଥିବା ତାଙ୍କ ବାପାଙ୍କ ଘରେ ପହଂଚି ଆଲୋଚନା କରିବା ପରେ ପ୍ରକୃତିଙ୍କ ବିରୋଧରେ ବୋହୂଙ୍କୁ ନେଇ ଥାନାରେ ଏତଲା ଦେଇଛନ୍ତି। ବାବୁସାନ୍ ଏବଂ ପ୍ରକୃତି ମିଶ୍ର ଘଟଣାରେ ଥାନାରେ ଦୁଇ ପକ୍ଷରୁ ମାମଲା ରୁଜୁ ହୋଇଛି । ମଧ୍ୟାହ୍ନ ସମୟରେ ଖାରବେଳ ଥାନାରେ ପ୍ରକୃତି ମିଶ୍ରଙ୍କ ମା ବାବୁସାନଙ୍କ ପତ୍ନୀ ତୃପ୍ତିଙ୍କ ବିରୋଧରେ ଏଫ୍‌ଆଇଆର ଦାୟର କରିଥିବା ବେଳେ ସନ୍ଧ୍ୟା ସମୟରେ ଥାନାରେ ବୋହୂଙ୍କ ସହ ପହଂଚିଥିଲେ ଅପରାଜିତା ମହାନ୍ତି । ସେ ମଧ୍ୟ ଥାନାରେ ମାମଲା ଦାୟର କରିଛନ୍ତି । ତୃପ୍ତି ତାଙ୍କ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ପ୍ରକୃତିଙ୍କ ଯୋଗୁଁ ଆମ ଦାମ୍ପତ୍ୟ ଜୀବନରେ ଝଡ଼ ହୋଇଛି। କୋଭିଡ ଯୋଗୁଁ ପ୍ରକୃତିଙ୍କ କ୍ୟାରିଅର ପ୍ରଭାବିତ ହୋଇଛି, ପ୍ରକୃତି ବାବୁସାନଙ୍କ ଉପରେ ଟଙ୍କା ପାଇଁ ନିର୍ଭର କରୁଛନ୍ତି। ପ୍ରକୃତି ବାବୁସାନଙ୍କୁ ଗଞ୍ଜେଇ ଏବଂ ମଦ ଯୋଗାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ସେଥିରେ ବାବୁସାନ୍ ଓ ପ୍ରକୃତି ମିଶ୍ର ଗୋଟିଏ ଫର୍ଚ୍ୟୁନର ଗାଡ଼ିରେ ଏକାଠି ସକାଳୁ ସକାଳୁ ଭୁବନେଶ୍ୱରର ସତ୍ୟ ନଗର ଅଂଚଳରେ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ସେମାନଙ୍କୁ ଅଟକାଇଛନ୍ତି। ଏହାପରେ ସେ ବାବୁସାନଙ୍କୁ ଗାଡ଼ିରୁ ବାହାରକୁ ଆସିବା ଲାଗି ବାଧ୍ୟ କରିବା ସହ ତାଙ୍କୁ ଟଣାଓଟରା କରିଛନ୍ତି। ଏହାପରେ ତୃପ୍ତି ଗାଡ଼ି ଭିତରେ ପଶି ପ୍ରକୃତିଙ୍କୁ ଟଣାଓଟରା କରିଛନ୍ତି। ପରେ ପ୍ରକୃତି ଗାଡ଼ିରୁ ବାହାରି ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ବାବୁସାନଙ୍କ ପତ୍ନୀ ତାଙ୍କୁ ମାଡ଼ ମାରିଥିବାର ଦେଖିବାକୁ ମିଳିଛି। ବାବୁସାନଙ୍କ ପତ୍ନୀ ତୃପ୍ତି ଅଭିଯୋଗ କରିଛନ୍ତି ଯେ ପ୍ରକୃତି ତାଙ୍କ ଘରଭାଙ୍ଗି ଦେଇଛନ୍ତି। ଘଟଣା ସଂପର୍କରେ ବାବୁସାନ କହିଛନ୍ତି, ପ୍ରକୃତି ପିଲା ବେଳୁ ମୋ ଭଲ ସାଙ୍ଗ। ମୋ ପତ୍ନୀ ଫିଲ୍ମ ଲାଇନ୍ ର ନୁହନ୍ତି। ତେଣୁ ସେ ବୁଝି ପାରୁ ନାହାନ୍ତି ମୋ କାମ କ'ଣ । ମୁଁ ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରେ । ମୋତେ ବହୁ ଝିଅଙ୍କ ସହ କାମ କରିବାକୁ ପଡ଼ିଥାଏ। ହେଲେ ମୋ ପତ୍ନୀ ଏହା ▶▶ପୃଷ୍ଠା ୭

## ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ବାନ୍ଧିଲା ଇଡି, ସହଯୋଗୀଙ୍କ ଘରୁ ମିଳିଥିଲା ୨୦ କୋଟି

କୋଲକାତା, ୨୩/୦୭ (ନି.ପ୍ର): ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷା ମନ୍ତ୍ରୀ ତଥା ବର୍ତ୍ତମାନର ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି। ରାଜ୍ୟରେ ଶିକ୍ଷକ ନିଯୁକ୍ତିରେ ହୋଇଥିବା ଅନିୟମିତତା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ରେଡ୍ କରାଯାଇଥିଲା। ରେଡ୍ ବେଳେ ମନ୍ତ୍ରୀ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୨୦ କୋଟି ଟଙ୍କା ମିଳିଥିଲା। ରେଡ୍‌ର ଦିନକରେ ପରେ ଇଡି ପାର୍ଥଙ୍କୁ ଗିରଫ କରିଛି। ସେହିପରି ଆଜି ମଧ୍ୟ ପାର୍ଥଙ୍କ ସମେତ ତାଙ୍କ ସହଯୋଗୀ ଓ ଟିଏମସିର କିଛି ନେତାଙ୍କ ଘରେ ରେଡ ଜାରି ରହିଛି। ଇଡି ଅର୍ପିତାଙ୍କ ଘରୁ ୨୦ କୋଟି ଟଙ୍କା ଜବତ କରିବା ଖବର ପ୍ରକାଶ ପାଇବା



ପରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟରେ କ୍ଷମତାସୀନ ମମତା ବାନାର୍ଜୀଙ୍କ ଟିଏମସିକୁ ଟାର୍ଗେଟ କରିଥିଲେ। ସେ ଇଡି ରେଡକୁ ନେଇ କହିଥିଲେ ଯେ "ଏହା କେବଳ ଟ୍ରେଲର, ଆଗକୁ ପୂରା ଫିଲ୍ମ ଦେଖିବାକୁ ମିଳିବ।" ତାଙ୍କର ଏହି ଟ୍ୱିଟ ପରେ ହିଁ ଇଡି ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ତମାମ ଶିକ୍ଷା ନିଯୁକ୍ତିରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଇଡିର ଅଧିକାରୀମାନେ ପାର୍ଥ ଚାଟାର୍ଜୀଙ୍କୁ ପଚରାଉଚରା କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇ ଇଡି ଅଫିସକୁ ଅଣାଯାଇଛି। ପାର୍ଥ ଶିକ୍ଷା ମନ୍ତ୍ରୀ ଥିବା ବେଳେ ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସିବିଆଇ ତାଙ୍କୁ ଏପ୍ରିଲ ୨୬ ଓ ମେ' ୧୮ରେ ଦୁଇ ଥର ଜେରା କରିଥିଲା। ଏହାପରେ ଇଡି ଘଟଣାର ▶▶ପୃଷ୍ଠା ୭

## ଆହୁରି ୩ ଦିନ ବର୍ଷିବ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ରାଜ୍ୟରେ ସକ୍ରିୟ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି। ତେବେ ଆଜି ରାଜ୍ୟର ୮ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ ୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି) ପକ୍ଷରୁ ଟ୍ୱିଟ୍ ଯୋଗେ ସୂଚନ ଦିଆଯାଇଛି। ଏସ୍ଆରସିଙ୍କ ସୂଚନା ଅନୁସାରେ, ରାଜ୍ୟରେ ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେ ଜିଲ୍ଲାଗୁଡ଼ିକ ହେଲା କନ୍ଧମାଳ, ନୟାଗଡ଼, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଦେବଗଡ଼ ଓ କେନ୍ଦୁଝର। ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟରେ ୨୬ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ୨୫ତାରିଖ ବେଳକୁ ବର୍ଷା ପରିମାଣ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ବିଦାୟ ସମ୍ବର୍ଦ୍ଧନା



ନୂଆଦିଲ୍ଲୀ, ୨୩/୦୭ : ସଂସଦ ଭବନ ସେଣ୍ଟ୍ରାଲ୍ ହଲରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଦେଶର ୧୪ ତମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଶେଷ ହେବାକୁ ଥିବା ବେଳେ, ଏହାର ଅବ୍ୟବହିତ ପୂର୍ବରୁ ଉଭୟ ଲୋକସଭା ଓ ରାଜ୍ୟସଭା ସାଂସଦମାନେ ମିଳିତ ଭାବେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖ । ସଂସଦ ଭବନ ସେଣ୍ଟ୍ରାଲ୍ ହଲ୍ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦାୟ ଅଭିଭାଷଣ ବେଳେ ବିଗତ ୫ ବର୍ଷର ଅନୁଭୂତି ଓ ଉପଲବ୍ଧିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ ରାଷ୍ଟ୍ରପତି କୋବିନ୍ଦ। ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭବ୍ୟ ନୈଶ ଭୋଜି ଦେଇ ଆପ୍ୟାୟିତ କରିଥିଲେ।

## କଂଗ୍ରେସର ସତ୍ୟାଗ୍ରହ ୨୬ରେ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ସତ୍ୟାଗ୍ରହ କରାଯିବ। ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଦଳର ସାଂସଦ , ବିଧାୟକ , ରାଜ୍ୟସ୍ତରୀୟ ନେତୃବୃନ୍ଦ, ପୂର୍ବତନ ସାଂସଦଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିବେ। ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ ନ୍ୟାସନାଲ ହେରାଲ୍ଡ ଖବର କାଗଜ ମାମଲାରେ ଭାରତ ସରକାରଙ୍କର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହେଉଛି। ଯେଉଁଭଳି ଭାବରେ ବିରୋଧି ଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବାପାଇଁ ଯେଉଁ ଅପଚେଷ୍ଟା କରାଯାଉଛି। ସୋନିଆ ଗାନ୍ଧୀଙ୍କୁ ଏବଂ କଂଗ୍ରେସ ଦଳକୁ ନିନ୍ଦିତ ଓ ଅପମାନିତ କରିବା ବିରୋଧରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହେଉଛି।

## ଉଦ୍ଧବ ଗୋଷ୍ଠୀ ଓ ସିନ୍ଦେ ଗୋଷ୍ଠୀ ମଧ୍ୟରେ ଟଣାଓଟରା

ନୂଆଦିଲ୍ଲୀ, ୨୩/୦୭ : ବାଲାସାହେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିବସେନା ଉପରେ କାହାର ରହିବ ନିୟନ୍ତ୍ରଣ ଉଦ୍ଧବ ଗୋଷ୍ଠୀ ନା ସିନ୍ଦେ ଗୋଷ୍ଠୀ ହାତକୁ ଯିବ କମାଣ? ଏନେଇ ସଂଖ୍ୟା ଗରିଷ୍ଠତା ପ୍ରମାଣ ମାଗିଛନ୍ତି ମୁଖ୍ୟ ନିର୍ବାଚନ କମିଶନ । ଯେଉଁ ଗୋଷ୍ଠୀ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବେ ତା ହାତରେ ଶିବସେନାର ନିୟନ୍ତ୍ରଣ ରହିବ ବୋଲି ସଫା ସଫା କହିଛନ୍ତି ଇସି । ବାଲା ସାହେବଙ୍କ ପୁଅ ଉଦ୍ଧବ ଠାକରେ ନିଜକୁ ପ୍ରକୃତ ଶିବସୈନିକ କହୁଛନ୍ତି । ସେପଟେ ତାଙ୍କୁ ବିରୋଧ କରି ବିଜେପି ସହ ହାତ ମିଳାଇ ଏକନାଥ ସିନ୍ଦେ ମଧ୍ୟ ସମାନ ଦାବି କରୁଛନ୍ତି । ଏହି ଲଢେଇ ଭିତରେ ଉଭୟ ସିନ୍ଦେ ଓ ଉଦ୍ଧବ ଠାକରେଙ୍କୁ ଏବେ ଇସିଙ୍କ



ନିର୍ଦ୍ଦେଶକ୍ରମେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବାକୁ ପଡିବ । ଦଳ ଉପରେ ଦାବି ଜଣାଇ କିଛି ଦିନ ପୂର୍ବରୁ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ଉଭୟ ଗୋଷ୍ଠୀ । ଦୁଇ ପକ୍ଷର କଥାକୁ ଗ୍ରହଣ କରି ଇସି ଏବେ ସଂଖ୍ୟା ଗରିଷ୍ଠତା ପ୍ରମାଣ ମାଗିଛନ୍ତି ଓ ଏଥିପାଇଁ ଅଗଷ୍ଟ ୮ ପର୍ଯ୍ୟନ୍ତ ସମୟ ଦେଇଛନ୍ତି । ଏହା ଦାଖଲ କରିବା ପରେ ଇସି ବିଦ୍ଧିବଧଭବେ ଏହାର ଯାଞ୍ଚ କରି ପରବର୍ତ୍ତୀ ପଦକ୍ଷେପ ନେବେ ଓ ଏଥିସହ ଦୁଇ ଗୋଷ୍ଠୀଙ୍କୁ ବିବାଦର କାରଣ ଲିଖିତଭାବେ ଜଣାଇବାକୁ ମଧ୍ୟ ନୋଟିସ ଜାରି କରିଛନ୍ତି । ଇସିଙ୍କୁ ଚିଠି ଲେଖି ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିବା ଏକନାଥ ସିନ୍ଦେ କହିଥିଲେ ଯେ ତାଙ୍କ ସହ ଶିବସେନାର ୪୦ଜଣ ବିଧାୟକ ▶▶ପୃଷ୍ଠା ୭

## ଦେଶରେ ମିଡିଆ କଙ୍ଗାରୁ କୋର୍ଟ ଚଳାଇଛି : ପ୍ରଧାନ ବିଚାରପତି ରମନ୍ନା

ନୂଆଦିଲ୍ଲୀ, ୨୩/୦୭ : ବିଭିନ୍ନ ଜାତୀୟ ଗଣମାଧ୍ୟମରେ ହେଉଥିବା ବିତର୍କଙ୍କୁ କଙ୍ଗାରୁ କୋର୍ଟ ସହ ତୁଳନା କରିଛନ୍ତି ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନା। ଟିଭି ବିତର୍କଗୁଡ଼ିକ କଙ୍ଗାରୁ କୋର୍ଟ ଓ ସୋଶାଲ ମିଡିଆ ଦେଶକୁ ବହୁ ପଛକୁ ନେଇ ଯାଉଛି। ସେମାନେ (ମିଡିଆ) ପକ୍ଷପାତୀ, ତଥ୍ୟହୀନ ଓ ଉଦ୍ଦେଶ୍ୟ ମୂଳକ ପ୍ରଚାର କରୁଥିବା ଜଷ୍ଟିସ ରମନ୍ନା କହିବା ସହ ଗଣମାଧ୍ୟମ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧିକାଂଶ ଜାତୀୟ ଗଣମାଧ୍ୟମ



ହିନ୍ଦୁ-ମୁସଲିମ ଉପରେ ନିୟମିତ ବିତର୍କ କରିବା ସହ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ମୁଖପାତ୍ର ଭାବେ କାମ କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସିଛି। ସେହିପରି ▶▶ପୃଷ୍ଠା ୭

## ଦୂର ହେବ ଖାଦ୍ୟ ସଙ୍କଟ : ସହମତି ଦେଲେ ରୁଷ ଓ ୟୁକ୍ରେନ୍

ନୂଆଦିଲ୍ଲୀ, ୨୩/୦୭ : ଖୁବଶୀଘ୍ର ଦୂର ହେବ ଖାଦ୍ୟ ସଙ୍କଟ । ଖାଦ୍ୟ ଶସ୍ୟ ରପ୍ତାନୀ ପାଇଁ ଶେଷରେ ସହମତି ଦେଲେ ରୁଷ ଓ ୟୁକ୍ରେନ୍ । ଗତ ଫେବ୍ରୁଆରୀ ୨୪ତାରିଖରୁ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଜାରି ରହିଥିବା ଭିତରେ ଦୁଇ ଦେଶ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷର ହୋଇଛି । କୃଷ୍ଣସାଗର ପଥ ଦେଇ ଜାହାଜରେ ଖାଦ୍ୟଶସ୍ୟ, ସାର ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଶୁକ୍ରବାର ଏହି ଚୁକ୍ତି ସ୍ୱାକ୍ଷର ହୋଇଛି । ମସ୍କୋ ଓ କିଭ୍ ମଧ୍ୟରେ ତୁର୍କୀ ଓ ଜାତିସଂଘ ମଧ୍ୟସ୍ଥତା କରି ଏହି ରାଜିନାମାକୁ ସଫଳ କରିଛନ୍ତି । ମିଳିତ ଜାତିସଂଘ ଏହାକୁ ଐତିହାସିକ ଚୁକ୍ତି ବୋଲି କହିଛି । ଏହି ଚୁକ୍ତି ୪ ମାସ ପାଇଁ ହେବ । ଯାହା ଅନୁଯାୟୀ ୟୁକ୍ରେନରୁ ଗହମ ଓ ମକା ରପ୍ତାନି ଖୁବ୍ ଶୀଘ୍ର ଆରମ୍ଭ ହେବ । ସେପଟେ ସମୁଦ୍ର ଦେଇ ଶସ୍ୟ ପରିବହନ କରୁଥିବା ମାଲ ପରିବହନ ଜାହାଜ ଉପରେ ରୁଷ ଆକ୍ରମଣ କରିବ ନାହିଁ ବୋଲି କହିଛି । ଏହି ଚୁକ୍ତି ସ୍ୱାକ୍ଷର ହେବା ଫଳରେ ୟୁକ୍ରେନ ୨୨ନିୟୁତ ଟନ୍ ଖାଦ୍ୟଶସ୍ୟ ଓ ଅନ୍ୟ କୃଷି ସାମଗ୍ରୀ କୃଷ୍ଣସାଗର ଦେଇ ବିଶ୍ୱ ବଜାରକୁ ପରିବହନ କରିପାରିବ, ଯାହାକି ଫେବ୍ରୁୟାରୀ ୨୪ରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରଠାରୁ ବନ୍ଦ ଥିଲା । ରୁଷ-ୟୁକ୍ରେନ ଯୁଦ୍ଧ ହେତୁ ବିଶ୍ୱ ଖାଦ୍ୟ ସଙ୍କଟ ଦେଇ ଗତିକରୁଥିଲା ।

## ପଶ୍ଚିମବଙ୍ଗରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଦରକାର : ଧର୍ମେନ୍ଦ୍ର ପ୍ରଧାନ

ପଶ୍ଚିମବଙ୍ଗ/ଭୁବନେଶ୍ୱର, ୨୩/୦୭ (ନି.ପ୍ର): ପଶ୍ଚିମବଙ୍ଗରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଦରକାର ବୋଲି ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଲକାତାର ଉତର ନିର୍ବାଚନ ମଣ୍ଡଳି ଠାରେ ବିଭିନ୍ନ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି । କୋଲାକାତାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପଶ୍ଚିମବଙ୍ଗ ସରକାର ରାଷ୍ଟ୍ରୀୟ ଶିକ୍ଷା ନୀତି ଲାଗୁ ନକରିବା ପ୍ରସଙ୍ଗରେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି-



୨୦୨୦(ଏନଇପି) ଲାଗୁ ହେବା ଦରକାର । ଚାକିରି ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପଶ୍ଚିମବଙ୍ଗର ମୂଳ ଆବଶ୍ୟକତା । ଏଠାରେ ଶିକ୍ଷା ଗୁଣାତ୍ମକ ହେବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଯିବା ଉଚିତ୍ । ଏହା ହେଉଛି ମୂଳ ପ୍ରସଙ୍ଗ । ତେବେ ଆଗାମୀ ଦିନରେ ପଶ୍ଚିମବଙ୍ଗରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ନେଇ ଏଠାକାର ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯିବ । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବା ସହ ଏଥିରେ ଭାରତ ବିଶ୍ୱର ନେତୃତ୍ୱ ହେବ ଏବଂ ଜାତୀୟ ଶିକ୍ଷା ନୀତି ଏହାର ମୁଖ୍ୟ କ୍ୟାଟେଲିଷ୍ଟ ହେବ । ଏସଏସସି ଦୁର୍ନୀତିରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ମାମଲାରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଦେଶକୁ ପ୍ରେରିତ କରୁଥିବା ପଶ୍ଚିମବଙ୍ଗରେ ଆଜି ଉଚ୍ଚ ନ୍ୟାୟାଳୟ ଏବେକାର ପଶ୍ଚିମବଙ୍ଗ ସରକାରର କ୍ୟାବିନେଟ ମନ୍ତ୍ରୀ ତଥା ତତ୍କାଳୀନ ଶିକ୍ଷା ମନ୍ତ୍ରୀଙ୍କୁ ବିରୁଦ୍ଧରେ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ବାସଭବନରୁ ନଗଦ ▶▶ପୃଷ୍ଠା ୭

## ଏକ୍ସସାଇଜ ପଲିସିକୁ ନେଇ ପଲିଟିକ୍ସ, ବିଜେପି ଓ ଆପ୍ ମୁହାଁମୁହିଁ

ନୂଆଦିଲ୍ଲୀ, ୨୩/୦୭ : ଯେବେଠୁ ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତି ବିରୋଧରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି କେନ୍ଦ୍ର, ସେବେଠୁ ଆରମ୍ଭ ହୋଇଛି କେନ୍ଦ୍ର ବନାମ କେଜ୍ରିୱାଲ ସରକାର । ସିବିଆଇ ତଦନ୍ତକୁ ଆମ ଆଦମୀ ପାର୍ଟି ରାଜନୈତିକ ଷଡଯନ୍ତ୍ରର ନାଁ ଦେଇ କେନ୍ଦ୍ର ଉପରେ ବର୍ଷିଛି । ଏପରିକି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି କି ଆପର ଲୋକପ୍ରିୟତାକୁ ବିଜେପି ହଜମ କରିପାରୁନି । ତେଣୁ ଭଳିକି ଭଳି ଷଡଯନ୍ତ୍ର କହି ଦଳର ନେତାଙ୍କୁ ଗିରଫ କରୁଛି । କେଜ୍ରିୱାଲ ଏକଥା ମଧ୍ୟ କହିଛନ୍ତି ସତେନ୍ଦ୍ର ଜୈନଙ୍କ ପରେ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କୁ ଗିରଫ ପାଇଁ ଚାଲ ଚଳାଇଛି ବିଜେପି । ତେଣୁ ମିଛ ମାମଲାର ଅଭିଯୋଗ ଆଣିଛି । ସେପଟେ ଆଜି ସିସୋଦିଆ ଓ କେଜ୍ରିୱାଲଙ୍କ ସରକାରୀ ବାସଭବନ ନିକଟରେ ଜୋରଦାର ପ୍ରଦର୍ଶନ କରିଛି ବିଜେପି । ଅବକାରୀ ନୀତିକୁ ବିରୋଧ କରି ଶହ ଶହ ବିଜେପିକର୍ମୀ ପ୍ରଦର୍ଶନ କରିଛନ୍ତି । ଆମ୍ ଆଦମୀ ପାର୍ଟି ଏହାକୁ ଏକ ଷଡଯନ୍ତ୍ରର ନାଁ ଦେଉଥିବାବେଳେ ବିଜେପି ଅଭିଯୋଗ କରିଛି କି ମଦ ମାଫିଆଙ୍କୁ ଲାଭ ଦେବାକୁ କ୍ୟାବିନେଟରେ ବିନା ଅନୁମତିରେ ଏହି ଅବକାରୀ ନୀତିକୁ ଅଣାଯାଇଛି । ଦିଲ୍ଲୀ ରାଜକୋଷରୁ ୧ହଜାର କୋଟି ଟଙ୍କା ମଦ ମାଫିଆ ଲୁଟି ନେଇଛନ୍ତି । ଏହାକୁ ବିରୋଧ କରି ତଦନ୍ତ ପାଇଁ ଉପରାଜ୍ୟପାଳଙ୍କ ନିକଟରେ ଉଭୟ ବିଜେପି ଓ କଂଗ୍ରେସ ଦାବି କରିଥିଲେ । ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିରେ ମଧ୍ୟ କିଛି ଦୁର୍ନୀତି ହୋଇଥିବା ସନ୍ଦେହ କରି ଉପରାଜ୍ୟପାଳ ବିନୟ କୁମାର ସକସେନା ପ୍ରାଥମିକ ଯାଞ୍ଚ ପରେ ସିବିଆଇ ଯାଞ୍ଚ ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ । ୨୦୨୧ ନଭେମ୍ବରରୁ ଦିଲ୍ଲୀରେ ନୂଆ ଅବକାରୀ ନୀତି ଲାଗୁ ହୋଇଛି । ନୂଆ ନୀତିରେ ୩୨ଜୋନରେ ଓ ୮୪୯ଟି ମଦ ବିକ୍ରି ଲାଇସେନ୍ସ ଦିଆଯାଇଛି ।

# ଅବହେଳିତ ପୂର୍ବ ଗଙ୍ଗ ରାଜତ୍ୱ ସମୟର ୬୦ ଯୁଦ୍ଧ ସ୍ମାରକୀ : ବଣବୁଦାରେ ଗଡୁଛି ବୀରଶିଳା

ପୁରୀ ,୨୩/୦୭ (ନି.ପ୍ର): ଅନାବନା ଜଙ୍ଗଲରେ ପଡ଼ିରହିଛି ବୀରତ୍ୱର ସ୍ମାରକୀ ବହନ କରୁଥିବା ବୀରଶିଳା। ପୂର୍ବ ଗଙ୍ଗବଂଶ ସମୟର କଳାକୃତି ଆଜି ପ୍ରତ୍ନତାତ୍ତ୍ୱିକ ଅବଶେଷ। ହେଲେ ଗୁରୁତ୍ୱ ଦେଉଛି କିଏ? କଣାସ ବ୍ଲକ୍‌ର ତିପୁରୀ ଗ୍ରାମରେ ବିପର୍ଯ୍ୟସ୍ତ ଭାବେ ପଡ଼ି ରହିଛି ପ୍ରାୟ ୬୦ରୁ ଅଧିକ ବୀରଶିଳା ଓ ଐତିହ୍ୟ କଳାକୃତି। ବିଡ଼ମ୍ବନା ହେଲା, ଏହି ନିର୍ଦ୍ଦିଷ୍ଟ ସ୍ଥାନରୁ ମାତ୍ର ଗୋଟିଏ ବୀରଶିଳାକୁ ନେଇ ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଉଛି। ମାତ୍ର ସେହିଭଳି ବହୁ ବୀରଶିଳାକୁ ବିପର୍ଯ୍ୟସ୍ତ ଅବସ୍ଥାରେ ଛାଡ଼ି ଦେଇଛି ପ୍ରତ୍ନତତ୍ତ୍ୱ ବିଭାଗ। 'ରିଡିସ୍‌କଭର ଲଷ୍ଟ ହେରିଟେଜ୍ ଗ୍ରୁପ' ଏବଂ 'ହେରିଟେଜ୍ ଆଣ୍ଡ କଲ୍‌ଚର କ୍ଲବ୍, ଆଇଆଇଟିଟିଏମ୍' ପକ୍ଷରୁ ଚାଲିଥିବା ଐତିହ୍ୟ ସନ୍ଧାନ ଅଭିଯାନରେ ଏହି ଐତିହ୍ୟକୁ ଚିହ୍ନଟ କରାଯାଇଛି।

ଐତିହ୍ୟ ଗବେଷକ ଦୀପକ ନାୟକଙ୍କ କହିବା ମୁତାବକ, ବୀରଶିଳାଗୁଡ଼ିକର ଐତିହ୍ୟ ଗୁରୁତ୍ୱ ରହିଛି। ପୂର୍ବ ଗଙ୍ଗବଂଶ ସମୟରେ ବୀରତ୍ୱର ପ୍ରତୀକ ଭାବେ ଯୋଦ୍ଧାମାନଙ୍କୁ ପଥର ଖୋଦିତ କାରୁକାର୍ଯ୍ୟରେ ପ୍ରଦର୍ଶିତ କରାଯାଇଛି। ଖୋଦିତ କାରୁକାର୍ଯ୍ୟରେ ଜଣେ ଯୋଦ୍ଧାଙ୍କ ହାତରେ ଖଡ୍‌ଗ ଓ ଅନ୍ୟ ହାତରେ ଢାଲ ଥିବା ଦେଖିବାକୁ ମିଳୁଛି। ତେଣୁ ଅତୀତର ଏହି ବୀରତ୍ୱ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବାରୁ ଏହାକୁ ପ୍ରଦର୍ଶିତ କରାଯିବା ଉଚିତ୍ ବୋଲି ସେ କହିଛନ୍ତି। ଏହାର ଐତିହାସିକ ଗୁରୁତ୍ୱ ବାବଦରେ ମତ ରଖି ସେ କହିଛନ୍ତି, ପୂର୍ବ ଗଙ୍ଗବଂଶ ସମୟରେ କଣାସ ଅଞ୍ଚଳ ସିରାଇ ଦଣ୍ଡପାଟ ଭାବେ ନାମିତ ଥିଲା। ଏହି ବୃହତ୍ ଅଞ୍ଚଳ ଉନ୍ନତ ଭୂଖଣ୍ଡ ଭାବେ ପରିଚିତ ଥିଲା। ମାଦଳାପାଞ୍ଜି ମୁତାବକ, ମଦନ ମହାଦେବ ସିରାଇ ଦଣ୍ଡପାଟର ସହଜପରି କଟକକୁ ରାଜଧାନୀ ଭାବେ ବାଛିଥିଲେ। ଏହି ଅଞ୍ଚଳର ସାମରିକ ଗୁରୁତ୍ୱ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା।



ପ୍ରାୟ ୧୧ଶହରୁ ୧୨ଶହ ଖ୍ରୀଷ୍ଟାବ୍ଦ ମଧ୍ୟରେ ପୂର୍ବ ଗଙ୍ଗ ରାଜତ୍ୱ ସମୟରେ ଏହି ଅଞ୍ଚଳରେ ଯୁଦ୍ଧ ହୋଇଥିଲା। ପୂର୍ବରୁ ଏହି ଅଞ୍ଚଳ ସୋମବଂଶୀ ଶାସକଙ୍କ ନିୟନ୍ତ୍ରଣାଧୀନ ଥିଲା। ଯେବେ ପୂର୍ବ ଗଙ୍ଗ ସମ୍ରାଟ ରାଜାରାଜ ଓ ତାଙ୍କ ପୁତ୍ର ଚୋଡ଼ଗଙ୍ଗ ଦେବ ଓଡ଼ିଶାକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ରକ୍ତାକ୍ତ ଯୁଦ୍ଧ କରିଥିଲେ। ବିଜୟୀ ମଧ୍ୟ ହୋଇଥିଲେ। ସେଠାରେ ଥିବା ଏକ ପଥର ଖୋଦେଇ କଳାରେ ବନପତିଙ୍କୁ ଚିତ୍ରିତ କରାଯାଇଛି। ବନପତି ପୂର୍ବ ଗଙ୍ଗ ରାଜତ୍ୱ ସମୟରେ ମିଲିଟାରି ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସେ ବଙ୍ଗ, ଖିମିଡ଼ି, କୋଶଳ, ଓଡ୍ର ଦେଶ ସମେତ ଚନ୍ଦ୍ରମପାଟପୁର, ନିରାକାରପୁର, ଗଡ଼ଖରଡ଼ା, ମାଳିସାହି, ତିପୁରୀ ଦଖଲ କରିଥିଲେ। ସମ୍ଭବତଃ ଏହି ରକ୍ତାକ୍ତ ବିଜୟର ସ୍ମାରକୀ ସ୍ୱରୂପ ବହୁ ବୀରଶିଳା ନିର୍ମିତ ହୋଇଥିବା ବେଳେ ଏବେ ସେଇ ଯୁଦ୍ଧର ସ୍ମାରକୀ ବଣବୁଦାରେ ପଡ଼ିରହିଛି।

ବୀରଶିଳାରେ ଯୋଦ୍ଧାଙ୍କ ହାତରେ ଖଡ୍‌ଗ ଓ ଢାଲ ରହିଥିବା ବେଳେ କିଛି କାରୁକାର୍ଯ୍ୟରେ ଲିଙ୍ଗ ପୂଜାର ଚିତ୍ରଣ ହୋଇଛି। ତେବେ ବୀରଶିଳାଗୁଡ଼ିକ ଏଣେତେଣେ ବିଛେଇ ହୋଇ ପଡ଼ିଥିବା ବେଳେ ଖୋଲାମେଲାରେ ପଡ଼ି କିଛି ଭାଙ୍ଗିରୁଜି ଗଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏସବୁର ପ୍ରତ୍ନତାତ୍ତ୍ୱିକ ମୂଲ୍ୟବୋଧ ରହିଥିବାରୁ ଓ ବିରଳ କଳାକୃତି ହୋଇଥିବାରୁ ଚୋରି ହେବାର ସମ୍ଭାବନା ରହିଛି। ମାତ୍ର ଏଗୁଡ଼ିକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆନ୍ତରିକତା ପ୍ରକାଶ ନପାଇବା ଦୁଃଖର ବି?ଷୟ ବୋଲି କହିଛନ୍ତି ଗବେଷକ ଶ୍ରୀ ନାୟକ। କିଛି ବୀରଶିଳା ଗ୍ରାମର ମଧ୍ୟ ଭାଗରେ ନିର୍ମିତ ହୋଇଥିବା ଏକ ଘରକୁ ସ୍ଥାନାନ୍ତର ହୋଇଛି। ସେଥିମଧ୍ୟରୁ ଗୋଟିଏ ବୀରଶିଳା ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଛି। ମାତ୍ର ସେହିଭଳି ବହୁ ବୀରଶିଳା ଏଣେତେଣେ ପଡ଼ି ନଷ୍ଟ ହେବାକୁ ବସିଲାଣି। ଯଦି ଏହି ଅଞ୍ଚଳ ମଧ୍ୟରେ ଖନନ କାର୍ଯ୍ୟ କରାଯାଏ ତେବେ ସେଇଭଳି ବହୁ କଳାକୃତି ମିଳିପାରିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଐତିହ୍ୟ ପ୍ରୀତି ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି ଆଇଆଇଟିଟିଏମ୍‌ର ଆସୋସିଏଟ୍ ପ୍ରଫେସର ଆଦ୍ୟାଶା ଦାସ କହିଛନ୍ତି।

## ଏଡସ୍ ରୋଗର ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୨୩/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ରେଡ ରିବନ କ୍ଲବ ଦ୍ୱାରା ଏଡସ ରୋଗର ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସ ଏବଂ ସି.ଆଇ.ଏନ.ଆର ର ମିଳିତ ଉଦ୍ୟମରେ କରାଯାଇଥିଲା । ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଏଡସ ରୋଗର ନିରାକରଣ ଓ ସଚେତନତା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରମିୟ କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏଡସ ରୋଗ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି.ଆଇ.ଏନ.ଆର ର ସଂସ୍ଥାର ପି.ଓ ବି.ଦାସ ଏବଂ ଏଫ.ଓ ଅଜୟ କୁମାର ପାଙ୍ଗି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଏଡସ ରୋଗର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇ.ସି.ଟି.ସିର ଆଇଟି ଅଧିକାରୀ ସୁଜୟ କୁମାର ସାଗର ମଧ୍ୟ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ରେଡ ରିବନ କ୍ଲବର ସଦସ୍ୟମାନଙ୍କୁ ଏଡସ ରୋଗର ନିରାକରଣ ଓ ସଚେତନତାର ବାର୍ତ୍ତା ନିଜ ଗ୍ରାମାଂଚଳରେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ । ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସଭା ଶେଷରେ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ବଳ ନଦୀ ବନ୍ଧକୁ ନେଇ ନଦୀ କୂଳିଆବାସୀ ଆତଙ୍କିତ

ଧର୍ମଶାଳା,୨୩/୦୭ (ନି.ପ୍ର): ମୌସୁମୀ ପ୍ରବାହରେ ଲଗାଣ ବର୍ଷା ଜାରି ରହିଛି । ଫଳରେ ଅନେକ ସ୍ଥାନରେ ବର୍ଷା ଜଳ ଜମି ରହିବା ସହିତ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରଭାବିତ ହୋଇଛି । ତେବେ ଏହି ବର୍ଷା ପାଣିରେ ନଦୀ ବନ୍ଧ ଦୁର୍ବଳ ହୋଇଗଲାଣି । ହେଲେ ପ୍ରଶାସନର ନଜର ନ ପଡିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକ ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ କ୍ଷେତ୍ରରେ । ବର୍ଷା ଆସିବା ପୂର୍ବରୁ ବିଭାଗୀୟ କର୍ତ୍ତୁପକ୍ଷଙ୍କ ତରଫରୁ ରେନକର୍ଟ କରାଯିବା କଥା । ବର୍ଷା ଋତୁ ସରିବାକୁ ବସିଲାଣି ହେଲେ ନଦୀ ବନ୍ଧ ମରାମତି ହୋଇ ପାରିଲା ନାହିଁ । ଯାହାକୁ ନେଇ ଏବେ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହି ବ୍ଲକ ଅନ୍ତର୍ଗତ ଦେଓଦା ପଂଚାୟତ ସେରପୁର ଠାରୁ କୁଣ୍ଡପାଟଣା ପର୍ଯ୍ୟନ୍ତ ନଦୀ ବନ୍ଧ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ବହୁ ସ୍ଥାନରେ ଘାଇ ସୃଷ୍ଟି ହେବା ପରିସ୍ଥିତି ନେଇ ଆଶଙ୍କା ଦେଖାଦେଇଛି । ବନ୍ଧରୁ ମାଟି ଅତଡା ଧସି ଗଲାଣି । ବଡବଡ ଗର୍ତ ସୃଷ୍ଟି ହେବା ଫଳରେ ଏହି ରାସ୍ତା ଦେଇ ବାଇକ ଚାଳକମାନେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି । ସନ୍ଧ୍ୟାରେ ପଥଚାରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

# ତାଳଚେର ମେଡିକାଲ କଲେଜ : ୬ ମାସ ଭିତରେ ଆରମ୍ଭ ହେବ ରୋଗୀସେବା

ଅନୁଗୁଳ ,୨୩/୦୭ (ନି.ପ୍ର): ତାଳଚେରରେ ନିର୍ମାଣ ହୋଇଥିବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ (ମିମ୍‌ସାର)ରେ ୬ ମାସ ଭିତରେ ଚିକିତ୍ସାସେବା ଆରମ୍ଭ ହେବ। ୨୦୨୩ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ ହେବ। ଆଜି ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ଏହି ମେଡିକାଲ କଲେଜ ପରିଦର୍ଶନରେ ଆସିବେ। ଏଠାରେ ଭିତ୍ତିଭୂମି ଦେଖିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି।



ତାଳଚେର ମେଡିକାଲ କଲେଜ ଚାଲିବା ସଂପର୍କରେ ଆଲୋଚନା କରିବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ବୃନ୍ଦା ଡିଙ୍କ ସମେତ ଏମ୍‌ସିଏଲ୍ ଓ ଡିଏମ୍‌ଇଟିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କଲେଜର ବର୍ତ୍ତମାନର ସ୍ଥିତିନେଇ ସମୀକ୍ଷା କରାଯିବା ସହ ଆସନ୍ତା ୨୦୨୩ ନୂତନ ଶିକ୍ଷାବର୍ଷରେ ମେଡିକାଲ କଲେଜରେ ନାମଲେଖା ସହ ପାଠପଢ଼ା ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଏମସିଏଲ୍ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ସହିତ ଯଥାଶୀଘ୍ର ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ସ୍ଥିର କରାଯାଇଛି। ଏହାସହିତ ଆସନ୍ତା ୬ ମାସ ମଧ୍ୟରେ ତାଳଚେର ମେଡିକାଲ କଲେଜରେ ଚିକିତ୍ସା ସେବା ଆରମ୍ଭ କରାଯିବ। ଏଥିପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାକାଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ତାଳଚେର ମେଡିକାଲ କଲେଜର କୋଠା ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ତଦାରଖ କରିବେ ବୋଲି ଜଣାପଡ଼ିଛି।

## ଆନ୍ଧ୍ରକୁ ଯାନବାହାନ ଚଳାଚଳ ସ୍ୱାଭାବିକ ହେଲା

ମାଲକାନଗିରି,୨୩/୦୭ (ନି.ପ୍ର): ମୋଟୁ ଠାରୁ ୧୦ କି.ମି. ଦୂର ଆନ୍ଧ୍ରର ଚିନ୍ତୁର ନିକଟରେ ଥିବା ପୋଲ ତଳକୁ ବନ୍ୟା ପାଣି ଖସିବା ପରେ ଆଜି ୩୨୬ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇପାରିଛି । ମାଲକାନଗିରି ଠାରୁ ମୋଟୁ ଦେଇ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଏହି ରାଜପଥରେ ଦୀର୍ଘ ୧୦ ଦିନ ହେଲା ବନ୍ୟା ପାଣି ଚାଲୁଥିବାରୁ ଏହି ରାଜପଥ ଦେଇ କୌଣସି ଗାଡି ଚଳାଚଳ କରୁନଥିଲା। ଫଳରେ ମୋଟୁ ଓ ଚିନ୍ତୁର ନିକଟରେ ଶତାଧିକ ଯାନବାହନ ଉଭୟ ପଟେ ଫସି ରହିଥିଲେ । ପ୍ରବଳ ବର୍ଷା ଯୋଗୁଁ ଗୋଦାବରୀ ନଦୀରେ ବନ୍ୟା ଆସିଥିଲା । ଗୋଦାବରୀ ନଦୀରେ ବନ୍ୟା ଆସିବା ଯୋଗୁଁ ଗୋଦାବରୀ ନଦୀର ଜଳସ୍ତର ବୃଦ୍ଧି ପାଇ ଭଦ୍ରାଚଂଳମ୍ ନିକଟରେ ବିପଦ ସଂକେତ ଠାରୁ ୧୮ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା । ଫଳରେ ଏହାର ଉପର ମୁଣ୍ଡରେ ଥିବା ମାଲକାନଗିରି ଜିଲ୍ଲାର ମୋଟୁ ନିକଟରେ ଥିବା ସିଲେରୁ ଓ ସାବେରୀ ନଦୀର ଜଳସ୍ତର ବୃଦ୍ଧି ପାଇ ମୋଟୁ ଗ୍ରାମ ଭିତରେ ପ୍ରବେଶ କରି ଘରଦ୍ୱାର ବୁଡ଼ାଇ ଦେଇଥିଲା । ଏଥି ସହିତ ମୋଟୁ ଠାରୁ ଚିନ୍ତୁର ଦେଇ ଆନ୍ଧ୍ରକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥର କୁଇଗୁର ଓ କାଲେରୁ ନିକଟରେ ଜାତୀୟ ରାଜପଥ ବନ୍ୟା ପାଣିରେ ଦୀର୍ଘ ୧୦ ଦିନ ହେଲା ବୁଡ଼ି ରହିଥିଲା । ତେବେ ବର୍ଷା କମିବା ସହିତ ଗୋଦାବରୀ ନଦୀର ଜଳସ୍ତର ହ୍ରାସ ପାଇବାରୁ ଆଜି କୁଇଗୁରୁ ଓ କାଲେରୁ ନିକଟରେ ଥିବା ଜାତୀୟ ରାଜପଥ ଉପରୁ ପାଣି ଛାଡ଼ିଯିବାରୁ ଓଡ଼ିଶାରୁ ଆନ୍ଧ୍ରକୁ ଯୋଗାଯୋଗ ସ୍ୱାଭାବିକ ହୋଇପାରିଛି ।

# କଳାପଥର କେଲେଙ୍କାରୀ : ବିଧାନସଭାକୁ ବି ଭୁଟାଇଲେ

ଯାଜପୁର ,୨୩/୦୭ (ନି.ପ୍ର): ଯାଜପୁର ଜିଲ୍ଲାରେ ବେଆଇନ ଲଘୁଖଣିଜ କାରବାର ଯୋଗୁଁ ପାହାଡ଼ଗୁଡ଼ିକ ଧ୍ୱଂସ ହେବାରେ ଲାଗିଛି। ଅନୁମତିଠାରୁ ଶହେ ଗୁଣ ଅଧିକ ବେଆଇନ ଖନନ ହୋଇଥିବା ଧରାପଡ଼ିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍। ଆଇନ୍‌ର ଗଳାବାଟ ଦେଇ କୋଟିପତି ଖାଦାନ ମାଲିକମାନେ ଖସିଯାଉଥିବା ବେଳେ ତହସିଲଗୁଡ଼ିକ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏପରିକି ସରକାର ଓ ବିଧାନସଭାକୁ ଭୁଟାଇବାକୁ ପଛାଉନାହିଁ ପ୍ରଶାସନ। ବିଭିନ୍ନ ସୈରାତରେ ଅନୁମତି ଠାରୁ ଅଧିକ ଖନନ ନେଇ ତଦନ୍ତରୁ ଧରାପଡ଼ିବା ଘଟଣା ଜିଲ୍ଲା ପ୍ରଶାସନ ଜାଣିଥିଲେ ହେଁ ଜିଲ୍ଲାର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖାଯାଇଛି । ବିଧାନସଭାରେ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମାତ୍ରାଧିକ ଖନନର ଆକଳନ କରାଯାଇନାହିଁ ବୋଲି ଉତ୍ତର ରଖିଛନ୍ତି। ବିଜେପି ବିଧାୟକ ଶ୍ରୀ ସେଠୀ ଯାଜପୁର ଜିଲ୍ଲାରେ କେଉଁ କେଉଁ ପାହାଡ଼ରୁ କେତେ ପରିମାଣ ଖନନ ପାଇଁ ଅନୁମତି ଦିଆଯାଇଛି ଏବଂ ପରିବେଶ ଓ ଜଳବାୟୁ ସନ୍ତୁଳନ ରକ୍ଷାପାଇଁ ସରକାର ଖନନ ପ୍ରକ୍ରିୟା ବନ୍ଦ କରିବାକୁ ପଦକ୍ଷେପ ନେବେ କି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ଶ୍ରୀ ସେଠୀଙ୍କ ପ୍ରଶ୍ନର ଉତ୍ତରଦେଇ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଜିଲ୍ଲା କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ଧର୍ମଶାଳା ତହସିଲ ଅଧୀନରେ ଥିବା ଡଙ୍କାରୀ, ରାହାଡ଼ପୁର, ବିଛାଖଣ୍ଡି, ଆରୁହା, ବାଜବାଟି, ମୁକୁନ୍ଦପୁର, ସାହାଣୀଡିହ, ବରଡ଼ା ଓ ଲୁଣିବର ପାହାଡ଼ ଓ ଦର୍ପଣ ତହସିଲର ମାଣ୍ଡୁକା ପାହାଡ଼ରେ ଖନନ କରାଯାଇଛି। ଖଣି ନିୟମ ଅନୁଯାୟୀ ଆରୁହା ପାହାଡ଼ରୁ ୪୮,୨୫୫ ଘନମିଟର, ବାଜବାଟିରୁ ୧,୭୭,୩୨୪ ଘନମିଟର, ବିଛାଖଣ୍ଡିରୁ ୧୧,୭୭,୩୫୯ ଘନମିଟର, ଅଞ୍ଜିରାରୁ ୫,୯୨,୭୮୯ ଘନମିଟର, ଡଙ୍କାରୀରୁ ୨,୩୦, ୧୩୫ ଘନମିଟର, ରାହାଡ଼ପୁରରୁ ୪,୪୮,୮୮୮ ଘନମିଟର, ମୁକୁନ୍ଦପୁର, ସାହାଣୀଡିହ, ବରଡ଼ାରୁ ୩,୫୭, ୮୩୪ଘନମିଟର, ଲୁଣିବରରୁ ୧,୪୨,୯୩୩ ଘନମିଟର କଳାପଥର ଏବଂ ମାଣ୍ଡୁକାରୁ ୩୨,୭୨୧ଘନମିଟର ମୋରମ ଖନନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ଏହି ପାହାଡ଼ରେ କେତେ ଖନନ ହୋଇଛି, ତାହାର ନିର୍ଦ୍ଦିଷ୍ଟ ଭାବେ ଆକଳନ କରାଯାଇ ନାହିଁ ବୋଲି ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ଉତ୍ତରରେ କହିଛନ୍ତି। ପରିବେଶ ଓ ଜଳବାୟୁ ସନ୍ତୁଳନ ରକ୍ଷା କରି ଆବଶ୍ୟକ ଅନୁମତି ପ୍ରଦାନ କରାଯାଇଛି ବୋଲି ଦର୍ଶାଯାଇଛି। ମାତ୍ର ଏଠାରେ ଅତ୍ୟଧିକ ଖନନ ଅଭିଯୋଗକୁ ଭିତ୍ତିକରି ୨ମାସ ତଳେ ମେ ୩୧ତାରିଖରେ ସରୋଜ ରାଉତ (ଗେଡ଼)ଙ୍କ ଖାଦାନକୁ ଡ୍ରୋନ କ୍ୟାମେରା ସହଯୋଗରେ ଜିଲ୍ଲା ପ୍ରଶାସନ ମାପଚୁପ କରିଥିଲେ। ସେହିପରି ଡଙ୍କାରୀରେ ରଞ୍ଜନ ଜେନା, ସାବିତ୍ରୀ ପରିଡ଼ା ଓ ଚନ୍ଦ୍ରମଣି ପରିଡ଼ାଙ୍କ କଳାପଥର ଖାଦାନ ମାପଚୁପ ହୋଇଛି। ଏହି ତଦନ୍ତରେ ଅତ୍ୟଧିକ ଖନନ ହୋଇଥିବା ଧରାପଡ଼ିଛି ବୋଲି ଚର୍ଚ୍ଚା ହେଉଛି। ମାତ୍ର ଏହି ତଦନ୍ତ ରିପୋର୍ଟ ପ୍ରକାଶ କରାଯାଉନାହିଁ। କେଉଁ ଲିଜଧାରୀ କେତେ ଜୋରିମାନା ଦେବେ, ତାହା ମଧ୍ୟ ପ୍ରକାଶ କରାଯାଉନି। ଏହି ତଥ୍ୟକୁ ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ଲୁଚାଉଛନ୍ତି କାହିଁକି ? ଯେଉଁଥିପାଇଁ ବିଧାନସଭାରେ ଭୁଲ୍ ତଥ୍ୟ ଦେବାକୁ ବାଧ ହୋଇଛନ୍ତି ମନ୍ତ୍ରୀ ।

## ଜ୍ୱାଇଁର ଟାଙ୍ଗିଆଚୋଟରେ ଶଶୁର ମୃତ

କାମାକ୍ଷାନଗର ,୨୩/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ମହାବିରୋଡ ଫାଣ୍ଡି ପଙ୍ଗାତିରା ଗୋଡ଼ି ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଜ୍ୱାଇଁଙ୍କ ଟାଙ୍ଗିଆଚୋଟରେ ଶଶୁରଙ୍କ ମୃତ୍ୟୁ ଘଟିଛି । ଗୋଡ଼ି ସାହି ଗ୍ରାମର ପର୍ଶୁରାମ ବାରିକ (୬୦ବର୍ଷ)ଙ୍କୁ ତାଙ୍କ ଜ୍ୱାଇଁ ରମଣ ବେହେରା ଗତକାଲି ରାତିରେ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଆହତ ପର୍ଶୁରାମଙ୍କୁ ପରଜଙ୍ଗ ମେଡିକାଲ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ତାହା ଜଣାପଡ଼ିନାହିଁ। ସୂଚନା ମୁତାବକ ପର୍ଶୁରାମଙ୍କ ସାନ ଝିଅ ସୁଲୋଚନା ସେହି ସାହିର ରମଣ ବେହେରାଙ୍କ ପ୍ରେମ ସମ୍ପର୍କ କାରଣରୁ ଦଶବର୍ଷ ପୂର୍ବେ ବୈଦିକ ରିତିନୀତିରେ ବିବାହ କରିଥିଲେ । ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଜ୍ୱାଇଁ ରମଣ ବେହେରା ମଦ୍ୟପାନ କରି ତାଙ୍କ ଝିଅକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲା। ଯାହାକୁନେଇ ପର୍ଶୁରାମ ଓ ତାଙ୍କ ସ୍ତ୍ରୀ ବୁଝାସୁଝା ପାଇଁ ଜ୍ୱାଇଁ ଘରକୁ ଯାଇଥିଲା । ତେବେ ଜ୍ୱାଇଁ ରମଣ ବେହେରା ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳି କରିବା ସହ ହଠାତ୍ କ୍ଷୁବ୍ଧ ହୋଇ ଅତର୍କିତ ଭାବେ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଯାହାଫଳରେ ପର୍ଶୁରାମଙ୍କ ବେକ ଓ ଜଙ୍ଘରେ ଗଭୀର ଆଘାତ ହୋଇଥିଲା । ତାଙ୍କୁ ସଙ୍ଗେସଙ୍ଗେ ଗୁରୁତର ଅବସ୍ଥାରେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ, ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତେବେ ହତ୍ୟାକାରୀ ଜ୍ୱାଇଁ ରମଣ ବେହେରା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରଜଙ୍ଗ ପୁଲିସ ଓ ମହାବିରୋଡ ଫାଣ୍ଡି ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର ଘଟଣାସ୍ଥଳକୁ ଯାଇ ବିଭିନ୍ନ ସ୍ଥାନରେ ଚଢାଉ କରିଛନ୍ତି। ଅଭିଯୁକ୍ତକୁ ଖୋଜୁଥିବା ନେଇ, ସୂଚନା ଦେଇଛନ୍ତି ପରଜଙ୍ଗ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର।

## ଏଂଟିରାଗିଙ୍ଗ୍ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୩/୦୭ (ନି.ପ୍ର): ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଜୟପୁର ଠାରେ ଏଂଟିରାଗିଙ୍ଗ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଗୋପାଳ ହାଲଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମବେତ ଛାତ୍ର ଛାତ୍ରୀ ମାନଙ୍କୁ ରାଗିଙ୍ଗ ନକରିବାକୁ ପରାମର୍ଶ ଦେବା ସହ କୋରାପୁଟ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳିତ ଓ ଅନୁଶାସନ ପ୍ରିୟ ବୋଲି ପ୍ରଶଂସା କରିଥିଲେ। ଭଲ ପାଠ ପଢି ରାଜ୍ୟ ଓ ଦେଶର ସୁନାମ ଅର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଡ. ଗୋପାଳ ସାର୍ ରାଗିଙ୍ଗ ଭଳି ଅପରାଧିକ କାର୍ଯ୍ୟକଳାପ ଶିକ୍ଷା ଅନୁଷ୍ଠାନରେ ବର୍ଜନୀୟ ବୋଲି ଅଭିହିତ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟ ତରଫରୁ ଅଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ ସମବେତ ଛାତ୍ରଛାତ୍ରୀ ମାନଙ୍କୁ ରାଗିଙ୍ଗର ସଂଜ୍ଞା, ଏହା ଦ୍ୱାରା ନବାଗତ ଛାତ୍ରଛାତ୍ରୀଙ୍କ ଉପରେ ପଡୁଥିବା କୁପ୍ରଭାବ ଓ ଏହା କରୁଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ଼ର ଦଣ୍ଡ ବିଧାନ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ।

ମଂଚାସୀନ ସହଯୋଗୀ ପ୍ରଫେସର ଡ. ସୁଚିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକା ଯୋଗଦାନ କରିଥିଲେ।

## ମହିଳାଙ୍କୁ ଅସଦାଚରଣ କରି ପ୍ରଧାନଶିକ୍ଷକ ଗିରଫ

ଜୟପୁର,୨୩/୦୭ (ନି.ପ୍ର): ଘରୋଇ ବସ୍ ରେ ଯାତ୍ରା ସମୟରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜି. ସନ୍ତୋଷ କୁମାରଙ୍କୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ। ଗତକାଲି ଏକ ଘରୋଇ ବସ ରେ କୋରାପୁଟ ଅଂଚଳର ଜଣେ ମହିଳା ଜୟପୁର ଠାରୁ ବୋରିଗୁମ୍ମା ଯାଉଥିଲେ। ସେତିକି ବେଳେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ତାଙ୍କ ପାଖ ସିଟରେ ବସିଥିଲେ। ଆଉ ତାଙ୍କୁ ବାରମ୍ବାର ଅସଦାଚରଣ କରିଥିଲେ ପ୍ରଧାନ ଶିକ୍ଷକ। ମହିଳା ଜଣକ ଏହାର ବିରୋଧ କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁରଜ କରିବାକୁ ପଛେଇ ନଥିଲେ ପ୍ରଧାନ ଶିକ୍ଷକ। ସମ୍ପୃକ୍ତ ମହିଳା ଜଣକ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ପ୍ରଧାନ ଶିକ୍ଷକ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେପଟେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଶିକ୍ଷାବିଭାଗକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଜୟପୁର ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ। ବୋରିଗୁମ୍ମା ଅଂଚଳରେ ଦୀର୍ଘ ଦିନ ହେବ ଅନେକ ମହିଳା ଓ ଶିକ୍ଷୟତ୍ରୀଙ୍କୁ ମଧ୍ୟ ଅସଦାଚରଣ କରିଥିବା ନେଇ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ହୋଇଥିଲା।

# ଲଳିତଗିରିକୁ ଶିଳ୍ପ ଗ୍ରାମର ମାନ୍ୟତା କେବେ ?

ସାଲେପୁର,୨୩/୦୭ (ନି.ପ୍ର): ହଜାର ହଜାର ବର୍ଷ ତଳୁ ପଥର ଶିଳ୍ପକୁ ଜିବୀକା ରୂପେ ଗ୍ରହଣ କରିଥିବା ମାହାଙ୍ଗା ବ୍ଲକ ର ଲଳିତଗିରି ଗ୍ରାମର ବାସିନ୍ଦାମାନେ ଏବେବି ଅବହେଳିତ । ରାସ୍ତା କଡ଼ରେ ପଥର ମୂର୍ତି ନିର୍ମାଣ କରିବା ସହିତ ପଥର ଅନେକ କାରୁକାର୍ଯ୍ୟମାନ କରୁଛନ୍ତି । ହେଲେ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଲଳିତଗିରିକୁ ଶିଳ୍ପ ଗ୍ରାମର ମାନ୍ୟତା ଏପର୍ଯ୍ୟନ୍ତ ପ୍ରଦାନ କରାଯାଇପାରିଲା ନାହିଁ । ୨୦୧୩ ମସିହାରେ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ ଶିଳ୍ପ ଗ୍ରାମର ମାନ୍ୟତା ପାଇଁ ଦାବି କରାଯାଇଥିଲା । କ୍ରାଫ୍ଟ କର୍ପୋରେସନର ଏମଡି ଏହାର ତଦନ୍ତ ପାଇଁ ଲଳିତଗିରି ଆସିଥିବା ଶୁଣିବାକୁ ମିଳିଛି । ଲଳିତଗିରିର ପଥର କାରୁକାର୍ଯ୍ୟ ଉପରେ ଏକ ଡ଼କ୍ୟୁମେଂଟାରି କରାଯାଇଥିଲା । ସଚିବଙ୍କ ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ଉପସ୍ଥିତ ରହିଥିଲେ । ବର୍ତମାନ ସୁଦ୍ଧା ଲଳିତଗିରିକୁ ଶିଳ୍ପ ଗ୍ରାମର ମାନ୍ୟତା ପ୍ରଦାନରୁ ବଂଚିତ କରାଯାଇଛି । ବର୍ତମାନ ୪୦୦ରୁ ଉର୍ଦ୍ଧ୍ୱ ପଥର ଶିଳ୍ପୀ ପଥର ବ୍ୟବସାୟକୁ ନିଜର ଜିବୀକା ରୂପେ ଗ୍ରହଣ କରିଛନ୍ତି । ଭାରତ ତଥା ଭାରତ ବାହାରେ ଲଳିତଗିରିର ପଥର କାରୁକାର୍ଯ୍ୟର ଚାହିଦା ଏବେବି ରହିଛି । ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବହୁ ପଥର ଶିଳ୍ପୀ ଲଳିତଗିରି ଅଂଚଳ ଛାଡି ଓଡ଼ିଶାର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ପଥର ଶିଳ୍ପକାମ କରୁଥିବା ଦେଖିବାକୁ ମିଳିଛି । ଅନେକ ସମୟରେ ଏହି ପଥର ଶିଳ୍ପୀମାନେ ଅବହେଳାର ଶୋଷଣ ହେଉଥିବା ଚର୍ଚ୍ଚା ହେଉଛି । ଏଣୁ ରାଜ୍ୟ ସରକାର ଲଳିତଗିରି ଅଂଚଳର କାରୁକାର୍ଯ୍ୟକୁ ମାନ୍ୟତା ପ୍ରଦାନ କରିବା ସହ ତୁରନ୍ତ ଲଳିତଗିରିକୁ ଶିଳ୍ପ ଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

## ନିଖୋଜ ଭିନ୍ନକ୍ଷମ ନାବାଳକଙ୍କୁ ଉଦ୍ଧାର କଲେ ସାମ୍ବାଦିକ ଓ ମହିଳା ସମାଜସେବୀ

କନ୍ଧମାଳ,୨୩/୦୭ (ନି.ପ୍ର): ନିଖୋଜ ଭିନ୍ନକ୍ଷମ ନାବାଳକଙ୍କୁ ଉଦ୍ଧାର କରି ପୋଲିସରେ ଜିମା ଦେଲେ ସାମ୍ବାଦିକ ଓ ମହିଳାସମାଜସେବୀ। କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଗଡ଼ଗାବାଲି ଗାଁ ର ଅନ୍ତିମ ମଲିକ ନାମକ ଜଣେ ଭିନ୍ନକ୍ଷମ ନାବାଳକ ଗତ ଦୁଇଦିନ ହେବ ନିଖୋଜ ଥିଲେ, ଆଉ ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ସନ୍ଧାନ ପାଇନଥିଲେ। ଦାରିଙ୍ଗବାଡି ବ୍ଲକ ସାମେଲକିଆରେ ଜଣେ ଭିନ୍ନକ୍ଷମ ନାବାଳକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ଶିକ୍ଷକ କୁନାଲ ପାତ୍ର ତାଙ୍କୁ ପଚରାଉଚୁରା କରିବା ସହିତ ସେ ଭୋକିଲା ଥିବାରୁ ତାଙ୍କୁ ପ୍ରଥମେ ଖାଇବାକୁ ଦେଇ ବାଲିଗୁଡାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ ସାଙ୍ଗେ ସାଙ୍ଗେ ସାମ୍ବାଦିକ ପ୍ରମୋଦ ଦଣ୍ଡସେନା ତୁରନ୍ତ ନାବାଳକଙ୍କୁ ଉଦ୍ଧାର ପାଇଁ ନିଜ ଫେସବୁକ ଏକାଉଣ୍ଟ ଓ ବିଭିନ୍ନ ହ୍ୱାଟ୍ସଅପ ଗ୍ରୁପରେ ନିଖୋଜ ନାବାଳକଙ୍କ ଫଟୋ ଛାଡିଥିଲେ। ଖବର ପାଇ ପରିବାର ଲୋକେ ସାମ୍ବାଦିକଙ୍କୁ ଯୋଗାଯୋଗ କରିଥିଲେ। ସାମ୍ବାଦିକ ପ୍ରମୋଦଙ୍କ ସମେତ ଭାରତୀୟ ଜନତା ଦଳର ଯୁବମୋର୍ଚ୍ଚା ଉପ ସଭାପତି ତଥା ସମାଜସେବୀ କୁସୁମ ପ୍ରଧାନ, ନାରୀନେତ୍ରୀ ରଶ୍ମିରେଖା ନାୟକ ରାତିରେ ସାମେଲକିଆ ଯାଇ ନାବାଳକଙ୍କୁ ଉଦ୍ଧାର କରିଥିଲେ ଏବଂ ବାଲିଗୁଡା ଥାନାରେ ଜିମା ଦେଇଥିଲେ । ସକାଳୁ ପରିବାର ଲୋକେ ନାବାଳକଙ୍କୁ ଥାନାରୁ ନିଜ ଘରକୁ ନେଇଥିଲେ । ସୂଚନାଯୋଗ୍ୟ, ସାମ୍ବାଦିକ ପ୍ରମୋଦ ଖବର ଅପେକ୍ଷା ଲୋକଙ୍କ ଧନ ଜୀବନ ରକ୍ଷାପାଇଁ ପ୍ରାଧାନ୍ୟ ଦିଅନ୍ତି ପୂର୍ବରୁ ବହୁ ନିଖୋଜ ବ୍ୟକ୍ତି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିଥିବା ନଜିର ରହିଛି। ନାବାଳକଙ୍କ ପରିବାର ଲୋକେ ସାମ୍ବାଦିକ ପ୍ରମୋଦ ଦଣ୍ଡସେନା, ସ୍କୁଲ ଶିକ୍ଷକ, ବିଜେପି ନେତ୍ରୀ ତଥା ସମାଜସେବୀ କୁସୁମ ଏବଂ ରଶ୍ମିରେଖାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଧାରାବାହିକ : ଜୀବନାନୁଭୂତି

ଭାଗ-୮୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ସତ୍ୟଗୋପାଳ ୧୯୩୫ ମସିହା ଫେବୃୟାରୀ ମାସରେ ବି.ଏ. ପରୀକ୍ଷା ଦେଇ ତହିଁରୁ ଉତ୍ତୀର୍ଣ୍ଣ ହେଲା ଓ ସେହିବର୍ଷ ଜୁଲାଇ ମାସରେ 'ଲ' ଓ ଏମ.ଏ. ରେ ଯୋଗଦେଲା । ୧୯୩୫ ମସିହା ଶେଷ ୧୯୩୬ ମସିହା ବୈଶାଖରେ ନିରୁପମା ଶ୍ୱଶୁରାଳୟକୁ ଚାଲିଗଲା । ଏହାର କିଛିଦିନ ଉତ୍ତାରେ ତାହାର ସ୍ୱାମୀ ଶିବନାରାୟଣ ପାଢ଼ି ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ 'ଲ' ପଢ଼ିବା ସକାଶେ କଟକରେ ରହିବା ଯୋଗାଡ଼ରେ ରହିଥିଲେ । ସେ ଆମ ଘରେରହି ପଢ଼ିବା ଓ ନିରୁପମାକୁ ଅକାରଣରେ ସମ୍ବଲପୁରରେ ନରଖି ତାକୁ ଅନ୍ତତଃ ମେଟ୍ରିକୁଲେସନ୍ ପରୀକ୍ଷା ପର୍ଯ୍ୟନ୍ତ ସ୍କୁଲରେ ରହିବା ନିମିତ୍ତ ସୁଯୋଗ ଦେବା ସକାଶେ ତାଙ୍କ ପିତାଙ୍କୁ କହିବା ପାଇଁ ତାଙ୍କୁ ବୁଝାଇଲି । ମୋର ପରାମର୍ଶର ସୁଫଳ ଫଳିଲା । ସେହିବର୍ଷର ଗ୍ରୀଷ୍ମାବକାଶ ପରେ ଯେତେବେଳେ ସ୍କୁଲ କଲେଜମାନ ଫିଟିଲା, ଶିବନାରାୟଣ ଓ ନିରୁପମା ସମ୍ବଲପୁରରୁ ଆସି ଆମ ଘରେ ଉପସ୍ଥିତ ହେଲେ ଓ ନିରୁପମା ଗାଡ଼ିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ଘର ଭିତରକୁ ପ୍ରବେଶ କରି ଆନନ୍ଦରେ କହିଲା ଯେ, ତାହାର ଶ୍ୱଶୁର ତାକୁ ପଢ଼ିବା ପାଇଁ ଅନୁମତି ଦେଇଅଛନ୍ତି । ନିରୁପମାର ସେତେବେଳେ ନବମ ଶ୍ରେଣୀ। ଉଭୟେ ଘରେ ରହିଲେ ।

ଶ୍ୟାମାର ଶିକ୍ଷା ରେଭେନ୍‌ସା ବାଳିକା ସ୍କୁଲର ଶିଶୁ ଶ୍ରେଣୀରେ ଆରମ୍ଭ ହୋଇଯାଇଥିଲା । ବିଭୁପ୍ରସାଦକୁ କନ୍‌ଭେଣ୍ଟ ସ୍କୁଲରେ ଦିଆହୋଇଥିଲା । କନ୍‌ଭେଣ୍ଟ ସ୍କୁଲରେ ପିଲାଦିନରୁ ଇଂରେଜୀରେ ଶିକ୍ଷା ଦିଆହୁଏ । ଏଠାରେ ଶିକ୍ଷୟିତ୍ରୀମାନେ ୟୁରୋପୀୟାନ୍ ଓ ଯେଉଁ ଜଣେ କେତେ ଦେଶୀୟ ଶିକ୍ଷୟିତ୍ରୀ ଥିଲେ ସେମାନେ ମଧ ଇଂରେଜୀ ସ୍କୁଲ ଧରଣର ଶିକ୍ଷା ଦେଉଥିଲେ । ବାଲ୍ୟକାଳରୁ ଇଂରେଜୀ ଶିକ୍ଷାପ୍ରାପ୍ତି ସକାଶେ ଏହା ଏକ ଉପଯୁକ୍ତ ସ୍ଥାନ ।

ଏହି ପ୍ରକାରେ ପୁଅଝିଅଙ୍କ ପଢ଼ାର ସୁବନ୍ଦୋବସ୍ତ ହୋଇଗଲା ଓ ମୁଁ ଘରେ ଏମାନଙ୍କୁ ପଢ଼ାଇବି ବୋଲି ମନେ ମନେ ସ୍ଥିର କରି ସେହି ଅନୁସାରେ ମୋର ସରକାରୀ କାର୍ଯ୍ୟ ନିୟନ୍ତ୍ରଣ କରିନେଲି । ଅନ୍ୟ କୌଣସି ଆଡ଼େ ଅକାରଣରେ ସମୟ କ୍ଷେପଣ କରିବା ଛାଡ଼ିଦେଲି । ପ୍ରତ୍ୟହ ଭୋର ଚାରି ପାଞ୍ଚଟା ମଧରେ ଶଯ୍ୟା ତ୍ୟାଗକରି ଆମ୍ଭେମାନେ ଜଣକେତେ ବନ୍ଧୁ ମିଳିତ ହୋଇ ମହାନଦୀ କୂଳକୁ ବୁଲିବାକୁ ଯାଉ । ଏଇ ସମୟରେ ସ୍ୱର୍ଗୀୟ ରାୟବାହାଦୁର ଉମାଚରଣ ଦାସ ଡେପୁଟି କଲେକ୍ଟର ଓ କମିଶନରଙ୍କ ସେକ୍ରେଟାରୀ। କଟକର ଡିଷ୍ଟ୍ରିକ୍ଟ ସବ୍‌ରେଜିଷ୍ଟ୍ରାର ରାୟସାହେବ ନନ୍ଦକିଶୋର ମହାନ୍ତି, ଅଧ୍ୟାପକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଗୁରୁଚରଣ ମହାନ୍ତି ଓ କୃତ୍ତିବାସ ସାମନ୍ତରାୟ, ରେଭେରେଣ୍ଡ ବ୍ରଜାନନ୍ଦ ଦାସ, ଡାକ୍ତର ଗିଡିଏନ୍ ସାହୁ ନିୟମିତ ଭାବେ ମହାନଦୀ କୂଳ ଭ୍ରମଣର ସହଯାତ୍ରୀ । ତିନିଚାରି ମାଇଲ ବୁଲି ଛଅଟା ବେଳକୁ ଫେରିଆସି ପ୍ରାତଃକୃତ୍ୟାଦି ସମାପନପୂର୍ବକ ଝିଅମାନଙ୍କୁ ପଢ଼ାଇବାରେ ଲାଗିଯାଏ । କ୍ରମେ କ୍ରମେ ଏମାନଙ୍କ ସୁଦ୍ଧା ଏପରି ଅଭ୍ୟାସ ହୋଇଗଲା । ଯେ ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତେ ଶଯ୍ୟାତ୍ୟାଗ କରି ପ୍ରାତଃକୃତ୍ୟାଦି ସମାପନପୂର୍ବକ ପ୍ରାତରାଶାନ୍ତେ ବହିପତ୍ର ଧରି ବସିଯାନ୍ତି । ପ୍ରତ୍ୟହ ସକାଳ ୭ଟାରୁ ୯ଟା ଓ ରାତ୍ରିରେ ୭ଟାରୁ ୯ଟା ପର୍ଯ୍ୟନ୍ତ ଏହି ପ୍ରକାରେ ପିଲାଙ୍କୁ ପଢ଼ାଇବା ସକାଶେ ନିର୍ଦ୍ଦିଷ୍ଟ ହୋଇ ରହିଥାଏ ଓ ବିଶିଷ୍ଟ କାରଣ ଉପସ୍ଥିତ ନ ହେଲେ ଏହାର ବ୍ୟତିକ୍ରମ ହୁଏନାହିଁ । ସମସ୍ତେ ମନୋଯୋଗ ସହକାରେ ପଢ଼ିବାକୁ ଲାଗିଲେ । ମୋ ମନରେ ଏହି ଧାରଣା ଦୃଢ଼ବଦ୍ଧ ହୋଇ ରହିଥାଏ ଯେ, ଭଗବାନ ଏତେଗୁଡ଼ିଏ ଝିଅ ମୋର ଦୁର୍ବଳ ହସ୍ତରେ ଯେଉଁ ଉଦ୍ଦେଶ୍ୟରେ ଦାନ କରିଅଛନ୍ତି ତାହାର ପୂରଣ ସକାଶେ ନିଶ୍ଚୟ ସେ ମୋତେ ଶକ୍ତି ପ୍ରଦାନ କରିବେ । ଝିଅମାନେ ଯେ କେବଳ ପାକଶାଳାର ଅଧିକାରିଣୀ, ଅନ୍ୟ କୌଣସି ଉଚ୍ଚତର କାର୍ଯ୍ୟ ସକାଶେ ଅଯୋଗ୍ୟ, ଏହି ଧାରଣା ମୋ ମନରୁ କ୍ରମେ ଦୂରୀଭୂତ ହେବାକୁ ଲାଗିଲା ।

ପୁରୀ ତ୍ୟାଗ ସମୟରେ ସେଠାରେ ମାର୍କଣ୍ଡେଶ୍ୱର ସାହିସ୍ଥ ମଧଓଡ଼ିଆ ବାଳିକା ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀ ବାମଦେବ ମିଶ୍ରଙ୍କୁ ସେହି ସ୍କୁଲର ଯେଉଁ ବାଳବିଧବା ଛାତ୍ରୀ ସୂର୍ଯ୍ୟମଣି ସମ୍ବନ୍ଧରେ କହି ଆସିଥିଲି ସେ ସମ୍ବନ୍ଧରେ ୧୯୩୬ ମସିହା ଜାନୁୟାରୀରେ ଖଣ୍ଡେ ପତ୍ର ପାଇଲି । ସେ ଲେଖିଥିଲେ ଯେ ସୂର୍ଯ୍ୟମଣି ବୃତ୍ତି ପରୀକ୍ଷାରେ ପୁରୀ ଜିଲ୍ଲାର ଛାତ୍ରୀମାନଙ୍କ ମଧରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ଚାରିଟଙ୍କାର ବୃତ୍ତି ପାଇଛି । ପୁରୀରେ ତାହାର ବୈଧବ୍ୟ କଥା ଶୁଣି ମୋ ମନରେ ଏହି ଭାବ ଉଦିତ ହୋଇଥିଲା ଯେ, ଦରିଦ୍ର ବ୍ରାହ୍ମଣ କନ୍ୟାର ଜୀବନ ଅନ୍ୟାନ୍ୟ ବିଧବାଙ୍କ ତୁଲ୍ୟ ପୁରୀରେ ନଷ୍ଟ ହେବ କାହିଁକି ? ଏହାକୁ ପାଠ ପଢ଼ାଇଲେ ନିଜେ ପବିତ୍ର ଜୀବନଯାପନ କରି ଅନ୍ନସଂସ୍ଥାନ ମଧ କରିପାରିବ । ତାହାର ପିତାଙ୍କୁ ମୋଠାକୁ ପଠାଇଦେବା ପାଇଁ ବାମଦେବ ବାବୁଙ୍କୁ ପତ୍ର ଲେଖିଲି । ତିନି ଚାରି ଦିନ ପରେ ସେ ମୋ ବସାରେ ଆସି ଉପସ୍ଥିତ ହେଲେ । ମୁଁ ତାଙ୍କୁ ପଚାରିଲି, 'ସୂର୍ଯ୍ୟମଣି ବୃତ୍ତି ପାଇଛି, ସେ ଆଉ ପଢ଼ିବ କି ନାହିଁ?' ତାକୁ ପଢ଼ାଇବାକୁ ହେଲେ କଟକରେ ରଖିବାକୁ ହେବନ୍ତ ଯେହେତୁ ପୁରୀରେ ତାହାର ଉଚ୍ଚଶିକ୍ଷା ସକାଶେ ସ୍ଥାନ ନାହିଁ । ସେହି ସମୟରେ କୌଣସି ହାଇସ୍କୁଲରେ ଆଜିକାଲି ପରି ବାଳକ ଓ ବାଳିକାମାନଙ୍କ ସହ ଶିକ୍ଷାର ବ୍ୟବସ୍ଥା ନଥିଲା । ସେ କହିଲେ, 'ମୁଁ ଗରିବ ଲୋକ, କଟକର ଖର୍ଚ୍ଚ ଯୋଗାଇବା ମୋ ପକ୍ଷରେ ଅସମ୍ଭବ ।' କହୁ କହୁ ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା ଓ ପୁଣି ସେ କହିଲେ, 'ମୁଁ ତାଙ୍କୁ ବିବାହ କରାଇଦେବି । ଆଜିକାଲି ତ କେତେ ବ୍ରାହ୍ମଣ ବିଧବା-ବିବାହ ହୋଇଗଲାଣି ।' ମୁଁ କହିଲି, 'ହଉ, ବିବାହ କରିଦେବାରେ ଆଜିକାଲି ବାଧା ନାହିଁ । କିନ୍ତୁ ଏକ୍ଷଣି ବିବାହ କଲେ ଜଣେ ଚପରାସୀ ବା ପୂଜାରୀ ବା ଅନ୍ୟ କୌଣସି ନିମ୍ନଶ୍ରେଣୀର ବର ମିଳିବ । ବଡ଼ କରି ବିବାହ କରିବେ ନାହିଁ କାହିଁକି ? ସେ ବର୍ତ୍ତମାନ ପାଠ ପଢ଼ୁ । ତାହାର ପିଲା ବୟସ । ପାଠ ପଢ଼ିଲେ, ପରେ ଭଲ ବର ମିଳିବ । ମୁଁ ତାହାର ପାଠର ସମସ୍ତ ଭାର ନେବି । ଆପଣଙ୍କୁ ପଇସାଟିଏ ସୁଦ୍ଧା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଆପଣ କେବଳ ତାକୁ ମୋ ଜିମ୍ମାରେ ଛାଡ଼ି ଦେଲେ ହେଲା ।' ତତ୍ପରେ ବହୁ ଆଲୋଚନା ପରେ ସେ ରାଜି ହେଲେ । ପୁଣି କହିଲେ, 'ସୂର୍ଯ୍ୟମଣିକୁ ମୋ ପାଖରେ ଆଣି ଛାଡ଼ି ଦିଅନ୍ତୁ। ମୁଁ ତାକୁ ରେଭେନ୍‌ସା ବାଳିକା ସ୍କୁଲରେ ଭର୍ତ୍ତି କରିଦେବି । ସେଠାରେ ଆପଣଙ୍କୁ ଲେଖିଦେବାକୁ ହେବ ଯେନ୍ତ କଟକରେ ମୁଁ ତାହାର ମୁରବି ହୋଇ ରହିବି । ମୁଁ ତାକୁ ମୋ ଘରେ ରଖିବି ନାହିଁ । ହଷ୍ଟେଲରେ ରଖିଦେବି ଓ ସମସ୍ତ ଖର୍ଚ୍ଚ ମୁଁ ଦେବି । ତାହାର ପଢ଼ାପଢ଼ିରେ ଆପଣ ବାଧା ଦେବେ ନାହିଁ । ଏପରିକି ଛୁଟିରେ ଆପଣଙ୍କ ପାଖୁ ଯାଇ ଅଳ୍ପ ସମୟ ରହୁଥିବ । ଅଧିକାଂଶ ସମୟ ଆମ ଘରେ ମୋ ଝିଅମାନଙ୍କ ସଙ୍ଗେ ରହିବ ।' ଅଳ୍ପଦିନ ପରେ ସୂର୍ଯ୍ୟମଣିକୁ ଆଣି ମୋ ବସାରେ ଉପସ୍ଥିତ ହେଲେ । ମୁଁ ତାକୁ ନେଇ ରେଭେନ୍ସା ବାଳିକା ସ୍କୁଲର ସପ୍ତମ ଶ୍ରେଣୀରେ ଭର୍ତ୍ତି କରିଦେଲି । କେବଳ ସେ ଓଡ଼ିଆ ବିଷୟଗୁଡ଼ିକରେ ପରୀକ୍ଷା ଦେଇ ପାସ୍ କରିଥିଲା । ସେହି ଶ୍ରେଣୀରେ ଆଉ ବର୍ଷେ ରହି ଇଂରେଜୀ ପଢ଼ିବାକୁ ହେବ । ମୁଁ କହିଥିବା ଅନୁସାରେ ତାହାର ପିତା, ମୁଁ ତାହାର ସ୍ଥାନୀୟ ଅଭିଭାବକ ବୋଲି ଲେଖିଦେଇ ଗଲେ । ତାକୁ ସ୍କୁଲ ସଂଲଗ୍ନ ହଷ୍ଟେଲରେ ରଖିଦେଲି । କିନ୍ତୁ ପ୍ରତି ଶନିବାର ସନ୍ଧ୍ୟାରେ ମୋ ଝିଅମାନଙ୍କ ସଙ୍ଗେ ଆସି ସୋମବାର ସକାଳେ ଚାଲିଯାଏ । ଶନିବାର ରାତି ଓ ରବିବାର ଦିନ ତାହାର ପଢ଼ାପଢ଼ି ସମ୍ବନ୍ଧରେ ବୁଝେ ଓ ମୋ ଝିଅମାନଙ୍କ ସହିତ ପଢ଼ାଏ । ଏମାନଙ୍କ ସହିତ ଘରକରଣା ଓ ସିଲେଇ ଆଦିରେ ମଧ ତାକୁ ଶିକ୍ଷା ଦିଆହୁଏ । ଫଳତଃ ମୋ ଝିଅମାନଙ୍କ ସହିତ ତାହାର ମଧ ଶିକ୍ଷା ଚାଲିଥାଏ । ମୋର ଏଗାରଟି ଝିଅମାନଙ୍କ ସଙ୍ଗେ ସୂର୍ଯ୍ୟମଣି ମଧ ଗୋଟିଏ ଝିଅ ହୋଇ ରହିଥାଏ । ସେତେବେଳେ ତାହାର ବୟସ ୧୧-୧୨ ବର୍ଷ ମାତ୍ର ।(କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ- ୫୮

### ॥ ପିଲାଟା ବିଗିଡ଼ିଗଲା ॥

ପୂର୍ବରୁ କହିଛି ଭଲ କାହାଣୀ ଭଲ ଟିମ୍ ପାଇଲେ ମୁଁ ସବୁକିଛି ଭୁଲିଯାଏ । ମୋର ବହୁତ ଭଲ ସ୍କ୍ରିପ୍ଟ ବାଜେ ଟିମ୍ ପାଇଁ ଦୟନୀୟ ଭାବରେ ଦର୍ଶକୀୟ ସ୍ୱୀକୃତି ହାସଲ କରିପାରିନାହିଁ । ପୂର୍ବରୁ ଚଳଚ୍ଚିତ୍ର ନିର୍ମାଣ ପୂର୍ବରୁ କାହାଣୀ ସଂଗୀତ ସ୍ଥିର କରାଯାଇ ପାତ୍ର ଉପଯୋଗୀ କଳାକାର ଚୟନ କରାଯାଉଥିଲା । ମାତ୍ର ପରେ ପରେ ପରିସ୍ଥିତି ବଦଳିଗଲା । ନାୟକ ନାୟିକାମାନେ ନିଜକୁ ସୁହାଇଲା ପରି କାହାଣୀ ସ୍ଥିର କରିବା, ଲବି କରିବା, ସହଅଭିନେତା ଏପରିକି ଟିମ୍ ମେମ୍ବରଙ୍କ ଚୟନରେ ମଧ ମୁଣ୍ଡ ପୁରାଇଲେ । ଏସବୁ ଘଟିଲା ଦୁଇଟି କାରଣରୁ ପ୍ରଥମତଃ ପ୍ରଫେସନାଲ ପ୍ରଯୋଜକ, ନିର୍ଦ୍ଦେଶକଙ୍କର ଅଭାବ । ଦ୍ୱିତୀୟତଃ ଏକ ମନୋରଂଜନର ମାଧ୍ୟମ ଭାବି କିଛି ବ୍ୟକ୍ତିଙ୍କର ଅନୁପ୍ରବେଶ । ସେହିପରି ତ୍ୟାଗ, ପରିଶ୍ରମ ରହିତ ରାତାରାତି ଗ୍ଲାମର ଦୁନିଆରେ ଷ୍ଟାର୍ ବନିବାର ସ୍ୱପ୍ନ ନେଇ କିଛି କଳାକାରଙ୍କର ଆବିର୍ଭାବ ଓଡ଼ିଆ ଚଳଚ୍ଚିତ୍ରର ଧାରାରେ ବିଶେଷ ପରିବର୍ତ୍ତନ ଆଣିଲା ।

ବ୍ୟାଣ୍ଡ ପାର୍ଟିରେ ଗୀତ ନବାଜିଲେ ଗୀତ ହିଟ୍ ନୁହେଁ କହି ସଂଗୀତକୁ ମଧ ବିକୃତ କରାଗଲା । ଆଲ୍‌ବମ୍‌ର ଲୋକପ୍ରିୟତା ସାଥିରେ ଚଳଚ୍ଚିତ୍ରକୁ ତୁଳନା କରାଗଲା । ଫଳତଃ ଯାହା ଆଶଙ୍କା କରାଯାଉଥିଲା ସେଇଆ ହିଁ ଘଟିଲା । ମୌଳିକ କାହାଣୀ ବଦଳରେ ଶସ୍ତା ପ୍ରାଦେଶିକ ଚଳଚ୍ଚିତ୍ରକୁ ଅନୁକରଣ କରିବା, ସାମାନ୍ୟ ଲୋକପ୍ରିୟତାରେ କିଛି କଳାକାରଙ୍କର ନଖରାମୀ, କିଛି ଟେକ୍ନିସିଆନ ପ୍ରଡ୍ୟୁସରଙ୍କୁ ବୁଡ଼ାଇବା, ଡିଷ୍ଟ୍ରିବ୍ୟୁସନରେ ଅଭିଜ୍ଞତା ନଥିବାରୁ ପ୍ରଯୋଜକ ବାଉଳି ହେବା କାରଣରୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ରସାତଳକୁ ଚାଲିଗଲା । ଦର୍ଶକମାନେ ସିନେମାହଲ୍ ଆଡୁ ମୁହଁ ଫେରାଇଲେ । ପ୍ରଯୋଜକମାନେ ବିଫଳତା ଆଶଙ୍କାରେ ମୋଟା ଅଂକ ଖଟାଇବାକୁ ଭୟକଲେ । ସ୍ୱଳ୍ପ ବଜେଟ୍‌ରେ ଚଳଚ୍ଚିତ୍ର ପ୍ରସ୍ତୁତ କରି ହଲ୍ ବଦଳରେ ଚ୍ୟାନେଲ୍‌ମାନଙ୍କରେ ଚଳାଇବାର ମାନସିକତା ଜୋର୍ ଧରିଲା ।

ଓଡ଼ିଶାର ଟେକ୍ନିସିଆନ୍ ମାନେ ଜାତୀୟ ସ୍ତରରେ ବେଶ୍ ପାରଦର୍ଶିତା ଦେଖାଇ ପାରୁଛନ୍ତି । ସେମାନଙ୍କ ପ୍ରତିଭା ମଧ ସ୍ୱୀକୃତି ଲାଭ କରିଛି । ମାତ୍ର ସେମାନେ ଓଡ଼ିଶାରେ ଆସି ଭଲ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଆଗଭର ହେଉ ନାହାନ୍ତି ଠିକ୍ ଏହିସବୁ କାରଣରୁ ।

୨୦୧୫ ମସିହାରେ ଦୁଇଗୋଟି ଚଳଚ୍ଚିତ୍ର ମୋର ମୁକ୍ତିଲାଭ କରିଥିଲା । ଗୋଟିଏ ଥିଲା ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'ପିଲାଟି ବିଗିଡ଼ିଗଲା' ଓ ସୁଧାକର ବସନ୍ତଙ୍କ 'ଆଶିକ୍' । କିଛି ବାସ୍ତବତା (ବୃତ୍ତିଗତ) ହେତୁ ମୋର ଚଳଚ୍ଚିତ୍ରର ଧାରା କିଛିଟା ଶିଥିଳ ପଡ଼ିଯାଇଥିଲା ସେତେବେଳେ । ଅଭିନେତା ସବ୍ୟସାଚୀଙ୍କ ସହ ମୋର ପାରିବାରିକ ସଂପର୍କ, କାରଣ ସବ୍ୟଙ୍କ ମା' ସୁଷମା ମିଶ୍ର ଜଣେ ଭଲ ଲେଖିକା ତଥା ଜଣେ ଭଲ ମଣିଷ । ସବ୍ୟ ଯଦିଓ ସେତେବେଳେ ମୋ ସହିତ ହାତଗଣତି ମାତ୍ର କେତୋଟି ଚଳଚ୍ଚିତ୍ର କରିଥାନ୍ତି ମୋର କିନ୍ତୁ ଘନିଷ୍ଠତା ବଢ଼ି ଯାଇଥାଏ । କାରଣ ସବ୍ୟର ସବୁ କଥାରେ ଇନ୍‌ଭଲ୍‌ମେଣ୍ଟ । ଚଳଚ୍ଚିତ୍ରଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଥିରେ ସବ୍ୟ ସଂପୃକ୍ତ ଥାଏ । ପ୍ରଚାର ପ୍ରସାର, ପ୍ରମୋସନ୍ ସବୁଥିରେ ଆଗୁଆ । ହଠାତ୍ ସବ୍ୟ ଟେଲିଫୋନ୍ ପାଇ ଜଣେ ପ୍ରଯୋଜକଙ୍କ ଅଫିସ୍‌ରେ ପହଞ୍ଚିଲି । ପ୍ରଯୋଜକ ପୂର୍ବରୁ ଚିହ୍ନା । 'ସ୍ମାଇଲ୍ ପ୍ଲିଜ୍'ର ପ୍ରଯୋଜନା ପାଇଁ ଚାହିଁଥିଲେ ମାତ୍ର ସମ୍ଭବ ହୋଇ ପାରିନଥିଲା । ଏଥରକ ନିର୍ଦ୍ଦେଶକ ଭୂମିକାରେ ବସନ୍ତ ସାହୁ । ଜଣେ ମି. କୁଲ୍ ଭାବରେ ଜଣାଶୁଣା । ଅଭିଜ୍ଞତାରେ ପରିପକ୍ୱ । ଟ୍ରେଣ୍ଡି ଟେକ୍ନିସିଆନ୍, ପୂର୍ବରୁ ମୋର ବସନ୍ତ ସାହୁଙ୍କ ସହିତ ପରିଚୟ ଥିଲେ ମଧ କାମ କରିବାର ସୁଯୋଗ ପାଇନଥାଏ ।

ସେହିଦିନ ବସନ୍ତ ସାହୁଙ୍କୁ ନିର୍ଦ୍ଦେଶକ ଭାବରେ ଜାଣି ମୋର ଉତ୍ସାହ ବଢ଼ିଗଲା । ବସନ୍ତ ଭାଇ କାହାଣୀ ଶୁଣାଇଲେ ହାସ୍ୟରସ ଓ ଫ୍ୟାମିଲି ସେଣ୍ଟିମେଣ୍ଟର ମସଲା ଭରପୁର । ଖୁସି ଲାଗିଲା । ଓଡ଼ିଆ ଚଳଚ୍ଚିତ୍ରରେ ଏକାନ୍ତ ଭାବେ ହାସ୍ୟରସ ଆଧାରିତ ହାତଗଣତି କେଇଟି ଚଳଚ୍ଚିତ୍ର, ଯେହେତୁ ହାସ୍ୟରସ ମୋର ପସନ୍ଦ ଓ ବିଶେଷକରି ଧାରାବାହିକମାନଙ୍କରେ ମୁଁ ଅତୀତରେ ବେଶ୍ ପରୀକ୍ଷା ନିରୀକ୍ଷା କରିଥିଲି ମୋର ଆଗ୍ରହ ବଢ଼ିଯିବା ସ୍ୱାଭାବିକ ଥିଲା ।

ସେହିଦିନ ମତେ ଓ ନିର୍ଦ୍ଦେଶକଙ୍କୁ ଆଡ୍‌ଭାନ୍ସ ଦିଆଗଲା । ସ୍କ୍ରିପ୍ଟିଂ ଆରମ୍ଭ କରିବାର ପ୍ରସ୍ତୁତି ଚାଲିଲା ଫୁଲ୍‌ଦମ୍‌ରେ । ବସନ୍ତ ସାହୁଙ୍କ ଭଳି ଅଭିଜ୍ଞ ନିର୍ଦ୍ଦେଶକଙ୍କ ସାଥିରେ କାମ କରିବାର ସୁଯୋଗ ମତେ ଉତ୍ସାହିତ କରୁଥାଏ । ହେଲେ ଏଭଳି ଏକ ହାସ୍ୟରସର କାହାଣୀକୁ ଜୀବନରେ ଖୁବ୍ ମାପିଚୁପି ହସୁଥିବା ଓ ଗମ୍ଭୀର ମନେହେଉଥିବା ନିର୍ଦ୍ଦେଶକ ବସନ୍ତ ସାହୁ କିଭଳି ଏକ ହିଲାରିଅସ୍ କମେଡି କାହାଣୀର ପରିକଳ୍ପନା କରିପାରିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଥାଏ । ଯଦିଓ ବାସ୍ତବ ଜୀବନରେ ବସନ୍ତ ଭାଇ ବେଶ୍ ଖୋଲା ଓ ତାଙ୍କର ସେନ୍ସ ଅଫ୍ ହ୍ୟୁମର ଅଧିକ ।

କିନ୍ତୁ ପୁଣି ଦୁର୍ଭାଗ୍ୟ । କିଛି କାରଣରୁ ପ୍ରଯୋଜକ ପ୍ରୋଜେକ୍ଟରୁ ଓହରିଗଲେ । ମାତ୍ର ନାୟକ ସବ୍ୟ ଖୁବ୍ ଜିଦ୍‌ଖୋର୍ । କାହାଣୀଟି ଆମ ମନକୁ ଛୁଇଁ ଯାଇଥିଲା । କୌଣସି ପରିସ୍ଥିତିରେ କାହାଣୀଟିର ଚଳଚ୍ଚିତ୍ର ରୂପାୟନ ପାଇଁ ଲାଗି ପଡ଼ିଲେ । ବସନ୍ତ ଭାଇ ନିର୍ଦ୍ଦେଶକ ଏଇ କାହାଣୀରେ କମ୍ପ୍ରୋମାଇଜ୍ କରିବାକୁ ଚାହୁଁନଥିଲେ । ତେଣୁ ସେହିପରି ଜଣେ ଖୋଲା ହୃଦୟର, ଦିଲ୍‌ଦାର ପ୍ରଯୋଜକ ଖୋଜୁଥିଲୁ ଆମେମାନେ । କଟକର ପୁସ୍ତକ ବ୍ୟବସାୟୀ ଭରେଲ୍‌ୱାଲ୍ ବାବୁ ଚଳଚ୍ଚିତ୍ରଟିକୁ ବନାଇବା ପାଇଁ ସ୍ୱୀକୃତି ପ୍ରଦାନ କଲେ । କନ୍ୟା ପୂଜା ସବୁ ଦାୟିତ୍ୱ ନେଲେ । ଫୁଲ୍ ଦମ୍‌ରେ ପ୍ରସ୍ତୁତି ଚାଲିଲା । ବସନ୍ତ ଭାଇ ଟେକ୍ନିସିଆନ ମାନଙ୍କୁ ଆଡ୍‌ଭାନ୍ସ ଦେଲେ । ସ୍କ୍ରିପ୍ଟ ପ୍ରସ୍ତୁତି ଚାଲିଲା । ମୁଁ ଦୁଇ ତିନିଥର କଟକ ବସନ୍ତ ଭାଇଙ୍କ ଘରକୁ ଗଲି ଆଲୋଚନା ପାଇଁ । ବସନ୍ତ ଭାଇ ଲାଇନ୍ ଅପ୍ କଲେ । ଚିତ୍ରନାଟ୍ୟ ପ୍ରସ୍ତୁତି ପରେ ମୁଁ ବସିଲି ସବ୍ୟଙ୍କ ଘରେ ସ୍କ୍ରିପ୍ଟିଂରେ । କୌଣସସି ହୋଟେଲରେ ବସି ଆଡ଼ମ୍ବର ପୂର୍ବ ଶୈଳୀରେ ସିନେମାକାମ କରିବାର ସପକ୍ଷରେ ମୁଁ ନଥାଏ । ସୁଷମା ମ୍ୟାଡାମଙ୍କ ହାତ ରୋଷେଇ, ସବ୍ୟ ଓ ମୁଁ ସ୍କ୍ରିପ୍ଟରେ । ଖୁବ୍ ଭଲ ଲାଗୁଥାଏ ।(କ୍ରମଶଃ)

## କବିତା .....

### ॥ ସେ ଅଲେଖ ॥

ନକୁଳ ଚନ୍ଦ୍ର ସାହୁ



ସାରା ଜୀବନ ମୁଁ ଖାଇଚି ଅଫିମ
ପରଫେକ୍ଟ ଟାଇପ୍ ଅଫ୍
ରୋମାଣ୍ଟିକ୍ କମ୍ପୋଜିସନ୍
ଅଭିବ୍ୟକ୍ତିକୁ ଅଲଗା କରିନାହିଁ ପ୍ରତିଫଳନ
ଅବିଶ୍ୱାସକୁ ନିଲମ୍ବନ କରିଛି ବହଳ ଇଚ୍ଛା ।

କିଏ ଜିତିଛି ?
ହୃଦୟ ଭିତରୁ ଉଦୟିତ ଜୀବନ ନକ୍ଷତ୍ର
ନାଁ କେଉଁଠି ଅସ୍ତ ହୋଇ ଯାଇଥିବା
ଜଳନ୍ତା କପୋତ ?
ଜନ୍ମଟା ନିଦୁଆ,
ଭୁଲିଯିବାଟା ପ୍ଲାଟୋନିକ୍ ଦୁଃଖ

ଆଉ ହାରିଯିବାଟା
ଫ୍ୟାକ୍ଟସ୍ ଅଫ୍ ଏକ୍ସପିରିଏନ୍ସ
ତୁମେ ତାକୁ ଜାଣିଛ !

ମାଇଁ ହାର୍ଟ ଆଜ୍ ଡ୍ରାଇ ଆଜ୍ ଡଷ୍ଟସ୍ !

ଗୋଟିଏ ସ୍ୱପ୍ନ
ଚିତ୍ରକଳ୍ପଟି ଜୀବନ୍ତ
ଛାୟାଟି ହିଁ ତା'ର ବିଶେଷତ୍ୱ
ଆଳଂକାରିକ ଓ ନୈତିକ

ଜୀବନଟା ସନେଟ୍ ନୁହେଁ, ପ୍ରୋଜ୍
ଲେଖ, ଲେଖ ତାକୁ ଲେଖ, ସେ ଅଲେଖ !

♥ ଶବଦଘର, ଗୋଡିସାହି,
କଟକ-୭୫୪୦୦୬

### ॥ ନୂଆ ଠିକଣା ॥

ପ୍ର. ଗିରିଜା ଶଙ୍କର ଶର୍ମା



ଫେରିବାକୁ କହୁଛ ଯେ
ଫେରିବି କେଉଁଠିକି ?
ତିକ୍ତ ମଧୁର ସଂପର୍କର ଢେଉ
ଭସେଇ ନେଇଛି ଘରଦ୍ୱାର
ଲୋଭ ମୋହର ଆକର୍ଷଣ
ଶୋଷି ନେଇଛି
ଯାହାକିଛି ମୂଲ୍ୟବାନ ଥିଲା ମୋ ପାଖରେ,
କଣା ପ୍ୟାଣ୍ଟ ପକେଟରୁ
ଗଳି ପଡ଼ିଛି ଆଉକିଛି
ଫେରିବାର ଠିକଣା ବି ହଜି ଯାଇଛି
ସମୟର ଅର୍ଗଳି ଭିତରେ ।

ମୁଣ୍ଡ ଉପରେ ଛାଇ ଟିକେ ନାହିଁ ।
ଛାଇ ଖୋଜି ଖୋଜି ପହଁଚିଛି
କଂଶୁକ ଗଛ ମୂଳକୁ ।
ସବୁଜ ପତ୍ରଟିଏ ବି ଦିଶେନା,
ହେଲେ ନାଲ ଟହଟହ ଫୁଲରେ

ଭର୍ତ୍ତି ହୋଇଛି ଗଛ ।
କି ସୁନ୍ଦର ସତେ ଫୁଲଟି
ଭେଲଭେଟି ପାଖୁଡ଼ା, ସତେ ଯେପରି
ଶୁଆମାନଂକ ଚଂଚୁ ଖଞ୍ଜି ହୋଇଛି ଫୁଲରେ ।
ବାସ୍ନା କିନ୍ତୁ କିଛି ନାହିଁ
ଫିଙ୍ଗି ଦେଲି ଫୁଲକୁ ।
ଯେ କି ଫୁଲ, ଯିଏ ବିଛୁରି ପାରେନି ସୁବାସ
ମୋ ଆତ୍ମୀୟ ସ୍ୱଜନଙ୍କ ପରି ।
ଫିଙ୍ଗା ଯିବନି ତ ଆଉ କଣ ?

ମନ ଦୁଃଖରେ ଆଗକୁ ଗଲି ।
ଖୋଜିବାକୁ ତ ପଡ଼ିବ ନିଜ ପାଇଁ ଠିକଣାଟିଏ ।
ଚାଲିଲି, ଚାଲିଲି ଆଗେଇ ଚାଲିଲି
ଦିନ ଯାଇ ରାତି ହେଲା
ରାତି ଯାଇ ଦିନ ହେଲା
ପୁଣି ଦିନ ଯାଇ ରାତି ହେଲା

ବେଶ କିଛିକାଳ ଏପରି ଚାଲିଲା
ବ୍ୟଥାରେ ଅବଶ ଶରୀର,
ଆଉ ଯିବାକୁ ଶକ୍ତି ନାହିଁ
ଏଠି ହିଁ ରହିବାକୁ ହେବ ।
ଘଣ୍ଟ ଶଂଖର ଶବ୍ଦରେ
ସକାଳେ ନିଦ ଭାଂଗୁଥିବ
ଏହାହିଁ ମୋର ନୂଆ ଠିକଣା ହେବ ।

♥ ସୋନାପାଲି, ଧନକଉଡ଼ା
ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

### ॥ ମିଳନରେ ମିଳେଇ ଯାଏ ଯାହା ॥



କେଦାର ମିଶ୍ର

ମୁଁ ତୋତେ ଦେଖେ ଓ
ତୋ ଭିତରେ ମିଳେଇଯାଏ ।

ଯେମିତି ପାଣି ଭିତରେ ଲୁଣ
ଯେମିତି ରକତ ଭିତରେ ନିଆଁ
ଯେମିତି ଶୋଷ ଭିତରେ ସ୍ୱପ୍ନନଦୀ ।

ତୁ ମୋ ଭିତରେ ଗୋଟେ
ଫିଟି ପାରୁନଥିବା ଘୂର୍ଣ୍ଣିବାତ୍ୟା
ବିଶାଳ ତୋର ଆଖି
ବିପୁଳ ତୋର ଧ୍ୱଂସ କରିଦେବାର କାମନା
ବିନମ୍ର ତୋର ନୀଳ ଅଗ୍ନିର ଉତ୍ତେଜନା
ତୁ ମୋ ମୁଣ୍ଡରେ ନାଚୁଛୁ
ଭୀଷଣ ତାଣ୍ଡବ ।

ତୋର ନାଚରେ ଧୂଳି ପରି ଉଡିଯାଉଛି ମୁଁ
କୋମଳ ପଲ୍ଲବରେ ତୁ ଆଙ୍କୁଛୁ
ଧୂଳିଆ ଭାଗ୍ୟର କବିତା
ତୁ ମୋ ଭିତରେ ସଞ୍ଚରି ଯାଉଛୁ
ଆସିନଥିବା ସକାଳର ଭୈରବୀ ।

ତୁ ମୋ ଭିତରେ ଏବେ ଜଳୁଛୁ ଓ ମୋତେ
ପାଉଁଶ କରି ଥୋଇଛୁ ।

ପାଉଁଶ ଭିତରେ ମୁଁ ରଜନୀଗନ୍ଧା
ମହକ ଭିତରେ ମୁଁ କଳାପଟା
କଳାମେଘର ଡମ୍ବରୁ ନାଦରେ ମୁଁ କଳାପାହାଡ ।

ତୁ ଅଣଚାଶ ହୋଇ ବୋହୁଛୁ ମୋର ନାଡିରେ
ତୁ ନାହୁଁ, ତୁ ମରି ଯାଇଛୁ ମୋର ମରଣରେ ।

♥ ବିନୋଦିନୀ ନିବାସ
୨୬୫/୧୭୩୬ଏ, ଶାସ୍ତ୍ରୀ ନଗର
ୟୁନିଟ-୪, ଭୁବନେଶ୍ୱର-୧

### ॥ ଶୂନ୍ୟତାର ବର୍ଷାବୁଂଦା ॥

ଯୋଗ୍ୟଶ୍ରୀ ସାମଲ



ନା, ଆଉ ନୁହେଁ
ବହୁତ ହୋଇଗଲା,
ତୁମ ବିଶ୍ୱାସ, ଅବିଶ୍ୱାସର ସାପ ସିଡ଼ି ଖେଳ,
ଆଉ ବୁଝାଇବିନି ତୁମକୁ
ସେ ଖେଳରେ ମୋର
ସବୁ ସୁଖଦ ମୁହୂର୍ତ୍ତରୁ
କେମିତି ନିଗିଡ଼ି ଆସେ ଝାଳ ।

ସବୁ ପାଇଯିବାର ଖୁସିକୁ
ଯେବେ ଆଉଟିକେ
ଘସିମାଜି ଚିକ୍‌ଚିକ୍ କରେ
ସେଥିରେ ପ୍ରତିଫଳିତ ମୋ ମୁହଁ
କାହିଁକି କାଂଦକାଂଦ ଦିଶେ
ମୁଁ ବୁଝିପାରେନା,
ଭାବେ ଲୁହ କ'ଣ ମୋତେ
ଏତେ ଆପଣାର ଭାବେ,
ମୁଁ ନକହିଲେବି
ଲିପିପୋଛି ପରିଚ୍ଛନ୍ନ
କରିଦିଏ ମୋ ଅଗଣା !

ତୁମେ କେଉଁଦିନ ବୁଝିବ
ଯେଉଁ ପକ୍ଷୀକୁ ରାତି ପାହିବା ମାତ୍ରେ
ତୁମେ ଉଡ଼େଇ ଦିଅ
ସେ କେମିତି ପହଂଚିଯାଏ ମୋ ପାଖରେ,
ଅନ୍ୟମନସ୍କତା ମୋ
ହାତ ପାଦରେ ଦାଗ
ପିଂଧାଉଥିବା ବେଳେ ସେ ଲାଗିଥାଏ
ମୋ ଛାଇ ସହ ଖେଳିବାରେ ।

ଭାବେ, ସେ ଯେତେବେଳେ
ମୋ ପାଖରୁ ଯାଇ ପହଂଚିବ
ତୁମେ ନିଶ୍ଚେ ତା' ଦେହରୁ
ବାରିପାରିବ ମୋ ସ୍ୱପ୍ନର ପୋଡ଼ାଗଂଧ,
ସେ ନକହିଲେବି
ତାକୁ ଛୁଇଁ ତୁମେ ନିଶ୍ଚେ ଜାଣି ପାରିବ
ପୃଥିବୀରେ ତୁମ ନାଁ ହିଁ ମୋର ପ୍ରିୟତମ ଶବ୍ଦ ।
ଶୁଣ, ମୁଁ ଜାଣିଗଲିଣି
ବହୁ ଯତ୍ନରେ ଖୁଂଟିଥିବା
କାଠିକୁଟା ବି ତୁମଠୁ ପାଇବନି ଭରସା
ଗଢ଼ିହେବାକୁ ବସା,
କାରଣ ମୋ ଭିତରେ ଝଡ଼

ତିଆରି କରି ମୋତେ
ଭାଂଗି ଦେଉଚି ତମ ନୀରବତା ।

ଭାବି ସାରିଛି ମୁଁ କ'ଣ କରିବି,
ଆଙ୍କିବି ମୋ ଶୂନ୍ୟତାର କିଛି ଚିତ୍ର,
ମୁଁ ନଥିବି ଚିତ୍ରରେ
ତମେ ଉତ୍ତପ୍ତ ହୋଇ ଉପରକୁ ଉଠିଯାଉଥିବ,
ମୁଁ ପଠାଉଥିବା ଶୀତଳ ପବନ,
ଆଉ ମୁଁ ବର୍ଷା ହୋଇ ଝରିବା
କେବଳ ଥିବ ସେ ଚିତ୍ରରେ ।

♥ ପାଇକସାହି, ନାହାପଡ଼ା,
ରାମବାଗ, ଯାଜପୁର
ମୋ: ୭୩୭୭୬୬୫୫୯୪

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୪ ଜୁଲାଇ, ୨୦୨୨

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୫୭)



### ॥ ତୁ ଯଦି ମୋର ନୁହଁ ॥

ତୁ ଯଦି ମୋର ନୁହଁ କାହାର ହବୁନି,
ତୋ' ଠାରୁ ମୁଁ ମନକୁ ମୋର
ଫେରେଇ ନେବିନି ।

ତୁ ରହିବୁ ଅଭିଆଡ଼ୀ ମୁଁ ହେବି କୁଆଁରା
ତୋ'ର ମୋର ପ୍ରେମ ଗପ
ହେବ ସହର ସାରା
ତୋଅରି ପାଇଁ ଏଇ ଜନମ
କାହାକୁ ଦେବିନି ।

ମଥାରେ ତୋର ସିନ୍ଦୂର କା'ର
ପାରିବି ନାହିଁ ସହି
ମୁଁ ମରିଲେ ତୁ ମରିବୁ
ଜଳିଲେ ଜଳୁ ଜୁଇ
ବଧୂ ସାଜି ତୁ ଆଉ କାହାର
ଘର ଯିବୁନି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୩)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ 'ଯୋଡ଼ି ମହୁରୀ'ର ସଂଳାପ ॥

ସମସାମୟିକ ଗତାନୁଗତିକ ନାଟକ ତୁଳନାରେ ଯୋଡ଼ିମହୁରୀ ଏଇଥି ପାଇଁ ଥିଲା ଅନନ୍ୟ, ଯେହେତୁ ଏହା ସଂଳାପ ଥିଲା ଭିନ୍ନ ଭାବର । ସଂଳାପର ଗଠନ ପ୍ରକ୍ରିୟା ଗତାନୁଗତିକ ନଥିଲା । ସେଥିପାଇଁ କେତୋଟି ଉଦାହରଣ ଉପସ୍ଥାପନ କରିବା ବାଞ୍ଛନୀୟ ଭାବି ଏଠାରେ ଲେଖୁଛି । ସେତେବେଳର ଏକ ବେକାରୀ ଜୀବନ ବନାମ୍ ବଂଶ ବୁନିଆଦୀକୁ ନେଇ ଲେଖାଥିବା ସଂଳାପ ।

ଶିଶିର: ମୁଁ ଆଜି ଗୋଟେ ରିକ୍ସା ବନ୍ଦୋବସ୍ତ କରି ଆସିଛି । ଭାବିଛି କାଲିଠାରୁ ରିକ୍ସା ଟାଣିବି । ଦେହରେ ତ ଯୁବକର ବଳ ଅଛି, କମ୍‌ସେ କମ୍ ଘରକୁ ତ ମୁଠେ ଚାଉଳ ଆସିପାରିବ ।

ସୋମନାଥ: ନା ମୋ ବଂଶର ଛାତି ଉପରେ ତୁ ରିକ୍ସା ଚଲେଇ ଚାଲିଯିବୁ ମୁଁ ନୀରବରେ ସହି ପାରିବି ?

ଶିଶିର: ବାପା, ମୋ ଭଳି ଯୁବକର ଛାତି ଉପରେ ମା' ଭିକ ମାଗିବ, ବୁଢ଼ା ବାପା ସାରା ପରିବାରର ବୋଝ ମୁଣ୍ଡେଇ ଅନ୍ୟର ଧକ୍କା ସହବେ, ଯୁବତୀ ଭଉଣୀ ପର ଆଖିର ଶିକାର ହେବ, ଆଉ ମୁଁ ନୀରବରେ ଏ ସାର୍ଟିଫିକେଟ୍ ଗୁଡ଼ାକୁ ଧରି ତପସ୍ୟା କରିବି ?

ସୋମନାଥ : ଆରେ ଲତା ଶୁଣ ଶୁଣ ତୋ ଭାଇ କଣ କହୁଛି ରିକ୍ସା ଟାଣି ମୋତେ ପୋଷିବ । ଚାକିରିଟା ନାହିଁ ବୋଲି ଏ ଦଦରା ଖାକି ଚମଡ଼ା ତାହା କଣ ସହି ପାରିବ ? ସେଟା ଅବାଧ୍ୟ ହୋଇଗଲାଣି ।

ଶିଶିର: ସେଇଥିପାଇଁ ସେ ଅଯଥାରେ ଆଭିଜାତ୍ୟର ଅଂଧ ଅହଂକାରକୁ ଜାବୁଡ଼ି ଧରି ଆମେ ଆଜି ହା'ଅନ୍ନର ଚିତ୍କାର କରୁଛୁ ।

ଲତା: ଭାଇ ତମେ ରିକ୍ସା ଟାଣିଲେ ବାପାଙ୍କ ସମ୍ମାନ ଟିକକ ପୋଡ଼ି ଯିବନି ?

ଶିଶିର: ପେଟର ନିଆଁରେ ସବୁ ପୋଡ଼ିଯାଏ ଲତା, ଆଉ ସେହି ନିଆଁକୁ ଲିଭେଇ ଦେବା ପାଇଁ ମଣିଷ ତା'ର ସର୍ବସ୍ୱକୁ ପୋଡ଼ି ଦେଇପାରେ ।

\+ + + + + + + +

ଲତା: ଉପବାସରେ ଜୁଡୁବୁଡୁ ହୋଇ ଆଦର୍ଶର ଲୁହକୁ ପିଇବା କଣ ଠିକ୍ ?

ଶିଶିର: ଭୋକର ନିଆଁରେ ଜଳିଯା, ଦୁଃଖ ନାହିଁ କିନ୍ତୁ ଇଜ୍ଜତ ପାଇଁ ତୋତେ ବଂଚି ରହିବାକୁ ପଡ଼ିବ ।

ଲତା: କାହିଁକି, ପେଟର ନିଆଁକୁ ଲିଭାଇ ଦେବାପାଇଁ ମଣିଷ ପରା ତାର ସର୍ବସ୍ୱକୁ ପୋଡ଼ି ଦେଇପାରେ !

ଶିଶିର: ଯେଉଁ ନିଆଁରେ ସାରା ଖାନ୍‌ଦାନ୍‌ର ମୁହଁ ପୋଡ଼ିଯାଏ ସେହି ନିଆଁରେ ଦୀପ ଜାଳି ତୁ କଣ ଆମ ଭବିଷ୍ୟତକୁ ଆଲୋକିତ କରି ପାରିବୁ ?

ଲତା: କାହିଁକି ପାରିବିନି ? ଭଂଗା କାଚର ଆଲମିରା ଭିତରେ ହୀରା ନୀଳାକୁ ନିରାପଦରେ ସାଇତି ରହି ହୁଏନା ।

ଶିଶିର: (ଚାପଡ଼ା ମାରି) ଚୁପ୍ କର ।

ଏମିତି ଅନେକ ଜୀବନବାଦୀ ସଂଳାପରେ ପରିପୂର୍ଣ୍ଣ ଯୋଡ଼ି ମହୁରୀ ସମୟ ସୁଯୋଗ ଅଭାବରୁ ସେଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପାରୁନାହିଁ । ସେତେବେଳେ ଆରମ୍ଭ ହୋଇ ଛୋଟ ଛୋଟ ଖଣ୍ଡିତ ସଂଳାପ ଏକ ଦୃଷ୍ଟାନ୍ତ ଦେବାକୁ ଉଚିତ ମନେ କରୁଛି ।

\+ + + ପୂର୍ଣ୍ଣମୀର ଜ୍ୟୋତ୍ସ୍ନା ବିଧୌତ ରଜନୀ ଆଲୁଅର ଛାଇରେ କଂବଳ ଝାକଟିଏ ପିନ୍ଧି ଲତା ଚାଲିଥାଏ ନଈ ଉଦ୍ଦେଶ୍ୟରେ । ପଛରୁ ରକ୍ତାକ୍ତ ହୋଇ ବାହାରି ଆସେ ସୁବୋଧ ।

ସୁବୋଧ- ଲତା
ଲତା: କିଏ ?
ସୁବୋଧ - ସ୍, ମୋ ପଛରେ ପୋଲିସ...
ଲତା: କାହିଁକି ?
ସୁବୋଧ: ମୁଁ ଖୁନ୍ କରିଛି
ଲତା: କାହାକୁ ?
ସୁବୋଧ : ଲିଲିକୁ ବିବାହ ପୂର୍ବରୁ ସେ ଅନ୍ତଃସତ୍ତ୍ୱା ହୋଇଥିଲା..
ଲତା: ତେବେ କଣ...
ସୁବୋଧ: ଏ ମନ୍ଦିରରେ ଲୁଚିଥିଲି...
ଲତା: ମୁଁ ବି ତୁମକୁ ଖୋଜୁଥିଲି..
ସୁବୋଧ: ମୋ ସାଙ୍ଗରେ ଯିବୁ ?..
ଲତା: ମୁଁ କିନ୍ତୁ ଅଗ୍ନି ପରୀକ୍ଷା ଦେଇ ପାରିବିନି...
ସୁବୋଧ: ମୋ ପାଇଁ ବି ଅଯୋଧ୍ୟାର ସିଂହଦ୍ୱାର ବନ୍ଦ ହୋଇଯାଇଛି ।
ଲତା: ମୁଁ ପତିତା..
ସୁବୋଧ: ମୁଁ ଖୁନୀ..
ଲତା: ମୋ ପଛରେ ସମାଜର ଲାଲ ଆଖି...
ସୁବୋଧ: ମୋ ପଛରେ ଆଇନ୍‌ର ଫାଶୀଖୁଣ୍ଟ...
ଲତା: ଏ ଦୁର୍ଗ ଭିତରେ ଆମେ ବନ୍ଦୀ ।
ସୁବୋଧ: ଚାଲ ଉଡ଼ିଯିବା ଉପରକୁ .. ଖୁବ୍ ଉପରକୁ ...
ଲତା: ପକ୍ଷ ମୋର କ୍ଷତ ବିକ୍ଷତ...
ସୁବୋଧ: ମୋ ହାତ ବି ରକ୍ତାକ୍ତ...
ଲତା: ତାହେଲେ ଚାଲ ଭାସିଯିବା ଦୂରକୁ.. ଖୁବ୍ ଦୂରକୁ...
ସୁବୋଧ: ହାୟ ସେ ଦିଗ୍‌ବଳୟ ସେପାରିକୁ ।
ଲତା: ଏ ଜନ୍ମରେ ଆମେ ଦୁଇଟି ସମାନ୍ତର ସରଳରେଖା...
ସୁବୋଧ: ପରଜନ୍ମ ପାଇଁ ଦୁଇଟି ଏକ ବିନ୍ଦୁଗାମୀ ରଶ୍ମୀ (ବୋତଲ ବାହାରକଲା)
ଲତା: ବିଷ ?
ସୁବୋଧ: ଆମ ପାଇଁ ପୁଷ୍ପକ ଯାନ...
ଲତା: ଆମକୁ ସ୍ୱର୍ଗକୁ ନେଇଯିବ ...
ଉଭୟେ: ହେ ପୃଥିବୀ ନମସ୍କାର: (ନୌକାରେ ବସି ବିଷ ପିଇଦେଲେ )

ଏମିତି ଅନେକ ପ୍ରତୀକାତ୍ମକ ପରୀକ୍ଷାଧର୍ମୀ ସଂଳାପରେ ସମୃଦ୍ଧ ହୋଇଥିଲା ଯୋଡ଼ି ମହୁରୀ । (କ୍ରମଶଃ)

---

ଧାରାବାହିକ ଉପନ୍ୟାସ

# ଉଜ୍ଜ୍ୱଳ ଉପତ୍ୟକା

ଭାଗ-୧୬


ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସେ ବିଗତ ଇତିହାସ ତ ମୁଁ ଶୁଣି ସାରିଛି । ହେଲେ ବୁଝିପାରୁନି ଅନେକ ଘଟଣା ଓ ଦୁର୍ଘଟଣାକୁ ସାମନା କରି ଲେଖା ମୁହଁକୁ ଚାହିଁ ମନରେ ଓ ଦେହରେ ସୁସ୍ଥ ସବଳ ଥିବା ପିଇସା, ହଠାତ୍ କାହିଁକି ମୃତ୍ୟୁବରଣ କଲେ ? ସେ ସମୟରେ ମା' ତ ମତେ ଫୋନ୍‌ରେ କୁହନ୍ତି- ଲେଖା ପ୍ରତାପଙ୍କର ଦେଖାଶୁଣା ଖୁବ୍ କରୁଛି । ସେ ଏକବାର ସୁସ୍ଥ ହେଇଗଲେଣି । ସକାଳୁ ସକାଳୁ ବାହାରିପଡ଼ି ବଜାର ହାଟ କଲେଣି ତାଙ୍କ ସାଧ ମତେ । ଲେଖା ବି ଭୁଲିଗଲାଣି ପୂର୍ବ ଦୁଃସମୟକୁ ।

: ହଁ ମା' ତ ଠିକ୍ କହିଥିବେ । ଆମେ ବି ତ ଖୁବ୍ ଖୁସି ହେଇଥିଲୁ ପିଇସାଙ୍କ ପୂର୍ବ ଅବସ୍ଥା ଫେରିଆସିବା ଦେଖି । ପୁଅ ଓ ସ୍ତ୍ରୀଙ୍କୁ ହରେଇ ସେ ଯେ ନୂଆ ଜୀବନଟିଏ ଗଢ଼ି ପାରିଛନ୍ତି, ସେଥିପାଇଁ ବାପା ବି ସନ୍ତୁଷ୍ଟ ଲାଗୁଥିଲେ । ଲେଖା ନାନୀ ବି ଚଞ୍ଚଳ ଲାଗୁଥିଲା । ପଢ଼ାପଢ଼ିରେ ମନଦେଇ କୃତକାର୍ଯ୍ୟ ବି ହେଇଥିଲା ।

: ହେଲେ ସେ ପୂର୍ଣ୍ଣତା ଓ ଚଞ୍ଚଳତା ମଝିରେ ରାହୁ ଗ୍ରାସ କଲା ପରି ପିଇସା ହଠାତ୍ କ୍ଷୟ ହେଇହେଇ ଚିରଦିନ ପାଇଁ ଆଖି ବୁଜିଲେ କାହିଁକି ? ଆକ୍ସିଡେଣ୍ଟ ପରଠାରୁ କୌଣସି ଅସାଧ ରୋଗରେ ଆକ୍ରାନ୍ତ ହେଇନଥିଲେ ତ ସେ ? ହେଲେ କଣ ହେଲା, ରାତି ପାହି ସକାଳ ହେବା ଭିତରେ ପୂର୍ଣ୍ଣ ମଣିଷଟା ଶେଷ ହେଇଗଲା ! ଶବ ପାଲଟିଗଲା ସୂର୍ଯ୍ୟ ଉଇଁଲାବେଳକୁ !

ଦେବା ମୁହଁ ଶୁଖେଇ ଥ' ହେଇ ବସିପଡ଼ିଲା କିଛି କ୍ଷଣ । କଣ କହିବ କହିବ ହେଇ ସତେ ଯେମିତି ସେ କିଛି କହିପାରୁନି - ସେଇ ଭଳି ତା ଆଚରଣ ଦେଖି - ମୁଁ ମଧ ଚୁପ୍ ହେଇଗଲି । କିଛି ସମୟ ବାଦ୍ ସେ ଥଙ୍ଗଥଙ୍ଗ ହେଇ କହିଲା - ତାଙ୍କ ଅକସ୍ମାତ୍ ମୃତ୍ୟୁ ତ ଆମ ସମସ୍ତଙ୍କୁ ବିସ୍ମିତ କରିଥିଲା । କାହିଁକି ନା ସେ ଆତ୍ମହତ୍ୟା କରିଛନ୍ତି ବୋଲି ଚରିଆଡ଼େ ବ୍ୟାପିଯାଇଥିଲା ।

: କଣ ତୁ କହୁଛୁ...; ଏତେବଡ଼ ନିନ୍ଦା ଅପବାଦ ପିଇସାଙ୍କ ଭାଗ୍ୟରେ ଥିଲା । ମୋ ଜାଣିବାରେ ସେ ଏତେ କଦର୍ଯ୍ୟ କାର୍ଯ୍ୟ କେବେ ବି କରିନଥିବେ । କାରଣ କେତେ ବଡ଼ବଡ଼ ଦୁଃଖକୁ ହୃଦୟରେ ଖଞ୍ଜିଖାଞ୍ଜି ସମୟର ସାବଲୀଳତାକୁ ଆପଣେଇ ନେଇଥିଲେ ସେ । ସେମିତି କିଛି ଯଦି କରିବାର ଥିଲା ସେ ତ ସୁଧୀର, ସୁଦୀପଙ୍କ ଅନ୍ତର୍ଦ୍ଧାନ ଓ ପିଇସୀମା'ଙ୍କ ମୃତ୍ୟୁ ପରେପରେ ନିଜକୁ ନିଜେ ଶେଷ କରିଦେଇଥାନ୍ତେ । ଦୁଃସମୟ ହଟିଗଲା ପରେ ସେ ଏଭଳି ଜଘନ୍ୟ କାର୍ଯ୍ୟ କରିଥିଲେ ବୋଲି ଆମେମାନେ ଜୋରଦେଇ କହିପାରିବା କେମିତି ?

: ଏତେ ସବୁ କଥା ମୁଁ ଜାଣିନି ନାନୀ । କିନ୍ତୁ ପିଇସାଙ୍କ ମୃତ୍ୟୁକୁ ଅପମୃତ୍ୟୁ ବୋଲି ସିନା ଆମେ କହିପାରିଲୁନି ହେଲେ ବାହାର ଲୋକମାନେ ଗୁଣଗୁଣୁ ହେଲେ ଅନେକଦିନ ଯାଏ । ଯାହାହେଉ ସେ ଦୁର୍ଘଟଣା ତ ପୁରୁଣା ହେଇଯାଇଛି, ତାକୁ ମନରେ ଖଞ୍ଜିଖାଞ୍ଜି ରଖିବାଟା ଆଉ ଠିକ୍ ନୁହେଁ ।

: ଆରେ ତମେମାନେ ସିନା ପ୍ରତ୍ୟେକ ଘଟଣା ଦୁର୍ଘଟଣାକୁ ସାମ୍ନା କରିଛ । କିନ୍ତୁ ମୁଁ ତ ପରଦା ପଛରେ ଥିଲି । କୋଉ କାରଣରୁ କଣ ସବୁ ଘଟିଲା ଜାଣିଥାନ୍ତି କେମିତି ? ସେଥିପାଇଁ ତ ତତେ ପଚାରୁଛି... ହେଲେ ତୁ ଘୂରାଘୂରି କରି କଥା ଗୁଡ଼େ କହୁଛୁ କାହିଁକି ?

: କଣ ଆଉ କହିବି ଯେ- ସେଦିନ ମାମୁ ମାଇଁ ଓ ସଞ୍ଜୟ ଭାଇ ଆମ ଘରକୁ ଆସିଥିଲେ । ସଞ୍ଜୟ ଭାଇ ଦିଲ୍ଲୀରୁ ଆସିଥିଲା ତ ଏଣୁ ସେମାନଙ୍କ ସାଙ୍ଗରେ ସେ ସାମିଲ୍ ଥିଲା । ମୁଁ ଶୁଣିଛି ମା' କୁଆଡ଼େ ଜବରଦସ୍ତ କରିଥିଲେ ତାକୁ ଆସିବାପାଇଁ । ସେମାନଙ୍କ ସହିତ ମା'ଙ୍କର କୁଆଡ଼େ ବିଶେଷ ଆଲୋଚନା କରିବାର ଥିଲା । ପିଇସା ଓ ଲେଖାନାନୀଙ୍କୁ ବି ମା' ଡକେଇ ଆଣିଥିଲେ । ରନ୍ଧାବଢ଼ା ସାରି ଖାଇବା ପିଇବା ପରେ କଣ ହେଲା କେଜାଣି ମାମୁ ମାଇଁ ରାଗ ତମତମ ହେଇ ମା' ବାପାଙ୍କୁ ଯାଚ୍ଛାତା ଗାଳିଗୁଲଜ କଲେ । ଆଉ କେବେ ବି ଆମ ଦୁଆର ମାଡ଼ିବେନି ବୋଲି କହି ଚାଲିଗଲେ ଯେ ଆଜିଯାଏ ପାହି ସେପଟରେ ଅଛନ୍ତି । ସେଇଦିନ ରାତିରେ ପିଇସାଙ୍କ ସ୍ୱର୍ଗବାସ ତ ଲେଖାନାନୀର ବନବାସ ଆରମ୍ଭ ହେଇଗଲା ।

କିଛି ସମୟ ଚୁପ୍‌ଚାପ... ବସିରହିଲୁ ଆମେମାନେ ।

ମୁଁ ତ ବୁଡ଼ିଆଣି ଜାଲ ଭିତରେ ଛନ୍ଦି ହେଇଗଲା ଭଳି ଅନୁଭବ କରୁଥିଲି । ଦେବା ଯାହା କହୁଥିଲା ମନଧ୍ୟାନ ଦେଇ ଶୁଣୁଥିଲେ ବି ବୁଝିପାରୁନଥିଲି କିଛି ଯେ ହଠାତ୍ ମା' ଅତର୍କ୍କା ଭାବେ କାଇଁକି ମାମୁ ମାଇଁଙ୍କୁ ଡକେଇ ପଠେଇଲେ ପୁଣି ସଞ୍ଜୟ ଭାଇକୁ ବି ଜବରଦସ୍ତ ଟାଣି ଆଣିଲେ ଆମ ଘରକୁ ! କଣ ଥିଲା ତାଙ୍କ ମତଲବ...! କିଛି ଗୋଟାଏ ବିଶେଷ କାରଣକୁ ନେଇ ଜୋର୍‌ଦାର୍ ଆଲୋଚନା କରିବାପାଇଁ ଯଦି ଓ ସେ' ସେମାନଙ୍କୁ ଲୋଡ଼ିଥିଲେ- ହେଲେ ଠିକ୍ ସେଇଦିନ ପିଇସା ଓ ଲେଖା କଣ ପାଇଁ ଉପସ୍ଥିତ ଥିଲେ ଆମ ଘରେ !

ମୁହଁ ତଳକୁ କରି ବସିଥିଲା ଦେବା ।

ତା ପାଖକୁ ଆଉ ଟିକେ ଘୁଞ୍ଚିଯାଇ ପଚାରିଲି - ସତରେ କଣ ତୁ କିଛି ବି ଜାଣିନୁ... ସେଦିନର ପରିସ୍ଥିତିକୁ ନେଇ ? ମା ବାପା କଣ ତତେ କିଛି ବି ଜଣେଇ ନଥିଲେ ? ଯଦି ବା ଜଣେଇନଥିଲେ ସେମାନଙ୍କ କଥାବାର୍ତ୍ତାରୁ କଣ ତୁ କିଛି ବି ଠଉରି ପାରିନଥିଲୁ ?

: ଜାଣିଥିଲେ ବି କଣ କରିପାରିଲି ଯେ ? ମା ବାପା ଅପମାନ ପାଇଲେ ସେମାନଙ୍କ ଠାରୁ, ଏଇ ଦୁଃଖରେ ମୁଁ ଅନେକ ଦିନ ଧରି ଛଟପଟ ହେଇଥିଲି । ଭାଇ ଭାଉଜ ବୋଲି ମୁଣ୍ଡରେ ବସେଇଥିଲେ ମା' ହେଲେ ଓଲଟା ଫଳ ପାଇଲେ ସେମାନଙ୍କଠାରୁ ।

: ମାମୁ ମାଇଁ ଆମ ମା' ବାପାଙ୍କୁ ଅସମ୍ମାନ କଲାବେଳେ ସଞ୍ଜୟ ଭାଇ କଣ ଚୁପ୍‌ଚାପ୍ ରହିଥିଲା । କିଛି ବି କହୁନଥିଲା ମା ବାପାଙ୍କ ସପକ୍ଷରେ । ସେ ତ' ସେଭଳି ପିଲା ନୁହେଁ । ଉଚିତ୍ ଅନୁଚିତ୍‌କୁ ଘାଣ୍ଟି ଘାଣ୍ଟି ସେ ପ୍ରତ୍ୟେକ ସମସ୍ୟାକୁ ସୁନ୍ଦର ଭାବରେ ସମାଧାନ କରିପାରେ । ହେଲେ ସିଏ ସେଦିନ ନୀରବ ଦର୍ଶକ ଭଳି ଛିଡ଼ା ହେଲା କେମିତି ?

: ମାମୁ ମାଇଁଙ୍କ ନିର୍ଦ୍ଦେଶରେ ସେ କାନ୍ଥରେ ଡେରିହେଇ ରବର କଣ୍ଢେଇ ଭଳି ସବୁ ଦେଖୁଥିଲା, ଶୁଣୁଥିଲା ହେଲେ ପାଟି ଫିଟଉନଥିଲା । ମାଇଁଙ୍କର ମେଘ ଘର୍ଘର ନାଦରେ କେବଳ ସେ କାହିଁକି ଆମେମାନେ ବି ଶଙ୍କି ପଡ଼ିଥିଲୁ ।

: ଓଃ କୋଉ କାରଣରୁ ସେମାନେ ଏତେ ଯୁଦ୍ଧଖୋର ମନନେଇ ଆସିଥିଲେ କେହି ବି ଜାଣି ପାରିଲେନି ? ଆଚ୍ଛା ମା' ତ ପ୍ରଚଣ୍ଡ ରାଗରେ ମାମୁ ମାଇଁଙ୍କୁ ଶୋଧିଥିବେ । ହେଲେ ବାପା କ'ଣ ଚୁପ୍ ଚାପ୍ ରହିଥିଲେ ?

: ନା... ବାପା ରହିରହି କଣ୍ଟା ଫୁଟିଲା ଭଳି କଥାମାନ କହୁଥିଲେ... ହେଲେ ସେମାନେ କଣ ଶୁଣିଲା ପରିସ୍ଥିତିରେ ଥିଲେ ସେତେବେଳେ ।

: ସଞ୍ଜୟ ଭାଇ କି ଅବସ୍ଥାରେ ଥିଲା... ? କାହାକୁ ସପୋର୍ଟ କରୁଥିଲା ସେ ? ଚୁପ୍ ଚାପ୍ ବସିଥିଲା କି ?

: ମୁଁ ଜାଣିନି ସେ ସବୁ ବ୍ୟାପାର । ହେଲେ ତା ବାପା ମା'ଙ୍କୁ ଚୁପ୍ କରେଇବା ପାଇଁ ସେ ଯଥେଷ୍ଟ ଚେଷ୍ଟା କରିଥିଲା । ହେଲେ ହାରିଯିବା ପରେ ମୁହଁ ଶୁଖେଇ ଲୁହ ଢଳଢ଼ଳ ଆଖିରେ ଆମ ଘରୁ ବିଦାୟ ନେଲାବେଳେ ଖୁବ୍ ଦୁଃଖୀ ଦୁଃଖୀ ଲାଗୁଥିଲା ସେ । ସେଇ ଯେ ଗଲା କିଛି ଦିନ ବାଦ୍ ମର୍ମାନ୍ତିକ ସଡ଼କ ଦୁର୍ଘଟଣାରେ ତା'ର ମୃତ୍ୟୁ ଖବର ଶୁଣି ଆମେ ବିସ୍ମିତ ହେଇଯାଇଥିଲୁ ।

ଛାତିଟା ହଠାତ୍ ଥରଥର୍ ତ ଗୋଡ଼ ହାତ ବଧୀରା ହେଇଗଲା ଭଳି ଅନୁଭବ କଲି ମୁଁ ।

ଖୋଲିଖାଲି କିଛି କହିପାରୁନି ବୋଲି - ଦେବା ଉପରେ ମୋର ପ୍ରଚଣ୍ଡ ରାଗ ଆସୁଥିଲା । ହେଲେ ସେ ପିଲାଟା ତ କାଳେକାଳେ ଏମିତି । ଘଟଣାର ଅଗଠୁ ଚେର ଯାଏଁ କହିବ ହେଲେ ଏତେ ଛନ୍ଦାଛନ୍ଦି ଯେ ତା କଥା କେହି ବି ଠଉରି ପାରିବେନି ଜାଣିପାରିବେନି ମୂଳତତ୍ତ୍ୱଟି କ'ଣ । ହେଲେ ବର୍ତ୍ତମାନ ମୁଁ କେମିତି ଜାଣିବି, ସେ ଦିନର ପରିସ୍ଥିତି କଣ ଥିଲା ପୁଣି ସମାଧାନ ହେବା ପୂର୍ବରୁ କାହିଁକି ଛିଣ୍ଡିଗଲା ସମ୍ପର୍କର ଡୋରି ?

ସତରେ କେତେ ସହଜରେ ମାମୁ ତାଙ୍କ ଗେଲବସରୀ ସାନ ଭଉଣୀଠୁ ବିଦାୟ ନେଇ ଚାଲିଗଲେ ପୁଣି ସବୁଦିନ ପାଇଁ ! ସଞ୍ଜୟ ଭାଇ ତ କୌଣସି ପ୍ରତିବାଦ ନକରି ଧାଇଁଗଲା ତାଙ୍କ ପଛେପଛେ ! ସେମାନେ ଏତେ ଅବିଶ୍ୱାସୀ ବୋଲି ମୁଁ ଜାଣିନଥିଲି । ବାପା ନା ମା'ଙ୍କର ଦୋଷ ଦୃଟିରେ ମାମୁ, ମାଇଁ ଭୟଙ୍କର ଦିଶିଲେ ! ଶେଷରେ ରକ୍ତ ସମ୍ପର୍କକୁ ଚିକ୍‌ଟିକ୍ କରି ଉଡ଼େଇଦେଲେ କାଗଜ ଟୁକୁଡ଼ା ଭଳି ! ଓଃ କୋଉ କାରଣରୁ ସେମାନେ ଯୁଦ୍ଧଖୋର ମନନେଇ ଆସିଥିଲେ କେହି କିଛି ଜାଣିପାରିଲନି କେମିତି ?

ଓଃ ତାହାଲେ ଏଇସବୁ ପରିସ୍ଥିତି ଓ ସେ ଜନିତ ବୋଝେ ଅବୁଝାପଣର ଆଜିଯାଏ କୁହୁଳୁଛି ସମସ୍ତଙ୍କ ମନରେ । ନିଆଁ ଜଳିଲା କେବେ ତ ମୁଁ ଜାଣିନି... କିନ୍ତୁ ଏ ପର୍ଯ୍ୟନ୍ତ ଯେ ତା ତାତି କମିନି...ଅନୁଭବ କରିପାରିଛି ମୁଁ । କୁହୁଳା ଧୂଆଁରେ ଆକ୍ତାମାକ୍ତା ହୋଇ କେହି ତ ପାଟି ଫିଟଉନାହାନ୍ତି ! ଆଖି ମଳିମଳି ଦେଖୁଛନ୍ତି । ଖଣ୍ଡିକାଶ ମାରି ରହିରହି କଥା କହୁଛନ୍ତି, ହେଲେ ମେଘଧୁଆ ପରିଷ୍କାର ଆକାଶଟିଏ ବିଛେଇବା ପାଇଁ ଇଚ୍ଛା କରୁନାହାନ୍ତି କାହିଁକି ?

ମୋ ପାଖରୁ ଦେବା ଉଠିଯାଇ ବାପା ଓ ଅଖିଲ୍‌ଙ୍କ ସାଙ୍ଗରେ ବସି ଯେ ଗପିଲାଣି, ଜାଣିପାରିନଥିଲି ମୁଁ । ଛତରା ଟୋକା ମତେ ଏକୁଟିଆ ବସେଇ ଚାଲିଗଲା । ଏଇତ ମାନସୀ...ସମସ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କଲାଣି ।

ଠିକ୍ ଅଛି ମାନସୀ ଆସିଛି ମାନେ ତାକୁ ଅଟକେଇଦେବାଟା ମୋର ଠିକ୍ ହେବ । କାରଣ ଆହୁରି ଅନେକ ଲୁଚାଚୋରା କଥା ତା'ଠାରୁ ଶୁଣିବାକୁ ମୋର ବାକି ଅଛି । ମାନସୀ ଛଡ଼ା କିଏ ଫିଟେଇବ ଗୋପନ ପେଡ଼ି ! ସେ ପେଡ଼ିରେ କଣ ସବୁ ଅଛି ନ ଜାଣିଲେ ତ ମୁଁ ଶାନ୍ତ ହେଇପାରିବିନି !

ମା ବାପାଙ୍କୁ ପଚାରିଲେ କିଛି ବି ଜଣାପଡ଼ିବନି । ଏଣୁ ମାନସୀକୁ ପଚାରିଲି- ତୁ ତ ରଙ୍ଗମଂଚର ପରଦା ଉଠେଇଥିଲୁ, ଯବନିକା ଯାଏଁ ଧୈର୍ଯ୍ୟ ଧରି ପାରିଲୁନି କାହିଁକି ? ତତେ ନେହୁରା ହେଉଛି ଲୋ ମାନସୀ, ଯାହା ପଚାରିବି ତା'ର ଠିକ୍ ଠିକ୍ ଉତ୍ତର ତୁ ଦେବୁ । ସେଦିନ ମା'ଙ୍କ ଡାକରାରେ ମାମୁ ମାଇଁ ଓ ସଞ୍ଜୟ ଭାଇ ଆସିଥିଲେ ଆମ ଘରକୁ । ଲେଖା ଓ ପିଇସା ବି ଥିଲେ ଏଇଠି । ହେଲେ ପ୍ରଥମ ଦୃଶ୍ୟରୁ ପରଦା ପଡ଼ିବାର କାରଣ କଣ ଥିଲା ?

: ପିଇସୀ ମା'ଙ୍କ ମୃତ୍ୟୁ ପରେ ବାପା ଓ ମା ଲେଖାନାନୀଙ୍କ ବାହାଘର ପାଇଁ ଉତ୍ସୁକ ଥିଲେ । ତା ପୂର୍ବରୁ ତ ତମ ବାହାଘର ସରିଯାଇଥିଲା । ପରେପରେ ମୁଁ ବି ବୋହୂ ହେଇ ଆସିଲି ଏଇଠିକୁ । ମା' ସବୁବେଳେ କହୁଥିଲେ, ଲେଖାଠୁ ଛୋଟ ଚିତ୍ରା ଓ ଦେବା । ବଡ଼ ଥାଇ ସାନମାନଙ୍କ ବାହାଘର ସରିଗଲା ଜାଣି ଲୋକେ କଣ କହିବେ ? ଯଦିଓ ଲେଖା ବାରମ୍ବାର ଦୁର୍ଘଟଣାରେ ପୀଡ଼ିତ ହେଇ ପରିବାର ପାଇଁ ବାହାହେବାକୁ ମନ ଦେଲାନି, ତଥାପି ଝିଅଟି କଣ କାଳକାଳକୁ ଏମିତି ରହିଥିବ ! ଭାଇ ଦି'ଟା ତ ସମସ୍ତଙ୍କ ମୁହଁରେ ଛେପ ପକେଇ ଚାଲିଗଲେ । ମା' ମରିଗଲା ସେଇ ଦୁଃଖରେ । ହେଲେ ବାପା ତ ତା'ର ଅଛନ୍ତି । ସେ ଥାଉଥାଉ ତା ବାହାଘରଟା ସାରିଦେଲେ ଠିକ୍ ହେବ, ସେଇ ଯୋଜନାକୁ ସଫଳ କରିବା ପାଇଁ ଅନେକ ପ୍ରସ୍ତାବ ବି ମା' ବାପା ଯୋଗାଡ଼ କରି ଆଣିଲେ । ପିଇସା ସବୁ ପ୍ରସ୍ତାବରେ ରାଜି ହେଲେ ତ ଲେଖାନାନୀ କାହାକୁ ଠିକ୍ ବୋଲି ଭାବିପାରିଲେନି । (କ୍ରମଶଃ)

---

ଅନୁବାଦ ଗଳ୍ପ

## ଦୁଇଟି ଅନୁବାଦ ଗପ




ଅନୁବାଦ- ବିନୟ କୁମାର ଦାସ


### ॥ ବଂଶଧର ॥
ମୂଳହିନ୍ଦୀ- ମଧୁଜୈନ

ଲକ୍ ଅପ୍‌ରେ ତା'ର ପ୍ରଥମ ରାତିକୁ ସେ ଅନ୍ତିମ ରାତି ବୋଲି ଧରି ନେଇଥିଲା । କାରଣ ସେ ନିଶ୍ଚିତ ଥିଲା ସକାଳ ହେଲା ବେଳକୁ ତା'ର ଜାମିନ୍ ହୋଇଯିବ । ନ ହେବାର ତ କିଛି ବି କାରଣ ନଥିଲା । ଟଙ୍କା ଥିଲେ ଏ ଦୁନିଆରେ ସବୁ କିଛି ସମ୍ଭବ । ଆଉ ତା ପାଖରେ ତ ସେତିକି ଅଭାବ ନାହିଁ । ବରଂ ଅପର୍ଯ୍ୟାପ୍ତ ରହିଛି ବୋଲି ତା ମନରେ ଦମ୍ଭ ରହିଛି । ଯଥା ସମୟରେ ଯଦି ଏ ଟଙ୍କା କାମରେ ନ ଲାଗିବ ତେବେ ଟଙ୍କା ପାଖରେ ରହି ଲାଭ କଣ ?

ଆଖିରୁ ନିଦ ହଜିଗଲାଣି । ନିଦ ବା ଆସିବ କେମିତି ? ଲକ୍‌ଅପ୍‌ରେ କଣ ଶୋଇହୁଏ ? ମନ ଚଂଚଳ ହେଉଛି । ମନେ ପଡ଼ିଯାଉଛି ଅତୀତ । ନିଜ ଡିପାର୍ଟମେଂଟର ସବୁ ଗୁପ୍ତ କଥା ତାକୁ ଭଲ ଭାବରେ ଜଣାଥିଲା । ଅବସର ନେବା ପରେ ଗୋଦାମଘରେ ଯେଉଁ ସବୁ ଅକାମୀ ରାଇଫଲ୍ ପଡ଼ି ରହିଥିଲା, ସେ ସବୁକୁ ଆବଶ୍ୟକୀୟ ମରାମତି ଓ ପାର୍ଟସ ବଦଳାଇ ଦୀନେଶ ସହିତ ମିଶି ବେଶ୍ ଚଢ଼ା ଦରରେ ବିକ୍ରୀ କରିଦେଲା । ବେପାର ବି ଭଲ ଚାଲିଲା । ଗ୍ରାହକ ଯୁଟିଗଲେ । ବହୁତ ଅର୍ଥ ମିଳିଗଲା । ଆଶାତୀତ ଭାବରେ ସେ ଧନୀ ହୋଇଗଲା ମାତ୍ର କେଇଟା ମାସରେ ।

ସେ ନିଶ୍ଚିତ ଥିଲା ସେ କେବେ ବି ଧରା ପଡ଼ିବ ନାହିଁ । କାରଣ ଏ କଥାର ଟେର୍ କେହି କେବେ ବି ପାଇପାରିବେ ନାହିଁ । ହେଲେ କେମିତି କେଜାଣି ପୋଲିସ ଜାଣି ଗଲା ଏ ଚୋରା ବ୍ୟବସାୟ କଥା । ସେ ଧରା ପଡ଼ିଗଲା । ପୋଲିସ ତାକୁ ଆଣି ହାଜତରେ ପୂରାଇ ଦେଇଛି । ତେବେ କିଛି ଯାଏ ଆସେନି... ବିଚଳିତ ହେଉନଥିଲା ସେ । ସକାଳ ହେଲା ମାତ୍ରେ ତ ତାର ଜାମିନ ହୋଇଯିବ ।

ପୁଅ ପୁଲକ ସକାଳେ ଆସି ଥାନାରେ ହାଜର ହୋଇଗଲା । ତାକୁ ଦେଖିଲା ମାତ୍ରେ ସେ ପଚାରିଦେଲା, 'ଓକିଲ ସାହେବଙ୍କ ସହିତ କଥା ହୋଇଗଲା ତ ?'

'ହଁ... କିନ୍ତୁ ସେ ବହୁତ ଟଙ୍କା ମାଗୁଛନ୍ତି ।'

'ବହୁତ ଟଙ୍କା ? କଣ ପାଇଁ ବହୁତ ଟଙ୍କା ? ଜାମିନ ପାଇଁ ବହୁତ ଟଙ୍କା କଣ ଦରକାର ?'

'ବାପା, ତୁମେ ରାଇଫଲ ଯେଉଁମାନଙ୍କୁ ବିକ୍ରୀ କରିଥିଲ, ସେମାନେ ସମସ୍ତେ ଆତଙ୍କବାଦୀ ସଂଗଠନ ସହିତ ଜଡ଼ିତ । ପୋଲିସ ସବୁ ତଥ୍ୟ ସଂଗ୍ରହ କରିସାରିଛି । ତୁମ ବିରୁଦ୍ଧରେ ଦେଶଦ୍ରୋହର ମକଦ୍ଦମା ଚାଲିବ । ତେଣୁ ବହୁତ ଖର୍ଚ୍ଚ ହେବ ।'

'ତ ଠିକ୍ ଅଛି.. ସେ ଯେତେ ମାଗୁଛନ୍ତି, ଦେଇ ଦେ ।'

'କିନ୍ତୁ ବାପା, ତୁମ ବିରୁଦ୍ଧରେ ସଂଗୀନ ଆରୋପ । ଏ ମକଦ୍ଦମା ଜିତିବାର କୌଣସି ଗ୍ୟାରେଂଟି ନାହିଁ । ତେଣୁ ଅଯଥାରେ ଏତେଗୁଡ଼ିଏ ଟଙ୍କା ଦେଇଦେବା କଣ ବୁଦ୍ଧିମାନର କାମ ହବ କି ?'

'ତା ମାନେ.. ? ତୁ ଖର୍ଚ୍ଚ କରିବୁ ନାହିଁ ? ଆରେ, ମୁଁ ଆଖି ବୁଜି ସବୁ ସଂପତ୍ତି ତୋ ନାମରେ କରିଦେଇଛି । ଆଉ ଆଜି ମୋର ଏ ଦୁର୍ଦ୍ଦଶାରେ ତୁ ମୋ ସହିତ...ମାନେ ତୋ ବାପା ସହିତ ବିଶ୍ୱାସଘାତକତା କରୁଛୁ ?'

'କଣ କରିବି ବାପା ? ମୋ ଶରୀରରେ ପରା ତୁମରି ରକ୍ତ ପ୍ରବାହିତ ହେଉଛି ।'

### ॥ ବିଚରା କୁରାଢ଼ୀ ॥
ମୂଳହିନ୍ଦୀ- ରାମକରନ

ଯେବେଠାରୁ ଜଂଗଲ ଜାଣିଗଲା ଯେ ଏବେ 'ପରିବେଶ ସୁରକ୍ଷା' ଉପରେ ସମସ୍ତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଆଉ ସେହି ଅନୁସାରେ ଜୋରସୋରରେ ଅଭିଯାନ ଆରମ୍ଭ ହୋଇଯାଇଛି ଓ ଗଛ ହାଣିବା ଏକ ଅପରାଧ ରୂପେ ଗ୍ରହଣ କରାଯାଇଛି, ସେବେଠାରୁ ସେ ଟିକେ ଶାନ୍ତିରେ ନିଃଶ୍ୱାସ ନେଉଅଛି ।

ହଠାତ୍ ଦିନେ ସେ ଦେଖିଲା ତା ପାଖକୁ କୁରାଢ଼ୀଟିଏ ଆସୁଛି । କୁରାଢ଼ୀକୁ ଦେଖି ସେ ଡରିଲା ନାହିଁ । ଗଛଟିଏ ବେଶ୍ ଦମ୍ଭର ସହିତ କହିଲା , 'ତୁ ଏବେ ମୋର କିଛି ବି କରିପାରିବୁନି । ଏବେ ତ ଆଇନ ଆମ ସପକ୍ଷରେ । ମାନେ ଗଛ ହାଣିବା ଏକ ଅପରାଧ ।'

ଏତକ ଶୁଣି ଟିକେ ହସିଦେଲା କୁରାଢ଼ୀ । ଖଣ୍ଡେ କାଗଜ ବାହାର କରି ସେ ଗଛକୁ ଦେଖାଇ କହିଲା, 'ହଁ ..ସେଇ ଆଇନର କିଛି ଅଂଶ ମୋ ପାଖରେ ବି ରହିଛି । ନେ..ଦେଖ୍ । ଏଥିରେ ତୋର ସେ ଆଇନ ପୂରାପୂରି ବାମନ ହୋଇଯାଇଛି । ମାନେ ସେ ଆଇନ ଅସହାୟ ଏଇ କାଗଜ ପାଖରେ, ଆଉ ଏ କାଗଜକୁ ପାରମିଟ୍ କୁହାଯାଉଛି । ନେ...ଦେଖି ନେ ।'


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧ ମୋ- ୭୯୭୮୬୦୩୬୩

## ସ୍ମରଣୀୟେଷୁ...



**ବିପିନ ବିହାରୀ ମହାନ୍ତି**

# ସ୍ୱପ୍ନଦର୍ଶୀ ଏପିଜେ ଅବଦୁଲ କଲାମ

ଭାରତରତ୍ନ ଏପିଜେ ଅବଦୁଲ କଲାମ ୧୫ ଅକ୍ଟୋବର ୧୯୩୧ରେ ରାମେଶ୍ୱରମ୍ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୁରା ନାମ ଅବୁଲ୍ ଫକୀର୍ ଜୈନୁଲ୍‌ବିଦ୍ଦିନ୍ ଅବଦୁଲ କଲାମ । ତାଙ୍କ ପିତାଙ୍କ ନାମ ଜଇନୁଲାବଦିନ ଓ ମାତାଙ୍କ ନାମ ଥିଲା ଆଶି ଆମ୍ମା । ତାଙ୍କ ପିତା ଥିଲେ ଡଙ୍ଗା ଚାଳକ । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପୁତ୍ରକୁ କୌଣସି ଭଲ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ପଢ଼ାଇପାରିନଥିଲେ । ଏଇଥିପାଇଁ କାଲାମ ପ୍ରତିଦିନ ପାଠପଢ଼ା ପରେ ହକର ସାଜି ଖବର କାଗଜ ବିକି ବାପାଙ୍କ ପାଇଁ କିଛି ଆର୍ଥିକ ସହଯୋଗ କରୁଥିଲେ । ଆରମ୍ଭରୁ ସେ ଜଣେ ମେଧାବୀ ଛାତ୍ର ଥିଲେ । ସେ ସେଂଟ ଯୋଶେଫ କଲେଜ ଏବଂ ମାଡ୍ରାସ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ତାପରେ ସେ ଜଣେ ବିଜ୍ଞାନୀ ଭାବେ ଦକ୍ଷତା ହାସଲ କରି ପରେ ମହାକାଶ ବିଜ୍ଞାନୀ ଭାବେ ପାରଙ୍ଗମତା ଲାଭ କଲେ ।

ସେ ଉଚ୍ଚାରଣ ଏବଂ ଆଚରଣରେ ଠିକ୍ ଥିଲେ । ସେ ସ୍ୱପ୍ନ ଦେଖୁଥିଲେ ଏବଂ ସ୍ୱପ୍ନକୁ ସାକାର କରିଥିଲେ । ତାଙ୍କ ମତରେ 'ତୁମେ ଯଦି ସୂର୍ଯ୍ୟଙ୍କ ପରି ଜଳିବାକୁ ଚାହୁଁଛ, ଆଗ ନିଜ ଜଳ । ଲକ୍ଷ୍ୟରେ ପହଂଚିବା ପାଇଁ ଦୃଢ଼ନିଷ୍ପତି, କଠିନ ପରିଶ୍ରମ, କଠିନ ଅଧ୍ୟବସାୟ ସହ ଜୀବନରେ ପ୍ରତିଶ୍ରୁତିବଦ୍ଧତା ଦରକାର । ତାହାହେଲେ କାହା ପାଇଁ ଅସମ୍ଭବ ବି ସମ୍ଭବ ହୋଇପାରେ ।'

କଲାମ ହେଉଛନ୍ତି ଭାରତୀୟ କ୍ଷେପଣାସ୍ତ୍ରର ଜନକ । ତାଙ୍କ ଯୋଗୁଁ ଭାରତର ମହାକାଶ ଗବେଷଣା ଉନ୍ନୟନ ଏବଂ କ୍ଷେପଣାସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି ହେଲା ଏବଂ ଭାରତ ଏ ଦିଗରେ ବିଶ୍ୱର ଶକ୍ତିଶାଳୀ ପଂଚରାଷ୍ଟ୍ର ସମକକ୍ଷ ହୋଇପାରିଲା । ଯେ ଯେଉଁ କ୍ଷେପଣାସ୍ତ୍ରର ପରିକଳ୍ପନା କରିଥିଲେ ତାହାର ସଫଳ ରୂପାୟନ ହେଉଛି 'ଅଗ୍ନି', 'ପୃଥିବୀ', 'ଆକାଶ', 'ତ୍ରିଶୂଳ' ଓ 'ନାଗ' । ସେ ଥିଲେ କ୍ଷେପଣାସ୍ତ୍ର ମାନବ ବା ମିଜାଇଲ୍ ମ୍ୟାନ୍ । ବିଫଳତାରୁ ସଫଳତା ଲାଭ କରିଥିବା ମଣିଷ ହେଉଛନ୍ତି କଲାମ । ତାହାହିଁ ତାଙ୍କୁ ଆଜି ସୌଭାଗ୍ୟର ଶୀର୍ଷସୀମାରେ ପହଂଚାଇ ପାରିଛି ଏବଂ ତାହାରି ବଳରେ ବିଶ୍ୱରେ ଭାରତକୁ ସେ ପରମାଣୁ ଶକ୍ତିରାଷ୍ଟ୍ର ଭାବରେ ପ୍ରତିପାଦନ କରିପାରିଛନ୍ତି ।

ତାଙ୍କରି କୃତିତ୍ୱ ଏବଂ କାର୍ଯ୍ୟାବଳୀ ଯୋଗୁଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । ସେଗୁଡ଼ିକ ହେଲା ୧୯୮୧ରେ ଭାରତ ସରକାରଙ୍କର 'ପଦ୍ମଭୂଷଣ', ୧୯୯୦ରେ ଭାରତ ସରକାରଙ୍କର 'ପଦ୍ମ ବିଭୂଷଣ', 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟସ୍‌ଙ୍କର 'ଡିଷ୍ଟିଙ୍ଗୁଏସ୍ ଫେଲୋ ପୁରସ୍କାର ୧୯୯୪, ୧୯୯୭ରେ ଭାରତ ସରକାରଙ୍କ 'ଭାରତରତ୍ନ', ୧୯୯୭ରେ 'ଇନ୍ଦିରା ଗାନ୍ଧି ଆୱାର୍ଡ ଫର୍ ନ୍ୟାସ୍‌ନାଲ ଇଂଟିଗ୍ରେସନ' ଭାରତୀୟ ଜାତୀୟ କଂଗ୍ରେସ ତରଫରୁ, ୧୯୯୮ରେ 'ବୀର ସଭରକର ଆୱାର୍ଡ' ଭାରତ ସରକାର, ଆୱାର ରିସର୍ଚ୍ଚ ସେଂଟର ତରଫରୁ 'ରାମାନୁଜ ଆୱାର୍ଡ ୨୦୦୦', ୨୦୦୭ରେ ଓଭର ହାମ୍ପଟନ୍ ବିଶ୍ୱବିଦ୍ୟାଳୟ ବ୍ରିଟେନ୍ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ' ପୁରସ୍କାର, ରୋୟାଲ ସୋସାଇଟି ବ୍ରିଟେନ୍ ତରଫରୁ ୨୦୦୭ରେ 'କିଙ୍ଗ ଚାର୍ଲସ ସମ୍ମାନ' ଏବଂ କ୍ୟାଂଟ୍‌ଜୀ ବିଶ୍ୱବିଦ୍ୟାଳୟ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ସମ୍ମାନ ୨୦୦୭, ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି, ସିଙ୍ଗାପୁର ତରଫରୁ 'ଡକ୍ଟରେଟ୍ ଅଫ୍ ଇଂଜିନିୟରିଂ୨୦୦୮', କାଲିଫର୍ଣ୍ଣିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆମେରିକା ତରଫରୁ 'ଇଂଟର ନ୍ୟାସନାଲ ବନ କର୍ମନ ଉଇଙ୍ଗସ ପୁରସ୍କାର ୨୦୦୯', ଏଏସ୍‌ଏମ୍‌ଇ ପ୍ରତିଷ୍ଠାନ, ଆମେରିକା ତରଫରୁ 'ହୁଭର ମେଡଲ ୨୦୦୯', 'ଡକ୍ଟରେଟ୍ ଉପାଧି, ୨୦୦୯' ଓକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ଇଂଜିନିୟରିଂ ପୁରସ୍କାର ୨୦୧୦' ୱାଟରଲୁ ବିଶ୍ୱବିଦ୍ୟାଳୟ, 'ଆଇଇଇରେ ସଭ୍ୟପଦ ୨୦୧୧', 'ଡକ୍ଟର ଅଫ୍ ଲ' ଉପାଧି ୨୦୧୨' ସିମନ୍ ଫ୍ରାଜର ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ସାଇନ୍ସ ଉପାଧି ୨୦୧୪' ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍ ।

ଡ.କଲାମ ଖାଲି ଜଣେ ବିଜ୍ଞାନୀ ନୁହଁନ୍ତି, ସେ ଜଣେ ବିଶିଷ୍ଟ ସାହିତ୍ୟିକ । ତାଙ୍କର ଲୋକପ୍ରିୟ ପୁସ୍ତକ ହେଲା 'ୱିଙ୍ଗ୍‌ସ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦' ଓ 'ଇଉନାଇଟେଡ୍ ମାଇଣ୍ଡ' । ଅନ୍ୟାନ୍ୟ ବହି ଭିତରେ ଅଛି 'ଡେଭଲପ୍‌ମେଂଟସ୍ ଇନ୍ ଫ୍ଲୁଇଡ୍ ମେକାନିକସ୍ ଆଣ୍ଡ ସ୍ପେସ୍ ଟେକ୍ନୋଲୋଜି ୧୯୮୮, ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ୧୯୮୮, ଇଣ୍ଡିଆ ୨୦୨୦ (୧୯୯୮), ଉଇଙ୍ଗ୍‌ସ ଅଫ୍ ଫାୟାର୍ସ - ୧୯୯୯, ଇଉନାଇଟେଡ୍ ମାଇଣ୍ଡସ୍-୨୦୦୨, ଦି ଲୁମିନିୟସ୍ ସ୍ପାର୍କସ-୨୦୦୪, ମିଶନ ଇଣ୍ଡିଆ-୨୦୦୫, ଇନ୍‌ସ୍ପାୟାରିଂ ଥଟ୍-୨୦୦୭, ଇଣ୍ଡୋମିଟେବଲ ସ୍ପିରିଟ୍, ଏନ୍‌ଭିଜନିଂ ଆନ୍ ଇମ୍ପାୱାର୍ଡ ନେସନ୍, ୟୁ ଆର୍ ବର୍ଣ୍ଣ ଟୁ ବ୍ଲସମ୍ ୨୦୧୧, ଟାରଗେଟ୍ ଥ୍ରୀ ବ୍ରିଲିୟାନ୨୦୧୧, ଟର୍ଣ୍ଣିଂ ପଏଂଟ-୨୦୧୨, ମାଇଁ ଜର୍ଣ୍ଣି-୨୦୧୩, ଏ ମେନିଫେଷ୍ଟୋ ଫର୍ ଚେଂଜ ୨୦୧୪, ଫର୍ଜ ଇୟର ଫ୍ୟୁଚର-୨୦୧୪, ରିଇ ଗ୍ନାଇଟେଡ୍-୨୦୧୫, ଟ୍ରାନ୍ସେ ଡେନ୍ସ ମାଇ ସ୍ପିରିଟୁଆଲ୍ ଏକ୍ସପେରିଏନ୍ସ ଉଇଥ୍ ସ୍ୱାମୀଜୀ-୨୦୧୫ ।

ମଣିଷ ହିସାବରେ ସେ ଅତ୍ୟନ୍ତ ସରଳ, ଅମାୟିକ, ନିରହଂକାରୀ, ଶ୍ରଦ୍ଧାଳୁ ବ୍ୟକ୍ତିତ୍ୱ ଥିଲେ । ସେ ଜଣେ ନିର୍ଦ୍ଦଳୀୟ ସର୍ବଜନ ଆଦରଣୀୟ ବ୍ୟକ୍ତିତ୍ୱ ଯେଉଁଥିପାଇଁ ସେ ସବୁ ଦଳର ସମ୍ମତିକ୍ରମେ ରାଜନୀତି ଊର୍ଦ୍ଧ୍ୱରେ ଥାଇ ୨୦୦୨ ମସିହାରେ ଭାରତର ଲୋକପ୍ରିୟ ରାଷ୍ଟ୍ରପତି ବା ପିପୁଲ୍‌ସ ପ୍ରେସିଡେଂଟ ହୋଇପାରିଥିଲେ । ସେ ଅତ୍ୟନ୍ତ ଶିଶୁ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ।

ପାଠ ପଢ଼ାଇବା ମାଧ୍ୟମରେ ସେ ଅଭିଜ୍ଞତାକୁ ବାଂଟିବା ପାଇଁ ବେଶ୍ ଭଲ ପାଉଥିଲେ । ସେଥିପାଇଁ ରାଷ୍ଟ୍ରପତି ଥିବା ବେଳେ ଏବଂ ତାପରେ ବି ନିଜର ପରିଚୟ ଅକ୍ଷୁର୍ଣ୍ଣ ରଖିଛନ୍ତି । ଆଇଆଇଏମ୍ ଅହମ୍ମଦାବାଦ, ଇନ୍ଦୋରରେ ଅତିଥି ପ୍ରଫେସର ଭାବେ ସେ ମଧ୍ୟ ଶିକ୍ଷକତା କରିଛନ୍ତି । ଏହାଛଡ଼ା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ଇଂଜିନିୟରିଂ ଆଣ୍ଡ ରିସର୍ଚ୍ଚରେ ସେ କୁଳାଧିପତି ଥିଲେ ଏବଂ ଆନ୍ନା ୟୁନିଭରସିଟିରେ ଏରୋସ୍ପେସ୍ ଇଂଜିନିୟରିଂ ପ୍ରଫେସର ଭାବେ କାମ କରିଛନ୍ତି



ରାଷ୍ଟ୍ରପତି ଦାୟିତ୍ୱରୁ ଅବସର ପରେ ।

ଓଡ଼ିଶା ସହିତ ତାଙ୍କର ସଂପର୍କ ଖୁବ୍ ନିବିଡ଼ । ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଂଟରିମ୍ ଟେଷ୍ଟରେଞ୍ଜର ପ୍ରଧାନ ସ୍ଥପତି ଥିଲେ ସିଏ । ଏହି ଠାରୁ ତାଙ୍କ ତତ୍ତ୍ୱାବଧାନରେ ୧୯୮୯ ମେ ୨ ତାରିଖରେ ଅଗ୍ନି-୧ ପରେ ଏପ୍ରିଲ ୧୧ ୧୯୯୯ରେ ଅଗ୍ନି-୨ ପରୀକ୍ଷଣ ହୋଇଥିଲା । ଏମିତି ଆହୁରି ବି କେତେ । ଚାନ୍ଦିପୁର ଓ ହ୍ୱିଲର ଦ୍ୱୀପକୁ 'ଥିଏଟର ଅଫ୍ ଆକ୍ସନ' ନାମରେ ନାମିତ କରିଛନ୍ତି ସିଏ । କାରଣ ଏହିଠାରୁ କ୍ଷେପଣାସ୍ତ୍ର ମାନ ପରୀକ୍ଷା ନିରୀକ୍ଷା ହୁଏ । ଜୀବନର ଶେଷ ମୁହୂର୍ତ୍ତରେ ସେ ଓଡ଼ିଶା ଭ୍ରମଣରେ ଆସି ରାଉରକେଲା ଏବଂ ଆଉ କିଛି ସ୍ଥାନରେ ବୁଲି 'ଛାତ୍ରମାନଙ୍କୁ ସ୍ୱପ୍ନ ଦେଖ ଓ ତାକୁ ବାସ୍ତବ କର' ଉପରେ ଗୁରୁତ୍ୱପୂର୍ଣ୍ଣ ଭାଷଣ ଓ ପରାମର୍ଶ ଦେଇଛନ୍ତି । ସେ କହିଥିଲେ ନିଜ କାମ ନିଜେ କର, ସବୁ ମୁହୂର୍ତ ଶୁଭବେଳା । ସେ ଖୁବ୍ ଭଲ ପାଉଥିଲେ ସଙ୍ଗୀତ ଓ ବୀଣାର ଝଂକୃତ ପୂର୍ଣ୍ଣିମା ରାତିରେ ସାହାନାଇ । କହୁଥିଲେ : ଖା ପିଠା, ପଢ଼ ଗୀତା ।

ସେ ନିଜ ପଦମର୍ଯ୍ୟାଦା ପ୍ରତି ବହୁତ ଧ୍ୟାନ ଦେଉଥିଲେ । ସେଥିରେ ଜଣେ ମହାଦାନୀ, ସବୁ ଅର୍ଥ ସେ ଦାନ କରିଦେଇଥିଲେ କାହାରି ହିତାର୍ଥେ । ଏମିତି କି ରାଷ୍ଟ୍ରପତି ଥିବା ବେଳେ ତାଙ୍କ ଦରମା । ସ୍ୱପ୍ନ ଥିଲା - ଭାରତ ବିକଶିତ ହେଉ ଏବଂ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରୁ । ଏପରି ଜଣେ ବ୍ୟକ୍ତିତ୍ୱଙ୍କର ମେଘାଳୟ ଶିଲଂ ରେ ଏକ ବକ୍ତୃତା ଦେବା ବେଳେ ମୃତ୍ୟୁ ହୁଏ ୨୭ ଜୁଲାଇ ୨୦୧୫ରେ । ପ୍ରଣାମ କାଲାମ ।


♥ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ : ବିପିନବିହାରୀ ପାଠାଗାର, ଜଟଣୀ, ଖୋର୍ଦ୍ଧା
ମୋ-୯୯୩୮୩୪୪୧୩୮


# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

**ଭାଗ-୧୯**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।




ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫


ଗାଆଁ ରାସ୍ତାର ପୀତ ଖରା ଯେବେ
ପୋଖରୀରେ ବୁଡ଼ ମାରେ
ସ୍ନିଗ୍ଧ ଶିହରଣ ଚରିଯାଏ ସାରା
ଗାଆଁଟାର ଛାତିତଳେ । ୧୯୧ ।

ବେଳେବେଳେ ଲାଗେ ନିଶାର୍ଦ୍ଧରେ ଗାଆଁ
ହୋଇଉଠେ ସଂଜୀବିତ
ପକ୍ଷୀରାଜ ସାଜି ଉଡ଼ିଯାଏ କାହିଁ
କାଉଁରୀ ଦିଗ ଦିଗନ୍ତ । ୧୯୨ ।

ସେ ଘୋଡ଼ାରେ ବସି ରାଜକୁମାର ମୁଁ
ସାରା ବ୍ରାହ୍ମାଣ୍ଡଟା ବୁଲେ
ରାଜପୁତ୍ର ଯୋଗ କାହାକୁ ମିଳେନା
ପ୍ରାରବ୍ଧ ଭାଗ୍ୟେ ନଥିଲେ । ୧୯୩ ।

ଟିକି ମାଛଟିଏ କହିପାରିବ କି
ସାରା ସମୁଦ୍ରର କଥା ?
ମୋ' ପାଇଁ ସେମିତି ଗାଆଁଟି ମୋହର
କି' ଗାଇବି ତା'ର ଗାଥା ? । ୧୯୪ ।

ଗଗନରେ ଯେବେ ନିଶିଥର ତାରା
ମିଟିମିଟି ଆଖି ମାରେ
ଗାଁ ସାଜିଯାଏ ଜାହ୍ନବୀ ଯମୁନା
ଭାସେ ମୁଁ ତା'ର କୁଆରେ । ୧୯୬ ।

ସିନ୍ଦୁରା ଫାଟିଲେ ମନର ଫର୍ଦ୍ଦରେ
ସୃଜନ ସାକାର ସ୍ୱର
କୃଷ୍ଣଚୂଡ଼ାର କମନୀୟ ହସ
କୋମଳ ଶାଂତ ମଧୁର । ୧୯୬ ।

ପ୍ରଚଣ୍ଡ ଗ୍ରୀଷ୍ମରେ ଧରି ରଖିଥାଏ
ରକ୍ତିମ ନୀଳ ବିଶ୍ୱାସ
ପ୍ରତିକୂଳ ସ୍ରୋତେ ଜୀବନ ବଂଚିବା
ଶକତ ଜ୍ୱଳନ୍ତ ଶ୍ୱାସ । ୧୯୭ ।

ଜିଭକୁ ବଢ଼ାଇ ଚାହେଁ ଯେବେ ସୂର୍ଯ୍ୟ
ଜଡ଼ାଇ ନେବାକୁ ମୋତେ
ଅଣ୍ଡାଭାଙ୍ଗି ମେଘ ନଇଁପଡ଼େ ସେଠି
କୋଳେଇ ନେବାକୁ ହାତେ । ୧୯୮ ।

ଜକଜକ ତାରା ଆଲୁଅ ଘାଗରା
ରାତି ଚିରନ୍ତନ ସ୍ୱର
ମୋହିନୀ ସାଳନ୍ଦୀ ଶୁଷ୍କ ବାଲିଚଡ଼ା
ସାଜେ ଆଉ ଏକ ଘର । ୧୯୯ ।

ଗେରୁଆ କଳସେ ରମଣୀଙ୍କ ଧାଡ଼ି
ତେନ୍ତୁଳି ଫଡ଼ାଟେ ପରି
ହଳଦୀ ଲଗାଇ ଦେହ ସଅଁପନ୍ତି
ନାନାବିଧ ଓଷା କରି । ୨୦୦ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

**୩୩**



**ଦୀପକ ରଂଜନ ମିଶ୍ର**

## ॥ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ ॥

ବରିଶାଲ ଷଡ଼ଯନ୍ତ୍ର କେଶ୍‌ର ମୁଖ୍ୟ ଅଭିଯୁକ୍ତ ଭାବେ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀଙ୍କୁ ଦଶବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରି କଳାପାଣି ପଠାଇବାକୁ ହାଇକୋର୍ଟ ରାୟ ଶୁଣାଏ । ଇୟେ ଶ୍ୱାସରୋଗୀ ହୋଇଥିବାରୁ ତେଣୁ ତାଙ୍କ ମନରେ ସନ୍ଦେହ ଥାଏ ତାଙ୍କୁ ଡାକ୍ତରୀ ଯାଞ୍ଚ କରିବା ବେଳେ ଡାକ୍ତର କଳାପାଣି ପଠାଇବାକୁ ମନା କରିବେ ବୋଲି । ମେଡିକାଲ ବୋର୍ଡ଼ ପ୍ରତ୍ୟେକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କାହାକୁ ପଠାଯିବ ତାହା ନିଷ୍ପତ୍ତି ନେଉଥିଲା । କିନ୍ତୁ ଜେଲ୍ ସୁପରିଂଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ମୁତାବକ ଶ୍ୱାସରୋଗ ଚିହ୍ନଟ କରିବା ପରେ ମଧ ଡାକ୍ତର ତାଙ୍କୁ ଆଣ୍ଡାମାନ ପଠାଯାଇ ପାରିବ ବୋଲି ଲେଖି ଦିଅନ୍ତି । ଦଶବର୍ଷର ସଜା କାଟିବା ପରେ ଜୀବନ ଧରି ପୁଣି ନିଜ ଦେଶକୁ ଫେରି ପାରିବେ ଏଇ ବିଷୟରେ ସେ ଥିଲେ ସନ୍ଦିହାନ । ବନ୍ଧୁ ବାନ୍ଧବ କାହାକୁ ବି ତାଙ୍କ ସହିତ ସାକ୍ଷାତ କରିବାର ଅନୁମତି ନଥାଏ । ସେ ଏକା ଏକା ଜେଲ୍‌ର କୋଠରୀ ଭିତରେ ବସି କାନ୍ଥରେ ଖଣ୍ଡିଆ ଇଟା ସାହାଯ୍ୟରେ କବିତାଟିଏ ଲେଖନ୍ତି - "ବିଦାୟ ଦେ ମା ପ୍ରଫୁଲ୍ଲ ମନେ ଯାଇ ଆମି ଆନ୍ଦାମାନେ / ଏଇ ପ୍ରାର୍ଥନା କର ମାଗୋ ମନେ ଜେନୋ ରେଖୋ ସନ୍ତାନେ .... ।"





ନିର୍ଦ୍ଧାରିତ ତାରିଖ ଦିନ ପ୍ରତ୍ୟେକ ବନ୍ଦୀଙ୍କ ଅଣ୍ଟାରେ ଦଉଡ଼ି ବାନ୍ଧି ଦୁଇ ଦୁଇ ଜଣ କରି ଧାଡ଼ିରେ ବସାଯାଏ । ଜେଲର୍ ସାହେବ ନିରୀକ୍ଷଣ କରିବାକୁ ଆସି ତାଙ୍କୁ ଧାଡ଼ିରେ ବସିଥିବା ଦେଖି କହନ୍ତି, "ତ୍ରୈଲୋକ୍ୟ, ଏଇଟା ତୁମର ଶେଷ ଯାତ୍ରା । ତୁମେ ସେଇ କଳାପାଣିରେ ହିଁ ମୃତ୍ୟୁବରଣ କରିବ ।" ଜେଲର୍‌ଙ୍କ ଏଇ ଭିବିଷ୍ୟତବାଣୀ ବୋଧହୁଏ ପ୍ରକୃତରେ ସତ ହେବାକୁ ଯାଉଛି ଭାବି ସେ ଚୁପ୍ ରହନ୍ତି । ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କ ଗହଣରେ ତାଙ୍କୁ ଆଣି ଜାହାଜରେ ଚଢ଼େଇ ଦିଆଯାଏ । ଏହା ଥାଏ ତାଙ୍କ ଜୀବନର ପ୍ରଥମ ସମୁଦ୍ରଯାତ୍ରା । ରାସ୍ତାରେ ସେମାନଙ୍କୁ ଚୁଡ଼ା ଓ ଗୁଡ଼ ଖାଇବାକୁ ଦିଆହୁଏ । ହେଲେ ତାକୁ ସେ ଖାଇ ପାରି ନଥିଲେ । ଜାହାଜଟି ସମୁଦ୍ର ଢେଉ ଯୋଗୁଁ ଏମିତି ଦୋହଲୁଥାଏ ଯେ ନିଜ ବିଛଣାରୁ ଉଠିବା ବି ତାଙ୍କ ପାଇଁ ମୁସ୍କିଲ୍ ହୋଇପଡ଼େ । ଉଠିଲା ମାତ୍ରେ ଦେହ ଘାଣ୍ଟିହୋଇ ବାନ୍ତି ଆରମ୍ଭ ହୋଇଯାଉଥିଲା । ସକାଳେ ଓ ସନ୍ଧ୍ୟାରେ ମୁକ୍ତ ବାୟୁ ସେବନ ଉଦ୍ଦେଶ୍ୟରେ ସେମାନଙ୍କୁ ଜାହାଜ ଉପରେ ଥିବା ଡେକ୍‌କୁ ଅଣାଯାଉଥିଲା କିଛି ସମୟ ପାଇଁ । ତାଙ୍କ ସହ ସେଇ ଜାହାଜରେ ପ୍ରାୟ ନବେ ଜଣ କଏଦୀ ଆଣ୍ଡାମାନ ଯାଉଥାନ୍ତି । କିଛି ମହିଳା କଏଦୀ ବି ଥାଆନ୍ତି ତାଙ୍କ ସହିତ । ଯାତ୍ରାର ଚତୁର୍ଥ ଦିନ ସେମାନେ ଯାଇ ପହଞ୍ଚନ୍ତି ଆଣ୍ଡାମାନର ଅବେରଦୀନ୍ ଦ୍ୱୀପରେ ଯେଉଁଠି ସେଲ୍ୟୁଲାର ଜେଲ ଅବସ୍ଥିତ ।

ଜେଲ୍‌ରେ ପହଞ୍ଚିବା ପରେ ପ୍ରତ୍ୟେକ କଏଦୀଙ୍କ ଗୋଡ଼ରୁ ବେଡ଼ି ଗୁଡ଼ିକ କାଟିଦିଆଯାଏ । ଏତେଦିନ ହେଲା ତାହା ଗୋଡ଼ରେ ପିନ୍ଧା ହୋଇଥିବା ଅବସ୍ଥାରେ ଏମାନେ ଚାଲ୍‌ବୁଲ୍ କରୁଥିବାରୁ କାଟିଦେଲା ପରେ ସେମାନଙ୍କୁ ତାଙ୍କ ଗୋଡ଼ ଖୁବ୍ ହାଲୁକା ଲାଗେ । କେହି କଏଦୀ ଆସିଲା ବେଳେ କାଳେ ପଇସା ପତ୍ର କିଛି ସାଙ୍ଗରେ ଆଣିଥିବ ତାହା ଦେଖିବା ପାଇଁ ସମସ୍ତଙ୍କର ଯାଞ୍ଚ କରାଯାଏ । ସେଇଠି ଜେଲ୍ ଭିତରେ ପଇତା ପିନ୍ଧିବାରେ ବି ଥାଏ ବାରଣ । ତ୍ରୈଲୋକ୍ୟଦା'ଙ୍କ କାନ୍ଧରୁ ପଇତା କାଢ଼ି ନେବାକୁ ଆଦେଶ ହେବାରୁ ସେ ତାର ପ୍ରବଳ ବିରୋଧ କରନ୍ତି । ବ୍ରାହ୍ମଣ ଲୋକ, ତାଙ୍କ କାନ୍ଧରୁ ପଇତା କଢ଼ାଯିବା ନିହାତି ଏକ ଅବାନ୍ତର କଥା । ତାଙ୍କ ଯୁକ୍ତି କିନ୍ତୁ କେହି ଶୁଣିବାକୁ ନାରାଜ । ଯାହା ଜେଲ୍‌ର ନିୟମ ତାକୁ ମାନିବାକୁ ପ୍ରତ୍ୟେକ କଏଦୀ ବାଧ । ପୂର୍ବରୁ ଆସି ସେଠାରେ ରହୁଥିବା ବନ୍ଦୀମାନେ ବି ନିଜ ପଇତା କାଢ଼ି ଦେଇଥିବା କଥା ଶୁଣି ସେ ଟିକିଏ ଆଶ୍ୱସ୍ତ ହୁଅନ୍ତି । ଜେଲର୍ ଓ ସୁପରିଂଟେଣ୍ଡେଣ୍ଟ ହିଁ ସେଠିକାର ସର୍ବେସର୍ବା । କୋଉ ଜେଲ୍ ନିରୀକ୍ଷକ କେବେ ଆସନ୍ତିନି । ଆଣ୍ଡାମାନର ଚିଫ୍ କମିଶନର ଧର୍ମକୁ ଆଖିଠାର ମାରିବା ଭଳି ବର୍ଷକୁ ତିନି ଚାରିଥର ଯାହା ବୁଲିବାକୁ ଆସନ୍ତି ଜେଲ୍ ଭିତରକୁ । ପ୍ରତ୍ୟେକ କଏଦୀର ଅଧିକାର ଥାଏ ଚିଫ୍ କମିଶନରଙ୍କ ପାଖରେ ନିଜ ଅଭିଯୋଗ ରଖିବାର । ହେଲେ ତାଙ୍କ ଚାରିପଟେ ବନ୍ଧୁକଧାରୀମାନେ ଏମିତି ଘେରି ରହିଥାନ୍ତି ଯେ ସାଧାରଣ କଏଦୀ ସେଇ ପରିସ୍ଥିତିରେ କିଛି ଅଭିଯୋଗ କରିବା ପାଇଁ ସାହସ ହିଁ ଜୁଟାଇ ପାରେନି । କେବେ କେମିତି କେହି କହିବାକୁ ଚେଷ୍ଟାକଲେ ବି ତାହାର କିଛି ଲାଭ ହେଉ ନଥିଲା କାରଣ କମିଶନର କଏଦୀଙ୍କ ଅପେକ୍ଷା ଜେଲ୍‌ର ଅଧିକାରୀମାନଙ୍କ କଥାକୁ ଅଧିକ ବିଶ୍ୱାସଯୋଗ୍ୟ ବୋଲି ମନେ କରୁଥିଲେ । ସେଇଠି ଭାରି ନିମ୍ନମାନର ଭୋଜନ ମିଳୁଥିଲା । ଶସ୍ତା ରେଙ୍ଗୁନ୍ ଚାଉଳର ଭାତ, ହରଡ଼ ଡାଲି ଓ ଘାସପତ୍ରର ତରକାରୀ । ପ୍ରତିଦିନ ୟାକୁଇ ଜଣେ କେତେ ଖାଇବ । ରାତିରେ କୋଠରୀ ଭିତରେ କୌଣସି ପ୍ରକାରର ଆଲୋକ ବ୍ୟବସ୍ଥା ନଥାଏ । ବିଷାକ୍ତ ସାପ, ବିଛା, ବିଭିନ୍ନ ପ୍ରକାରର ପୋକ ତଥା ମଶା ଡାଆଁଶଙ୍କ ସହିତ ଅନ୍ଧକାରରେ ରାତି ବିତାଇବାକୁ ପଡୁଥାଏ କଏଦୀମାନଙ୍କୁ । ସନ୍ଧ୍ୟାରୁ ତା'ପରଦିନ ସକାଳ ପର୍ଯ୍ୟନ୍ତ କୋଠରୀ ଭିତରେ ବନ୍ଦୀହୋଇ ରହୁଥିବା ବେଳେ ମୁତ୍ରତ୍ୟାଗ ପାଇଁ ଛୋଟ ମାଟିପାତ୍ରଟିଏ ଦିଆ ହେଉଥିଲା । ବେଳ ଅବେଳରେ ଝାଡ଼ା ଲାଗିଲେ ଗୋଡ଼ରେ ଅଣ୍ଡାଳି ଅଣ୍ଡାଳି ପାତ୍ରଟିର ସନ୍ଧାନ ପାଇବା ପରେ ସେଥିରେ ପରିସ୍ରାକୁ ଚାପି ପ୍ରଥମେ ମଳତ୍ୟାଗ କରି ତା'ପରେ ମଳକୁ ଚାପି ପରିସ୍ରା କରିବାକୁ ପଡୁଥିଲା । ଏକା ସାଙ୍ଗରେ ଉଭୟ ତ୍ୟାଗ କଲେ ପାତ୍ର ବାହାରେ ପଡ଼ିବାରୁ କୋଠରୀ ମଇଳା କରିବାର ଅଭିଯୋଗରେ ତା' ପରଦିନ ସେମାନଙ୍କୁ ଦଣ୍ଡିତ ହେବାକୁ ପଡ଼େ ।

ସୁପରିଂଟେଣ୍ଡେଣ୍ଟ ସାହେବ ତ୍ରୈଲୋକ୍ୟଦା'ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରେଇବା ପରେ ତାଙ୍କ ପାଇଁ କଠିନ କାର୍ଯ୍ୟର ବ୍ୟବସ୍ଥା କରନ୍ତି । ଶ୍ୱାସରୋଗୀ ବୋଲି ଜାଣିବା ସତ୍ତ୍ୱେବି ତାଙ୍କର ଟିକିଏ ବି ଦୟାଭାବ ଦେଖାଦିଏ ନାହିଁ । ଶଚୀନ୍‌ଙ୍କୁ ତେଲଘଣାରେ କାମ କରିବାକୁ ନିର୍ଦ୍ଦେଶ ଦେବାସହ ଏମାନଙ୍କୁ ଶୁଖିଲା ନଡ଼ିଆର ଖୋଳପା ଛଡ଼େଇବା କାମ ଦିଆଯାଏ । ଏଭଳି କଠିନ କାମ କରି କରି ଅସୁସ୍ଥ ହୋଇଗଲେ ବି ଡାକ୍ତରଖାନାରେ ଭର୍ତ୍ତି କରାଯାଉ ନଥିଲା । ଅସୁସ୍ଥାବସ୍ଥାରେ ମଧ କାମ କରିବାକୁ ପଡୁଥିଲା କଏଦୀମାନଙ୍କୁ । ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ସାଥୀମାନେ ଯିଏ ଯାହା ବତାଇଲେ ସେଇଟା ଆଖି ବୁଜି ସେ ଖାଉଥିଲେ ଜୀବନ ବିକଳରେ । ଥରେ ଜଣକ କଥାରେ ପଡ଼ି କିଛି କିରୋସିନି ପିଇ ଦିଅନ୍ତି । ହେଲେ ତାହା ଟିକିଏ ବି କାମ ଦିଏନି । ତା' ପରଦିନ ମଳତ୍ୟାଗ ବେଳେ ଅଧିକାଂଶ ତେଲ ବାହାରିଯାଏ । ଆଉ ଜଣକ କହିବା ଅନୁସାରେ ଶ୍ୱାସ ବାହାରିଥିବା ବେଳେ କଳରେ ତମାଖୁ ଜାକି ରଖନ୍ତି । ହେଲେ ଶ୍ୱାସ ଛାଡ଼ିବା ପରିବର୍ତ୍ତେ ତାଙ୍କର ମୁଣ୍ଡ ଏମିତି ବୁଲାଏ ଯେ ସହବନ୍ଦୀ ଜଣେ ତାଙ୍କ ମୁଣ୍ଡରେ ଥଣ୍ଡାପାଣି ଆଣି ଢାଳିବାରୁ ଟିକିଏ ଭଲ ଲାଗେ । ଶେଷକୁ ଅବସ୍ଥା ସାଙ୍ଘାତିକ ହୋଇଯିବାରୁ ତାଙ୍କୁ ଉଠାଇ ଡାକ୍ତରଖାନାକୁ ନିଆଯାଏ । ଡାକ୍ତର ସେଠି ଦିନେ ଦୁଇଦିନ ରହିବାକୁ କହନ୍ତି । ହେଲେ ଦ୍ୱିତୀୟ ଦିନ ସୁପରିଂଟେଣ୍ଡେଣ୍ଟ ଆସି ତାଙ୍କୁ ଡାକ୍ତରଖାନାରେ ଦେଖି ରାଗି ଯାଇ ଡାକ୍ତରଙ୍କୁ ଧମକାଇବା ସହ ନିଜେ ତ୍ରୈଲୋକ୍ୟଦା'ଙ୍କ ହାତଧରି ଘୋଷାରି ଘୋଷାରି ୱାର୍ଡ଼କୁ ନେଇ ଆସନ୍ତି । କୋଠରୀ ଭିତରେ ବନ୍ଦ କଲାବେଳେ କହନ୍ତି, "ଦେଶରେ ଅଶାନ୍ତି କଲୁ ସେଇଟା ମନେ ନାହିଁ । ଏଇଟା ଜେଲ୍, କୌଣସି ମଉଜ କରିବାର ସ୍ଥାନ ନୁହେଁ । ବେମାର ପଡ଼ିବାର ବାହାନା ଦେଖାଇ ସେଠିକୁ କ'ଣ ଦୁଧ ପିଇବାକୁ ଯାଇଥିଲୁ ?"

ସେଠାରେ ପ୍ରତିମାସ ପ୍ରାୟ ତିନିଜଣ କଏଦୀ ଜେଲ୍ ଭିତରେ ଆତ୍ମହତ୍ୟା କରୁଥିବା କଥା ସରକାରୀ ବିବରଣୀରୁ ଜଣାଯାଏ । କଏଦୀଙ୍କ ଭିତରେ ଦୁଇଟି ଦଳ ଥାଏ, ନରମ ଓ ଗରମ । ବାରୀନ୍ ବାବୁ, ସାବରକର ବନ୍ଧୁ ଇତ୍ୟାଦି ପୂର୍ବରୁ ଆସି ସେଠାରେ ରହିଥାନ୍ତି । ମୂଳରୁ ଖୁବ୍ ଯନ୍ତ୍ରଣା ସହି ସେମାନେ ଜେଲ କର୍ତ୍ତୃପକ୍ଷଙ୍କ ସଙ୍ଗେ ଲଢ଼ି ଲଢ଼ି କାଳକ୍ରମେ ନିଜପାଇଁ କିଛି ସୁବିଧା ହାସଲ କରିନେଇଥାନ୍ତି । ଏବେ ସେମାନେ ଜେଲର୍ ତଥା ସୁପରିଂଟେଣ୍ଡେଣ୍ଟଙ୍କ ପ୍ରିୟପାତ୍ର । ମିଳୁଥିବା ସୁବିଧା ତ୍ୟାଗକରି ସେମାନେ ନୂଆ କଏଦୀଙ୍କ ସହ ଆନ୍ଦୋଳନ କରିବାକୁ ରାଜି ହୁଅନ୍ତି ନାହିଁ । ପୁଲିନ୍ ବାବୁ ବି କୌଣସି ପ୍ରକାରର ଝାମେଲାରେ ପଡ଼ିବାକୁ ଚାହୁଁ ନଥିଲେ । କୌଣସି ସାହେବ୍‌ର ପ୍ରିୟପାତ୍ର ହେବାକୁ ବି ତାଙ୍କର ଇଚ୍ଛା ନଥାଏ । ସେ ତ୍ରୈଲୋକ୍ୟଦା'ଙ୍କୁ ବୁଝାଇବାକୁ ଯାଇ କହନ୍ତି, "ଜେଲ୍‌ରେ ହୋହଲ୍ଲା କରି ନିଜ ଦଣ୍ଡ ବଢ଼ାଇବାରେ କି ଲାଭ ? ତା' ଅପେକ୍ଷା ଶାନ୍ତିରେ ରହି ଯାହା କାମ ଦେଉଛନ୍ତି ତାକୁ କରି ସମୟ ଗଡ଼େଇ ଦେବା ବରଂ ଭଲ । ସଜା କାଟି ଏଠାରୁ ବାହାରିଗଲେ ପୁଣି ଦେଶସେବାରେ ନିଜକୁ ନିୟୋଜିତ କରି ପାରିବା । ଏଠି ଆନ୍ଦୋଳନରେ ମାତି ମରିହଜି ଗଲେ କ'ଣ ମିଳିବ କୁହତ ।" ଶ୍ୱାସରୋଗ ହେତୁ ଖୁବ୍ ଦୁର୍ବଳ ହୋଇ ପଡ଼ିଥିବାରୁ ଅନ୍ୟ ସାଥୀମାନେ ବି ତାଙ୍କୁ କୌଣସି ହରତାଳରେ ଭାଗ ନନେବାକୁ ପରାମର୍ଶ ଦିଅନ୍ତି । ରାତି ସାରା କାଶି କାଶି ନୟାନ୍ତ ହୋଇଯାଉଥିବା ଦେଖି ଜଗୁଆଳୀମାନେ ପରସ୍ପର ଭିତରେ କଥା ହୁଅନ୍ତି ଏଇ ବଙ୍ଗାଳୀ କେତେବେଳେ ମରିଯିବ ବୋଲି । ଭୋର ବେଳକୁ କାଶର ଲହର ଟିକିଏ ଥମିବାରୁ ସେ ଶୋଇ ପଡ଼ିଲେ ୱାର୍ଡ଼ର ତାଙ୍କୁ ଥରକୁ ଥର ଡାକି ଉଠାଏ ବଞ୍ଚିଛନ୍ତି କି ମରିଯାଇଛନ୍ତି ଜାଣିବା ପାଇଁ । ଚାଲିବା ପାଇଁ ବି ସେ ଅସମର୍ଥ ହୋଇ ପଡ଼ନ୍ତି । ତାଙ୍କୁ ଲାଗେ ଯେମିତି ଆଉ କିଛି ସମୟ ପରେ ହିଁ ତାଙ୍କର ମୃତ୍ୟୁ ଘଟିବ । ଏତେ କଷ୍ଟ ପାଇ ବଞ୍ଚି ରହିବା ଅପେକ୍ଷା ମରିଯିବା ଶତଗୁଣେ ଶ୍ରେୟସ୍କର ବୋଲି ମନେହୁଏ ତାଙ୍କର ।

ସେତେବେଳେ ଜେଲ୍‌ରେ ପଚିଶ ତିରିଶ ଜଣ ବଙ୍ଗାଳୀ ରାଜବନ୍ଦୀ ଥାଆନ୍ତି । ମରାଠୀ, ରାଜସ୍ଥାନୀ ଓ ଉତ୍ତର ପ୍ରଦେଶର କେତେଜଣ ମଧ ରହୁଥାନ୍ତି । ବାକି ସମସ୍ତେ ଥିଲେ ପଞ୍ଜାବୀ । ସେମାନଙ୍କୁ ସମସ୍ତଙ୍କୁ ସାଧାରଣ କଏଦୀ ହିସାବରେ ରଖା ଯାଇଥାଏ । ବାରିଷ୍ଟର ବିନାୟକ ସାବରକର, ପ୍ରଫେସର ଭାଇ ପରମାନନ୍ଦ, ବାରୀନ୍ ଘୋଷ, ବୁଡ଼୍ଡା ସିଂହ (ବ୍ୟାଙ୍କକ୍‌ର ପ୍ରସିଦ୍ଧ ଧନୀ ବ୍ୟବସାୟୀ) ସମସ୍ତେ ଥିଲେ ସାଧାରଣ ଶ୍ରେଣୀ ଅନ୍ତର୍ଭୁକ୍ତ । ବର୍ମା ତଥା ଭାରତର ପ୍ରତ୍ୟେକ ପ୍ରଦେଶରୁ କିଛି କିଛି କଏଦୀ ସେଠାରେ ଥିଲେ ବି ପରସ୍ପର ମଧ୍ୟରେ କଥୋପକଥନର ମାଧ୍ୟମ ଥିଲା ହିନ୍ଦୀ । ମହିଳା କଏଦୀମାନଙ୍କୁ ଗୋଟିଏ ଭିନ୍ନ ଜେଲ୍‌ରେ ରଖା ଯାଇଥାଏ । ସେମାନଙ୍କୁ ପାଞ୍ଚବର୍ଷ ଜେଲରେ ରହିବା ପରେ ଦଶବର୍ଷ ଜେଲ୍ କାଟି ସାରିଥିବା କଏଦୀମାନଙ୍କୁ ବିବାହ କରି ଆଣ୍ଡାମାନରେ ରହିବାକୁ ସୁଯୋଗ ଦିଆହେଉଥିଲା । ସେଠିକାର ନୈତିକ ପରିସ୍ଥିତି ଥାଏ ଅତ୍ୟନ୍ତ ଶୋଚନୀୟ । ମହିଳାଙ୍କୁ କେନ୍ଦ୍ରକରି ପ୍ରାୟ ହତ୍ୟାକାଣ୍ଡ ଘଟେ ।

ଜେଲ୍ ଭିତରେ ହେଉଥିବା ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ରାଜବନ୍ଦୀମାନେ ନିଷ୍ପତ୍ତି ନିଅନ୍ତି । ତା'ର ପ୍ରତିଦାନ ସ୍ୱରୂପ ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼େ । ତ୍ରୈଲୋକ୍ୟଦା'ଙ୍କୁ ଛଅ ମାସ ପାଇଁ ଲୁହାର ମୋଟା ବେଡ଼ି ପିନ୍ଧାଇ ଦିଆଯାଏ ଗୋଡ଼ରେ । ସାତଦିନ କୋଠରୀ ଭିତରେ ଠିଆ ହାତକଡ଼ିର ଦଣ୍ଡ ଦିଆଯାଏ । ପ୍ରତିଦିନ କୁଇନାଇନ୍ ଖାଇ ସୁଦ୍ଧା ତାଙ୍କ ଦେହ ଭଲ ହୁଏନି । ସୁରେଶ ସେନ୍‌ଙ୍କୁ ଅସୁସ୍ଥ ଥିବାରୁ ଦିନକୁ ଅଧାସେର ଲେଖା ଦୁଧ ପିଇବାକୁ ଦିଆଯାଉଥିଲା । ସେ ତାହା ନପିଇ ଲୁଚେଇ କରି ପଠାଇ ଦେଉଥିଲେ ତ୍ରୈଲୋକ୍ୟଦା'ଙ୍କ ପାଖକୁ । କେତେ ମାସ ନିୟମିତ ଦୁଗ୍ଧ ସେବନ ପରେ ତାଙ୍କର ଶ୍ୱାସ ବେମାରୀ ଟିକିଏ କମିବାକୁ ଲାଗେ । ପଞ୍ଜାବରୁ ଆସିଥିବା କଏଦୀମାନେ ଖୁବ୍ ବଳବାନ୍ ଥିଲେ । କାହାର ଓଜନ ୨୦୦ ପାଉଣ୍ଡ ଥିବା ବେଳେ କାହାର ଥାଏ ୨୫୦ ପାଉଣ୍ଡ । ଗୋଟିଏ ଗୋଟିଏ ଛେଳି ଏକା ହଜମ୍ କରିବା କ୍ଷମତା ରଖୁଥିଲେ ସେମାନେ । ଜେଲ୍ ଭିତରେ ଦିଆଯାଉଥିବା ଗିନେ ଭାତ ଓ ଦୁଇପଟ ରୁଟିରେ ସେମାନଙ୍କର ପେଟ ଆଦୌ ପୂରୁ ନଥିଲା । ଖାଦ୍ୟ ନଖାଇବା ବରଂ ଭଲ, ଖାଇଲା ବେଳକୁ ଭୋକ ବଢ଼ି ଯାଉଛି ବୋଲି ସେମାନେ କହୁଥିଲେ । ନଖାଇ ନଖାଇ ଚାଳିଶ / ପଚାଶ ପାଉଣ୍ଡ ଲେଖା ଓଜନ କମି ଯାଉଥିଲା ତାଙ୍କର । ଦିନେ ଡାକ୍ତରଖାନାର ରୋଗୀମାନଙ୍କୁ ଦେବାପାଇଁ ଆସିଥିବା କ୍ଷୀର ବାଲ୍‌ଟିକୁ ଦେଖାଇ ଡାକ୍ତର ଶେରସିଂହକୁ ପଚାରନ୍ତି ସେଇଟା ସେ ପିଇପାରିବେ କି ବୋଲି । ବାଲ୍‌ଟିରେ ଦଶସେର କ୍ଷୀର ଥାଏ । ତତ୍‌କ୍ଷଣାତ୍ ବାଲ୍‌ଟିରେ ମୁହଁ ଲଗାଇ ସାରା କ୍ଷୀର ଢକ୍ ଢକ୍ କରି ପିଇଦିଅନ୍ତି ଶେରସିଂହ । ତାଙ୍କ କ୍ଷୀର ପିଆ ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଥରକର କଥା, ତ୍ରୈଲୋକ୍ୟଦା' ଜଣକୁ କହିଥାନ୍ତି ତେଲ ଗିନାଏ ତାଙ୍କ ପାଇଁ ଯୋଗାଡ଼ କରି ଆଣିବାକୁ । ହେଲେ ସେ ଆଣିବା ସମୟରେ ଧରା ପଡ଼ିଯାଏ । ସେଇଟା କିଏ ମଗାଇଥିଲା ତାହା ଜାଣିବା ପରେ ଟିଣ୍ଡେଲ ତ୍ରୈଲୋକ୍ୟଦା'ଙ୍କୁ ତେଲଗିନା ସହିତ ହାଜିର ହେବାକୁ ଆଦେଶ ଦିଏ । ସେଇ ସମୟରେ ସୌଭାଗ୍ୟକୁ ଶେରସିଂହ ପହଞ୍ଚିଯାଇ ଟିଣ୍ଡେଲକୁ କ'ଣ ହୋଇଛି ବୋଲି ପଚାରନ୍ତି । ତେଲଚୋରୀ କରିଥିବା ଅପରାଧ ବିଷୟରେ ଟିଣ୍ଡେଲ ପାଖରୁ ଶୁଣି ତାହା ମସ୍ତବଡ଼ ଅପରାଧ ବୋଲି କହିବା ସହ କେତେ ତେଲ ଚୋରୀ କରିଛି ତାହା ଦେଖିବାକୁ ତେଲଗିନା ହାତରେ ଧରି ସବୁ ଏକା ଥରକେ ପିଇଦେଇ ଗିନାଟି ତଳେ ପକାଇ ଦିଅନ୍ତି । ଜଣେ ପଞ୍ଚହତା ଲୋକ ସହ ଝଗଡ଼ା କରିବାକୁ ସାହସ ନହେବା ତଥା ଚୋରୀ ଜିନିଷର ଆଉ ପତ୍ତା ନଥିବାରୁ ଟିଣ୍ଡେଲ କିଛି ନକହି ସେଠାରୁ ଚାଲିଯାଏ ।

ଆଠହାତ ଲମ୍ବା ଓ ପାଞ୍ଚହାତ ଚଉଡ଼ା କୋଠରୀ ଭିତରେ ବନ୍ଦୀମାନଙ୍କୁ ଦିନରାତି କାଟିବାକୁ ହେଉଥିଲା । ଦିନବେଳା ବିଛଣା ବିଛାଇବା ଥାଏ ଅପରାଧ । କେତେ ସମୟ ଚୁପ୍‌ଚାପ୍ ରହିବେ ? ତେଣୁ ଅଧିକାଂଶ କଏଦୀ କୋଠରୀ ଭିତରେ ବସି ବସି କବିତା ରଚନା କରିବାକୁ ଲାଗନ୍ତି । ତାଙ୍କ ଭିତରୁ କେହି କବି ନଥିଲେ କି କାହାର ଛନ୍ଦଜ୍ଞାନ ବି ନଥିଲା । ତ୍ରୈଲୋକ୍ୟଦା' ଇଂରାଜୀରେ କବିତା ରଚନା କରି ଖାଇ ବସିବା ବେଳେ ଆପଣା ସାଥୀମାନଙ୍କୁ ଶୁଣାଇ ସେମାନଙ୍କର ମନୋରଞ୍ଜନ କରୁଥିଲେ । କମ୍ବଳକୁ ଫୁଟ୍‌ବଲ୍ ଆକାରରେ ବାନ୍ଧିଦେଇ ସେଥିରେ ଖେଳୁଥିଲେ ସାଥୀଙ୍କ ସହିତ । ଭାରତବର୍ଷ ଇଂରେଜଙ୍କ କବଳରୁ ସ୍ୱାଧୀନ ହେଲେ ତା'ର ସ୍ୱରୂପ କେମିତି ହେବ, କେମିତି ଗଢ଼ାହେବ ସରକାର, ରାଜଧାନୀ ହେବ କୋଉଠି ତଥା କେଉଁଭାଷାକୁ ଭାରତର ରାଜଭାଷାର ମାନ୍ୟତା ଦିଆହେବ ସେଇ ବିଷୟରେ ବିସ୍ତାରରେ ଆଲୋଚନା କରୁଥିଲେ ସାଥୀମାନଙ୍କ ସହିତ । ଆପଣା ସ୍ୱାସ୍ଥ୍ୟକୁ ଆଦୌ ଦୃଷ୍ଟି ନଦେଇ ରାଜବନ୍ଦୀମାନଙ୍କ ସହିତ ଜେଲ୍ ଭିତରେ ଆନ୍ଦୋଳନ ଚଳାଇ ଥିବାରୁ ଜେଲ୍ ଅଧିକାରୀମାନେ ତାଙ୍କୁ ଦେଖିଲେ ରକ୍ତଚାଉଳ ଚୋବାଉଥିଲେ । ଟିକିଏ ଟିକିଏ କଥାରେ ପ୍ରବଳ ମାଡ଼ ଦେବାସହ କଠୋର ଦଣ୍ଡ ବିଧାନ ହେଉଥିଲା ତାଙ୍କପ୍ରତି । ଶେଷକୁ ୧୯୨୧ ମସିହାରେ ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଆଣ୍ଡାମାନରୁ ଅଲୀପୁର ଜେଲ୍‌କୁ ସ୍ଥାନାନ୍ତରିତ କରାଯିବାରୁ ଜୀବିତାବସ୍ଥାରେ ତାଙ୍କର ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇପାରେ । (ସମାପ୍ତ)


ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## କଥା କିଞ୍ଚିତ

### ।। ପରାଜୟ ହିଁ ବିଜୟର ଖମ୍ବ ।।



ବହୁ କାଳରୁ କୁହାଯାଇଛି ଯେ ପରାଜୟ ହିଁ ବିଜୟର ଖମ୍ବ । ଏହି ଆପ୍ତବଚନଟିର ମର୍ମ ଯାହା ହେଉନା କାହିଁକି ଏହା ଯେ ବିଜୟଲାଭ ପାଇଁ ଏକ ପରାମର୍ଶ ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । କୁହାଯାଇପାରେ ଯେ ବିଜୟ ଲାଭ କରିବାକୁ ହେଲେ ଏଥି ନିମିତ୍ତ ପ୍ରଚୁର ପରିଶ୍ରମ ଓ ନିରନ୍ତର ଉଦ୍ୟମ ଲୋଡ଼ା । ସେହିପରି ଏକନିଷ୍ଠ ସାଧନା ହିଁ ଏ ଦିଗରେ ବ୍ୟକ୍ତିକୁ ପ୍ରକୃତ ରାହା ଦେଖାଇଥାଏ । ପଥ ବନ୍ଧୁର ହେଉ ବା ସୁଗମ ହେଉ ତାହା ଯାତ୍ରାକୁ ସହଜ ଓ ସରଳ କରିଦେଇଥାଏ । ପରାଜୟର ଗ୍ଲାନି ନୁହେଁ ବରଂ ପରାଜୟର କାରଣ ଗୁଡ଼ିକୁ ତର୍ଜମା କରି ସେହି ବ୍ୟକ୍ତି ନିରନ୍ତର ପ୍ରଚେଷ୍ଟାରେ ମଗ୍ନ ରହିବାକୁ ପରାମର୍ଶ ଦିଆଯାଇଛି । ସେ ବିଫଳତାରୁ ଆହରଣ କରିଥିବା ଅଭିଜ୍ଞତାକୁ ଆଖି ଆଗରେ ରଖି ସେ ତା'ର ଗତି ପଥରେ ଅଗ୍ରସର ହେବା ଉଚିତ୍ । ଏବେ 'ପରାଜୟ' ପରି ଏକ ଶବ୍ଦକୁ କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ବସ୍ତୁତଃ ପରାଜୟ ଏକ ନାକାରାତ୍ମକ ଶବ୍ଦ ହୋଇଥିଲେ ବି ତାହା ଯେ ବ୍ୟକ୍ତିକୁ ବିଜୟଲାଭ ପାଇଁ ନିରନ୍ତର କଠୋର ସାଧନା ଆଡ଼କୁ ନେଇଯାଏ ଏବଂ ଶେଷରେ ଉଲ୍ଲାସ ଆଣିଦିଏ- ଏକଥା ସ୍ୱୀକାର କରିବାକୁ ଆଜିର ବ୍ୟକ୍ତି ଗ୍ରହଣ କରୁନାହିଁ । ଫଳତଃ ସେ ଆଉ ଏହି ଆଦି ଆପ୍ତବାଣୀକୁ ଦୃଷ୍ଟିପାତ କିମ୍ବା କର୍ଣ୍ଣପାତ କରୁନାହିଁ । ଅନ୍ୟପକ୍ଷରେ ଏକଥାକୁ ସେ ଏକ ସାନ୍ତ୍ୱନା ମୂଳକ କଥା ବୋଲି ବିଚାର କରୁଛି । ସେ କେବଳ ହିଁ ବିଜୟ ଲାଭ କରିବ- ଏହାହିଁ ସ୍ଥିର ଲକ୍ଷ୍ୟ । ଯେନତେନ ପ୍ରକାରେ ବ୍ୟକ୍ତିର ସଫଳତା ଲୋଡ଼ା । ତାହା ପୁଣି ପ୍ରଥମ ପ୍ରୟାସରେ ଓ ଅନାୟାସରେ । ପ୍ରତିଯୋଗୀମାନଙ୍କର ଶକ୍ତି, ସାମର୍ଥ୍ୟ ଓ ସାଧନାକୁ ସେ ଭ୍ରୂକ୍ଷେପ କରେ ନାହିଁ । ବିଜୟ ହିଁ ତା'ର କାମ୍ୟ ଏବଂ ତା'ରି ହିଁ ପ୍ରାପ୍ୟ !

■ ଅକ୍ଷୟ ବେହେରା
ସମ୍ପାଦକ : କଥା କଥା କବିତା କବିତା

## ଆଲୋଚନା..,

# କବିତାରେ ମିଥ୍ ଓ ଲୋକ ଉପାଦାନ ପ୍ରୟୋଗ ଧାରା

ପତିତପାବନ ଗିରି



ସାମ୍ପ୍ରତିକ କବିତାରେ ମିଥ୍ ଧର୍ମୀ ବକ୍ତବ୍ୟ-ଆବେଗ ପ୍ରବଣ, ସାବଲୀଳ ଓ ସ୍ୱତଃସ୍ଫୂର୍ତ୍ତ ମନେହୁଏ । ମିଥ୍ ଏକ ଶୈଳୀ ବୋଲି ଗ୍ରହଣ କରି ନାନାଦି ପରୀକ୍ଷାରେ ପ୍ରୟୋଗ କୁଶଳତା ହାସଲ ହୁଏ । ମିଥ୍ ଚେତନା ଅତୀତର ମଣିଷକୁ ବର୍ତ୍ତମାନର ମଣିଷ ସହିତ ସମ୍ପର୍କ ସୂତ୍ରରେ ଗୁନ୍ଥି ଦିଏ ।

ଭୋର୍‌ର ଆଲୁଅ ଫିଟୁଚି ସମୁଦ୍ର ପବନରେ,
ସେମାନେ ଦେଖିଲେ / ସେମାନଙ୍କର ଜାହାଜ ଲାଗିଛି ଏକ ଅନ୍ତରୀପରେ !/ ୟା ଆଗରୁ ସୂର୍ଯ୍ୟଭୂମି, ଏଇତ ଉତ୍ତମାଶା !/ ଏତିକି କବିତା; ବାକିସବୁ ସଭ୍ୟତା ।/ କାଲିକଟରେ ଭାସ୍କୋ-ଡା-ଗାମା କବର ଉପରେ/ ସବୁଦିନ ବସେ ନିରବରେ/ ଗୋଟେ ସମୁଦ୍ର ସାରସ, ସେ କିଏ ? / ସଭ୍ୟତା ନା କବିତା ?/ ନା ସଭ୍ୟତା ଓ କବିତା ବାହାରେ ଅଛି କିଛି/ ଯାହାକୁ ଜାଣେ ନାବିକ,
ଜାଣେ ସମୁଦ୍ର, ଜାଣେ ନିରବତା ?'
(ଭାସ୍କୋ-ଡା-ଗାମା)

ଆଲୋଚ୍ୟ କବିତାରେ- 'ଭାସ୍କୋ-ଡା-ଗାମା'- ଏକ ମିଥ୍ ଚରିତ୍ର ।

ଏକ କବି ଚରିତ୍ର । ଏକ ନାବିକ ଚରିତ୍ର ମଧ । ସେ ଉଭୟ ଆବିଷ୍କାରକ ଓ ସେତୁ ନିର୍ମାତା । ସେ ସମଗ୍ର ମଣିଷ ଚେତନାର ପ୍ରତୀକ । ଜୀବନର ବକ୍ତବ୍ୟ ଏଠି ସାର୍ବଜନୀନ ହୋଇଛି । ସମୁଦ୍ର, ଅନ୍ତରୀପ, ସାରସ ପକ୍ଷୀ, ଆଧୁନିକ ଶିଳ୍ପ ସଭ୍ୟତା, ସମାଜ, ସଂସ୍କୃତି, ସବୁଠି ଜୀବନ ଅଛି । କବିତା ଭିତରେ ଓ ବାହାରେ ଜୀବନ ଛଡ଼ା ଆଉକିଛି ନାହିଁ । କେବଳ ନିଜକୁ ଓ ଜୀବନକୁ ଚିହ୍ନି ପାରିବା ହିଁ କଳ୍ପନାର ପ୍ରାଣଭୂମି । ମଣିଷର ସାମୂହିକ ଜୀବନବୋଧ ବ୍ୟାପକ ଅର୍ଥରେ ଆଜି କେବଳ ପ୍ରଶ୍ନବାଚୀ ହୋଇ ରହିଛି ।

କବିଙ୍କ ବକ୍ତବ୍ୟରେ- 'କୁଆଡ଼େ ଚାଲିଚୁ ପୃଥିବୀ ଏକା ଏକା/ ଆଖିରେ ଆଖିଏ ଲୁହ ଧରି ?/ ଦେହ ଭଲ ନାହିଁ ତୋର, ରହିଯା/ ଏଠି ପରା ଦିନର ଆଲୁଅ ଅଛି ତଥାପି ।' (ଭୈରବୀ)

ନିଃସଙ୍ଗ ପୃଥିବୀରେ କବିଙ୍କର 'ଭୈରବୀ' ଧ୍ୱନି ନକ୍ଷତ୍ରମଣ୍ଡଳ, ସୂର୍ଯ୍ୟମଣ୍ଡଳକୁ ଛୁଇଁ ପାରିଛି । ମଣିଷ-ମଣିଷ ଭିତରେ ଥିବା ମାନବୀୟ ସହୃଦୟତା, ଆନ୍ତରିକତା ସମ୍ପର୍କ, ପ୍ରେମ ଓ ବିଶ୍ୱାସ ହିଁ ଗୋଟେ ଅସୁସ୍ଥ ରୋଗିଣା ପୃଥିବୀକୁ ସୁନ୍ଦର, ସତେଜ, ଚିରଯୌବନରେ ସ୍ନିଗ୍ଧ ଶସ୍ୟ ଶ୍ୟାମଳିମା କରି ଗଢ଼ି ପାରିବେ । ହିଂସା, ପ୍ରତିହିଂସାର ସ୍ଥାନ କେଉଁଠି ନାହିଁ । ପୃଥିବୀରେ ପାପପୁଣ୍ୟ, ଭଲମନ୍ଦ, ଜନ୍ମମୃତ୍ୟୁ- ଏମିତି ନାନା ଚେତନା ଆଧୁନିକ ଦୃଷ୍ଟିରେ ମିଥ୍ ମାଧମରେ ମଣିଷ ମନର ଜଟିଳତାକୁ ଆବିଷ୍କାର କରେ । ଏହା ଇନ୍ଦ୍ରିୟୋତ୍ତର ଭାବନା ଓ ଅଧିଭୌତିକ ପରିକଳ୍ପନାକୁ ଅଧିକ ବୋଧଗମ୍ୟ କରାଏ ।

କବି ହର ପ୍ରସାଦ ଦାସଙ୍କର ଭାବବାହୀ, ବ୍ୟଞ୍ଜନାଧର୍ମୀ, ପ୍ରତୀକାତ୍ମକ, ଉଦ୍‌ବୋଧକ ମୂଳକ ଭାଷା ଖୁବ୍ ମାଧୁର୍ଯ୍ୟମଣ୍ଡିତ ଓ ଶାଣିତ । ଆଧୁନିକ ଜୀବନର ବୈଚିତ୍ର୍ୟ ଓ ବିରୋଧଭାସକୁ ପ୍ରୟୋଗ କରିବାରେ କବି ମିଥ୍‌ର ସଫଳ ବ୍ୟବହାର ଦୃଷ୍ଟିରୁ ସ୍ୱତନ୍ତ୍ର ଭାବେ ବାରି ହୋଇ ପଡ଼ନ୍ତି । ସତେ ଯେମିତି ଭାସ୍କଡାଗାମା, ଦଧୀଚି, ଭୈରବୀ, ଦ୍ରୌପଦୀ, କୁନାଳ, କୁନ୍ତୀ, ଯଯାତୀଙ୍କ ଭଳି ବହୁ ଚରିତ୍ର ଆମ ସମୟର ସ୍ୱରକୁ ପ୍ରତିଧ୍ୱନିତ କରୁଛନ୍ତି । ଏମାନେ ଏଇ କାଳଖଣ୍ଡର ଅସହାୟ ମଣିଷମାନେ, ବର୍ତ୍ତମାନରେ ବାରମ୍ବାର ଲହୁଲୁହାଣ ହୋଇ ବଂଚୁଛନ୍ତି, ମରଣଯନ୍ତାରେ ସନ୍ତୁଳିତ ହେଉଛନ୍ତି । ପୁଣି ଆସନ୍ତା କାଲି ମଧ ଜନ୍ମିବେ, ଏଇ ପୃଥିବୀର ଭାଗ୍ୟ ଓ ଦୁର୍ଭାଗ୍ୟରେ ଭାଗୀଦାର ହେବେ । ଜୀବନ ପ୍ରତି ଗଭୀର ମମତ୍ୱବୋଧ, ମାଟି ଓ ମଣିଷ ପ୍ରତି ସହାନୁଭୂତି, ବ୍ୟକ୍ତି ଓ ଅଭିବ୍ୟକ୍ତିର ଅପୂର୍ବ ସମନ୍ୱୟ, ସମୟ ଓ ଯୁଗର ରୁଚି ପ୍ରତି ଅକପଟ ଆତ୍ମୀୟତା, କବିଙ୍କର କବିତାରେ ପ୍ରକଟିତ ହୋଇଛି । ଆଧୁନିକ ଓଡ଼ିଆ କବିତାରେ ଯୁଗ ଯନ୍ତ୍ରଣାର ସ୍ୱର ସହିତ ମିଥ୍ ଓ ଲୋକ ଉପାଦାନ ପ୍ରତି ଯେଉଁ ବିପୁଳ ଶ୍ରଦ୍ଧା ଲକ୍ଷ୍ୟ କରାଯାଉଛି, ତାହା ଐତିହ୍ୟ ଓ ଆଧୁନିକତା ପ୍ରତି ଯୋଗସୂତ୍ର ସ୍ଥାପନର ପ୍ରୟାସ ନୁହେଁ କି ?

କବି ହରପ୍ରସାଦ ଆଧୁନିକ ମଣିଷ ଓ ତା'ର ଜୀବନବୋଧକୁ ରୂପ ଦେବାରେ ଜଣେ ସମର୍ଥ ସ୍ରଷ୍ଟା । କବିତା ହେଉଛି ହୃଦୟର ଗୋଟେ ମମତାମୟ ଅଙ୍କୁରୋଦ୍‌ଗମ । ମିଥ୍‌ର ସଂଜ୍ଞା ଓ ସ୍ୱରୂପ ଖୁବ୍ ରହସ୍ୟପୂର୍ଣ୍ଣ । ଗ୍ରୀକ୍ ଶବ୍ଦ 'Mythos'ର ଅର୍ଥ ଗଳ୍ପ ଏବଂ 'Logous' ଅର୍ଥ କହିବାରୁ 'Mythology' ଶବ୍ଦଟି ସୃଷ୍ଟି । ରିଚାର୍ଡ ଚେଜ କହନ୍ତି- 'ମିଥ୍ କେବଳ କଳା । କେ. ଏସ୍ ଲାଙ୍ଗର କହନ୍ତି ମିଥ୍ ଏକ ଶୈଳୀ ବା ଧାରା (Myth is Narrative Structure) ସିଗ୍‌ମଣ୍ଡ ଫ୍ରଏଡ୍ କହନ୍ତି- ମିଥ୍ ଚେତନା ମଣିଷର ଆକାଂକ୍ଷା (Libido) କୁ ହିଁ ପ୍ରତୀକିତ କରେ । କବି ହର ପ୍ରସାଦ ଦାସ କହନ୍ତି- 'ମିଥ୍ କବିତାର ଏକ ଉପାଦାନ' (Myth is a sources of Material), ମିଥ୍‌ର ଅର୍ଥ ବନ୍ଧନରୁ ମୁକୁଳିବା ବଡ଼ ଦୁଷ୍କର । କବି ସୀତାକାନ୍ତ ମହାପାତ୍ର କହନ୍ତି- 'ମିଥ୍ ଏକ ଶୈଳୀ । ଅସଲ କଥାଟି ହେଲା ତାର ବକ୍ତବ୍ୟ । କବି ଶରତ ଚନ୍ଦ୍ର ପ୍ରଧାନ କହନ୍ତି- 'ମିଥ୍ ଚେତନା ଜୀବନ ପ୍ରବାହ ଓ ମଣିଷର ସାମୂହିକ ଅନୁଭବକୁ ସନାତନ ପ୍ରବାହ ମଧ ଦେଇ କାବ୍ୟିକ ଅନୁଭବରେ ରସାଣିତ କରେ । ଏଠି ଜୀବନର ବିଚିତ୍ର ଓ ବହୁରଂଗୀ ଚେହେରା ଫୁଟିଉଠେ ।'

ଆଧୁନିକ ଓଡ଼ିଆ କବିତାର କାବ୍ୟ- ବସ୍ତୁ ଓ କାବ୍ୟ- ଶିଳ୍ପରେ ମିଥ୍ ଚେତନା, ଲୋକ ଉପାଦାନ, ବହୁ ପରୀକ୍ଷା ନିରୀକ୍ଷାର ସମ୍ମୁଖୀନ ହେଉଛି । ଆଧୁନିକ ଜୀବନ ଜିଜ୍ଞାସା, ଯୁଗଚେତନା, ସମୟବୋଧକୁ ଏହା ଅଧିକରୁ ଅଧିକ ବ୍ୟାପକ ଗଭୀର ଓ ଅର୍ଥବହ କରିବାକୁ ଚେଷ୍ଟା କରୁଛି । ଆମ ଗୋଷ୍ଠୀବଦ୍ଧ ଜୀବନ ବାର୍ତ୍ତା, ସାଂସ୍କୃତିକ ଚେତନା, ବିଶ୍ୱମାନବିକତା ବୋଧ ଓ ସହଜ କଳ୍ପନାର ଭାବ ବଳୟକୁ ପ୍ରକାଶ କରିବା ସହିତ ଏହା ଜୀବନର ବହୁବର୍ଣ୍ଣିଳ ଛବି ଆଙ୍କିଥାଏ ।

+ପାଳଗୁଡ଼ା, ଅଶନା, ମୟୂରଭଞ୍ଜ
ମୋ : ୭୬୦୬୯୯୫୬୯୯

## ସ୍ମୃ ତି ଶ ତ ଦ ଳ ୨୫୦

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ମେଡିକାଲ କଲେଜରୁ ଅବ୍ୟାହତି

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ଜୀବନ ଗୋଟିଏ ସତେଜ ଫୁଲ, ସେଇ ଜୀବନର ଫୁଲଟିକୁ ଖୁବ୍ ଅନ୍ତରଙ୍ଗ ଭାବେ ଦେଖିବାକୁ ହେଲେ ତା'ଭିତରର ସୁଗନ୍ଧକୁ ଆଘ୍ରାଣ କରିବାକୁ ହେଲେ ବା' ଫୁଲର କୋମଳତାକୁ ଅନୁଭବ କରିବାକୁ ହେଲେ, ଜୀବନର ପାଖୁଡ଼ା ଗୁଡ଼ିକ ଧୀରେ ଧୀରେ ଖୋଲିବାକୁ ହୁଏ ଏବଂ ସେଇ ପାଖୁଡ଼ା ଭିତରେ ଥିବା ଅନନ୍ତ ରେଣୁର ସୌନ୍ଦର୍ଯ୍ୟକୁ ଖୁବ୍ ଧୈର୍ଯ୍ୟର ସହ ଦେଖିବାକୁ ହୋଇଥାଏ । ଅନେକେ ଅଭିମାନ କରି ଜୀବନ ପାଇଁ ଖୁବ୍ କଠୋର ମନୋଭାବ ପୋଷଣ କରିଥାନ୍ତି, କିଏ ଚାକିରୀ କ୍ଷେତ୍ରରେ ହେଉ ବା' ଅର୍ଥନୈତିକ କି ସାମାଜିକ କ୍ଷେତ୍ରରେ ହେଉ ଅସଫଳ ହୋଇ ନିଜ ଜୀବନ ଉପରେ ପ୍ରତିଶୋଧ ନେଇଥାନ୍ତି, ଫଳରେ ଧୀରେ ଧୀରେ ନିଜ ଜୀବନ ଫୁଲର ପାଖୁଡ଼ା ଗୁଡ଼ିକ ଅକାଳରେ ଝରିଯାଏ । ସେଥିପାଇଁ ଅନେକେ ଚାକିରୀ ଜୀବନରେ, ଅବସର ନେବା ପରେ ହାତରୁ ସବୁ କ୍ଷମତା ଚାଲିଗଲେ ମ୍ରୀୟମାଣ ହୋଇପଡନ୍ତି ଏବଂ କେତେଜଣ ରୁଗ୍‌ଣ ମଧ୍ୟ ହୋଇଯାନ୍ତି । ସେମାନେ ଜାଣିବା ଉଚିତ୍, ଏହା ଏହି କର୍ମମୟ ଜୀବନ ପରେ କେବଳ ଚାକିରୀ କ୍ଷେତ୍ରରୁ ହିଁ ଅବସର ନେବାକୁ ପଡିଥାଏ ଜୀବନର ଅବସର ନୁହେଁ ।

ମେଡିକାଲ କଲେଜରୁ ଅବସର ନେବାର ଦିନଟିକୁ ମୁଁ ଖୁବ୍ ହାଲୁକା ଭାବରେ ଗ୍ରହଣ କରିଥିଲି ଏବଂ ଭାବିଥିଲି ଗୋଟାଏ ଖୁବ୍ ବଡ ଦାୟିତ୍ୱରୁ ତ' ଅବ୍ୟାହତି ମିଳିଲା, ତେଣୁ ଏହାପରେ କେମିତି ଜୀବନକୁ ଆଗେଇ ନେବି, ତା'ର ଯୋଜନା ମତେ କରିବାକୁ ପଡିବ । କିନ୍ତୁ ଏତେ ଦିନର ସ୍ମୃତିକୁ ଏଡେଇ ଦବା କ'ଣ ସମ୍ଭବ ? ଏବେ ତ' ଅନେକ ମେଡିକାଲ କଲେଜ ଖୋଲିଗଲାଣି ଓ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଆମ ସମୟରେ କେବଳ ତିନୋଟି ମେଡିକାଲ କଲେଜ ହିଁ ଥିଲା । ସେଥିପାଇଁ ମତେ ଥଟ୍ଟାରେ ରମାରମଣ କହୁଥିଲେ ତୁମେ ବର୍ଲିନ (ବୁର୍ଲା ମେଡିକାଲ କଲେଜ) କୁ ବଦଳି ହୋଇଗଲେ, ଏକା ଏକା ରହିବ ଓ ତୁମର ଟୋପା ଟୋପା ଲୁହ ମହାନଦୀରେ ବୋହି ଆସି ସମୁଦ୍ରରେ ପଡିବ ।

ଏସ.ସି.ବି ମେଡିକାଲ କଲେଜ ଓ ଗାଇନିକ୍‌ଡିପାର୍ଟମେଣ୍ଟ ତଥା ଲେବର ରୁମ ସହ ମୋର ପ୍ରାୟ ପଚିଶ ବର୍ଷର ସ୍ମୃତି ଗୁନ୍ଥି ହୋଇ ରହିଛି । ତା' ଛଡା ମୋର ଏମ୍.ବି.ବି.ଏସ ପାଞ୍ଚ ବର୍ଷ ହାଉସ ମେନସିପ ଏକ ବର୍ଷ ତଥା ଛଅ ମାସର ରେସିଡେନ୍ସି ଏଥିସହ ଜଡିତ ହୋଇରହିଛି । କହିବାକୁ ଗଲେ ଦୀର୍ଘ ସାଢେ ତିରିଶ ବର୍ଷର ସୁଖ, ଦୁଃଖ ତଥା ସ୍ମୃତି ଏସ.ସି.ବି ମେଡିକାଲ ସହ ଜଡିତ । ତାକୁ କ'ଣ ଏତେ ଶୀଘ୍ର ଭୁଲିବା ସମ୍ଭବ । ଦିନର ଅଧିକାଂଶ ସମୟ ଏବଂ ଏମରଜେର୍ନ୍ସି ସମୟରେ ରାତିରେ ବି ଆମକୁ ଡିପାର୍ଟମେଣ୍ଟରେ କାମ କରିବାକୁ ପଡିଥାଏ । ଏମିତିକି ନିଜ ଘର ଠାରୁ ଆମେ ବେଶୀ ସମୟ ଡିପାର୍ଟମେଣ୍ଟରେ କଟାଉଥିଲୁ ଏବଂ ନିଜ ପରିବାର ସଦସ୍ୟଙ୍କ ଠାରୁ ବେଶୀ ସମୟ ଆମର ସହକର୍ମୀମାନଙ୍କ ସାଙ୍ଗରେ ବିତିଯାଉଥିଲା । ମୋଟ ଉପରେ ମେଡିକାଲ କଲେଜ ଓ ଗାଇନିକ ଡିପାର୍ଟମେଣ୍ଟ ଆମର ଦ୍ୱିତୀୟ ଘର ହୋଇଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଗତାନୁଗତିକ ଭାବରେ ଆମ ଡିପାର୍ଟମେଣ୍ଟରେ ଯାହାର ବି ଅବସର ନେବାର ଦିନ ଆସେ ଫେୟାର ୱେଲ ଉତ୍ସବରେ ତାଙ୍କ ପାଇଁ ମାନପତ୍ର ହେଉ କି ବିଦାୟ କାଳୀନ ବାର୍ତ୍ତା ହେଉ ମତେ ହିଁ ଲେଖିବାକୁ ପଡିଥାଏ । ତେଣୁ ଦୀର୍ଘ ପଚିଶ ବର୍ଷ ଧରି ଓଡିଆରେ ସୁନ୍ଦର ଭାଷା ଦେଇ ଭାବପ୍ରବଣତାର ସହ ମୁଁ ହିଁ ମାନପତ୍ରଟିକୁ ହୃଦୟ ନିଗାଡି ଲେଖିଥାଏ ଯାହା ସମସ୍ତଙ୍କ ମନକୁ ପାଇଥାଏ, କିନ୍ତୁ ମୋର ଅବସର କାଳୀନ ମାନପତ୍ରଟିକୁ ଓଡିଆରେ ଲେଖିବ କିଏ ? ଯଦି ସଂପୂର୍ଣ୍ଣ ଜଣେ ଓଡିଆ ଭାଷା, କାବ୍ୟ ଓ କବିତା ପାଇଁ ସମର୍ପିତ ନ ହେବ, ତେବେ ତାକୁ ଆୟତ୍ତ କରିବ କେମିତି ? ଡାକ୍ତର ମାନଙ୍କର ବ୍ୟସ୍ତତା ଭିତରେ କାହାର ପ୍ରାୟ ଓଡିଆ ପେପର ଖଣ୍ଡେ ପଢିବାକୁ କି ଟି.ଭିରୁ ନିଉଜ ମଧ୍ୟ ଦେଖିବାକୁ ସମୟ ନଥାଏ । କେଉଁ ଫଙ୍କସନ ବାହାଘର ବା' ଭୋଜି ବା' 'ଗେଟ୍ ଟୁଗେଦର'ରେ ଦେଖାହେଲେ ସେଇ ରୋଗୀକଥା, ଅପରେସନ କଥା ଓ ଚିକିତ୍ସା କଥା ବାର୍ତ୍ତା ହିଁ ମୁଖ୍ୟ ଟପିକ ହୋଇଥାଏ । ଯେମିତି ଆମ ଜୀବନରେ ଆଉ ଅନ୍ୟ କୌଣସି ବିଷୟ ବସ୍ତୁ ହିଁ ନାହିଁ । ସେଥିପାଇଁ ଆମ ଡିପାର୍ଟମେଣ୍ଟର ଅନେକ ଡାକ୍ତର କହୁଥିଲେ, ସରୋଜିନୀ ମ୍ୟାଡମଙ୍କ ଅବସର ବା ବିଦାୟକାଳୀନ ସଭାରେ ତଙ୍କ ମାନପତ୍ର ଓଡିଆରେ ଲେଖିବ କିଏ ? କିନ୍ତୁ ମୋ ପାଇଁ ସୁନ୍ଦର ଭାବରେ ଇଂରାଜୀରେ ମାନପତ୍ରଟିଏ ଲେଖିଥିଲେ ଡଃ ମାୟା ପାଢୀ, ଯିଏ କି ଏସ.ସି.ବିରେ ପ୍ରଥମେ ମୋର ପୋଷ୍ଟଗ୍ରାଜୁଏଟ ଛାତ୍ରୀ ଥିଲେ ପରେ ମୋର ଜୁନିଅର ସହକର୍ମୀ ଭାବରେ କାମ କରି ପ୍ରଫେସର ହୋଇଥିଲେ ବର୍ତ୍ତମାନ ସେ ପୁରୀ ମେଡିକାଲ କଲେଜର ଅଧ୍ୟକ୍ଷା (ପ୍ରିନ୍ସିପାଲ) ଅଛନ୍ତି । ଇଂରାଜୀର ସେ ବଂଧେଇ ମାନପତ୍ରଟି ଏବେ ବି ମୋ ସାମ୍ନାରେ ଅଛି, ଯେଉଁ ମାନପତ୍ରର ପ୍ରତ୍ୟେକ ଅକ୍ଷର ଶବ୍ଦ ଓ ଧାଡିରୁ ଝରିଯାଉଛି, ସ୍ନେହ ଓ ଆଦରର ମଧୁର ଝରଣାଟିଏ । ଗୋଟିଏ ମଣିଷର ସେତିକି ହିଁ ତୃପ୍ତି, ସେତିକି ହିଁ ପ୍ରାପ୍ତି । କଟୁକ୍ତି ନୁହେଁ ବା' ଈର୍ଷା, ଦ୍ୱେଷ, ସାର୍ଥପରତା ଓ ଅହଂକାର ନୁହେଁ, ସ୍ନେହ ପ୍ରେମ ତଥା ସମସ୍ତଙ୍କୁ ଭଲ ପାଇବାର ସେଇ ଅମୃତସ୍ନରଟି ଚାରିଆଡେ ବର୍ଷିଯାଏ ଏବଂ ସଂଜୀବନୀର ସୂକ୍ଷ୍ମ ଧାରାଟିଏ ଚଉଦିଗରେ ବୁହାଇଦିଏ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୭)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ







ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

ଶୁକ୍ରବାର ଦୁଇଟା ବେଳେ ଛୁଟି ହୋଇଗଲା । ଆମେ ସମସ୍ତେ ତାଙ୍କ ପାଖକୁ ଗଲୁ । ବାରଣ୍ଡାରେ ପଡ଼ିଥିବା ଆରାମ କୁର୍ସୀ ଉପରେ ଅଧା ଗଡ଼ି ସମ୍ବାଦପତ୍ର ପଢୁଥିଲେ । ଦୁଇ ପାଦକୁ କୁର୍ସୀ ଆଗରେ ପଡ଼ିଥିବା ଗୋଟେ କଳା ଷ୍ଟୁଲ ଉପରେ ରଖିଥିଲେ । ସମ୍ବାଦପତ୍ର ଭିତରେ ମୁହଁକୁ ପୁରେଇ ଦେଇଥିଲେ । ଆମ ମାନଙ୍କର କୋଳାହଳ ତାଙ୍କ ନୀରବତା ଭଙ୍ଗ କଲା । ତା' ପରେ ସମ୍ବାଦପତ୍ରରୁ ମୁହଁ ଉଠାଇ ଆମକୁ ଜଳଜଳ କରି ଚାହିଁଲେ ।

'କିଏ ସବୁ ତମେମାନେ ? ଏମିତି ପଚାରିଲେ ଯେମିତି ଘରେ ଚୋର ପଶିଛନ୍ତି ।

ପ୍ରଥମେ ତ କେହି କିଛି କହିଲେନି । ତା' ପରେ ଭାବିଲି ଯଦି କ୍ରାନ୍ତି କରିବାକୁ ହେବ ଏମିତି ଚୁପ୍ ରହି ହେବନି । ଏମିତି ଡରିକି ରହିଲେ ହବ କଣ ? ମୁଁ ଆଗକୁ ଯାଇ କହିଲି, 'ଆମେ ସବୁ ବିଦ୍ୟାର୍ଥୀ । ଆମେ ଶୁଣିଲୁ ଏଠି ଗୋଟେ ଘର ଖାଲି ଅଛି । ସେଇଥି ପାଇଁ ପଚାରିବାକୁ ଆସିଥିଲୁ ।'

'କୋଉଠି ସବୁ ପଢୁଛ ?

ଗଭର୍ଣ୍ଣମେଣ୍ଟ ହାଇସ୍କୁଲରେ ।'

ଏବେ କୋଉ ଶ୍ରେଣୀରେ ?'

'କେଉଁଠି ରହୁଥିଲ ଏବେଯାଏ ?'

ମୁଁ ଟିକେ ଇତସ୍ତତଃ ହୋଇ କହିଲି, ସହରରେ ଗୋଟେ କୋଠରୀ, ଭଡ଼ାରେ ନେଇ ରହୁଥିଲୁ । ସେ ଘର ବହୁତ ଛୋଟ ଏବଂ ସେଠାରେ ବହୁତ ହୋହାଲ୍ଲା ହେଉଛି, ଏଠାରେ ଏକାନ୍ତ ଲାଗୁଛି ।'

'ଆମେ ସବୁ ଦଶମ ଶ୍ରେଣୀରେ ପଢୁଛୁ ।'

'ତୁମେ ସବୁ କେଉଁ ଗାଁର ପିଲା ?'

ଏତେ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିବ ମୋ ଚିନ୍ତାରେ ବାହାରେ ଥିଲା । ମୁଁ ଭାବିଥିଲି ଆମେ ଯିବୁ ଘର ମାଗିବୁ ସେ ଆମକୁ ଖୁସିରେ ଖୁସିରେ ଦେଇ ଦେବେ । ମୁଁ କଣ ଉତ୍ତର ଦେବି ବୋଲି ଝାଳନାଳ ହୋଇଗଲି । ମୋର ଅବସ୍ଥାକୁ ମନୋହର ତୁରନ୍ତ ବୁଝିଗଲା । ତୁରନ୍ତ ଜବାବ ଦେଲା, 'ମୁଁ 'ନରହୀ' ଗାଁର ଆଉ ଏମାନେ ସମସ୍ତେ 'ଲହମୁନୀ' ଗାଁର ।'

ମୁନ୍ନୀଲାଲ ରାଗିଗଲେ ମୁଁ ଯାହାକୁ ପ୍ରଶ୍ନ ପଚାରୁଛି, ତା'ଠାରୁ ଉତ୍ତର ଶୁଣିବି, ମୋତେ ତର୍ଜନୀ ଉପରେ କହିଲେ ତୁମେ କୁହ ।'

ମୋ ଶରୀରରୁ ସାରା ରକ୍ତ ଶୁଖିଗଲା । ଏମିତି ମୋତେ ଲାଗିଲା ଏ ବୁଢ଼ା ଆମ ସଂଗଠନ ଭିତର କଥା ବୋଧେ ଜାଣିଛି । ଆମ ଭିତରେ ଗୋଟେ କୋଉଠି ଫାଟ ନାହିଁ ତ କେହି ଗୁପ୍ତଚର ସବୁକିଛି କହେଇ ଦେଇନି ତ ? ହୁଏତ ମୁନ୍ନୀଲାଲ ପୋଲିସର ଏଜେଣ୍ଟ କାମ କରୁଥିବେ । ଆମ କଥା କିଏ ଜାଣିଛି କି ? ୟା'ଙ୍କୁ କିଏ କହେଇଛି କି ? ମୁଁ ଅସ୍ଥିର ଦୃଷ୍ଟିରେ ମୋ ସାଙ୍ଗମାନଙ୍କୁ ଚାହିଁଲି । ସମସ୍ତଙ୍କ ମୁହଁରୁ ରଙ୍ଗ ଉଡ଼ିଯାଇଥିଲା ।

'ମୁନ୍ନୀଲାଲ ପଚାରିଲେ, 'ତୁମେ ସବୁ କୋଉ ଜାତିର ?'

ଆମକୁ ଜେରା କରି ତାକୁ ବୋଧେ ମଜା ଆସୁଥିଲା ।

ମୁଁ ତୁରନ୍ତ କହିଲି, ମୁଁ ବ୍ରାହ୍ମଣ, ମନୋହର ଓ ଦୀନେଶ୍ୱର ବଣିଆ, ଦୀନାନାଥ କାୟସ୍ଥ ।

'ତୁମେ ସବୁ ଖେଳାଳୀ ?'

'ନା, ନା'

'ଗୀତ ଗାଅ ?'

'ନାହିଁ'

'ସିନେମା ଥିଏଟରର ସୌକ ଅଛି ?'

'ନାହିଁ'

'ବିଡି– ସିଗାରେଟ, ଭାଙ୍ଗ, ଗଞ୍ଜେଇ ଫଞ୍ଜେଇ ପିଉଛ ?'

'ନାହିଁ ଆଜ୍ଞା ନାହିଁ ।'

'ଆଚ୍ଛା କୁହ ମୋତେ ଏଠିକାର ଲୋକ ଯଦି ତୁମ ରହିବାଟାକୁ ପସନ୍ଦ ନକରନ୍ତି କଣ କରିବ ?'

ଅଦ୍‌ଭୁତ ପ୍ରଶ୍ନ ଥିଲା, ମୁଁ ବହୁତ ଡରିଗଲି । ଏମିତି ଜେରା ତ ଅଦାଲତରେ ହେଉଥିବ ।

ମୁଁ ଖୁବ୍ ଭାବିଚିନ୍ତି ଉତ୍ତର ଦେଲି । କରିବୁ କଣ ?

ଆପଣଙ୍କୁ କହିବୁ । ଆଉ ଯଦି ଆପଣ ବି ଆମ ରହିବା ପସନ୍ଦ ନ କରିବେ ଆମେ ଘର ଛାଡ଼ିଦେବୁ । କିନ୍ତୁ ଆମେ ସେମିତି କିଛି କାମ କରିବୁନି ଯାହାଦ୍ୱାରା ଆମ ରହିବା ଲୋକଙ୍କୁ ନାପସନ୍ଦ ହେବ ।

ସେ ସେଇଠି ଚୁପ୍ ରହିଲେ । ମୁଣ୍ଡ ତଳକୁ କରି କ'ଣ ସବୁ ଚିନ୍ତା କଲେ । ଯେମିତି ମାଙ୍କଡ଼ ନଚାଳୀ ମାଙ୍କଡ଼କୁ ଅଗମିତ ପ୍ରଶ୍ନ ପଚାରେ, ଠିକ୍ ସେମିତି ପ୍ରଶ୍ନ ସେ ଆମକୁ ପଚାରି ଚାଲିଥିଲେ ।

ଏ ପ୍ରଶ୍ନର କେବେ ଅନ୍ତହେବ ଆମେ ଜାଣି ନଥିଲୁ । କୋଉଠୁ ଆରମ୍ଭ ହୋଇ କୋଉଠୁ ଶେଷ ହେବ କେଜାଣି । ସେତେବେଳେ ଦୀନାନାଥ ଉପରେ ମୋର ବହୁତ ରାଗ ହେଉଥିଲା । ବୋକା ଜାଣିନି କୋଉ ଜାଲରେ ଆମକୁ ପକାଇଦେଲା । ଏମିତି ବୁଝିସୁଝି, କିଛି ବିଚାର ବିମର୍ଷ କରି ଆସିଥିଲେ ଭଲ ହୋଇ ଥାଆନ୍ତା । ମୁଁ ଭାବୁଥିଲି ବୁଢ଼ା ଏଇନେ ମୁଣ୍ଡ ଉଠାଇ ପଚାରିବ, 'ତୁମେମାନେ କଣ 'ଖୁନୀ ଆଜାଦ କ୍ରାନ୍ତିକାରୀ ପାର୍ଟି' ସଂଗଠିତ କରିଛ କି ?'

କିନ୍ତୁ ଏମିତି କିଛି ହେଲାନି । ମୁନ୍ନୀଲାଲ ଅଚାନକ ପ୍ରସନ୍ନ ହୋଇ କହିଲେ, ଆଚ୍ଛା ପିଲାମାନେ ଘର ତୁମମାନଙ୍କୁ ମିଳିଯିବ । ଏଇଟା ମୋ ଘର । ବହୁତ ଭଡ଼ାଟିଆ ଏଠିକୁ ଆସୁଛନ୍ତି । କିନ୍ତୁ ମୁଁ କାହାକୁ ଦେଉନାହିଁ । ମୁଁ ଏମିତିଆ ଭଡ଼ାଟିଆ ଚାହୁଁଛି କି ଯିଏ ସଚ୍ଚୋଟ, ଭରସାର ପାତ୍ର ହୋଇଥିବ । ଭଦ୍ର ଚାଲିଚଳନ ହୋଇଥିବ । କିଛି ଦିନ ପୂର୍ବରୁ ଏଠି ଜଣେ ରହୁଥିଲା । 'ଶଳା ବାରବୁଲା' ପକ୍କା ବଦ୍‌ମାସ୍ । ମୁଁ ତାକୁ ବରଦାସ୍ତ କରି ପାରିଲିନି । ସେଇଥିରୁ ବୁଝି ପାରୁଥିବ । ମୁଁ ଏମିତି ଲୋକ ଚାହୁଁଛି ଯିଏ ଚୁପ୍‌ଚାପ୍ ଘରେ ରହିବ । ନିଜ ରୋଷେଇ ନିଜେ କରି ଖାଇବ । ମଥା ନଇଁ କି ମୋ ସାମ୍ନାରେ ଯିବା ଆସିବା କରିବ । ଆଜିକାଲି ପିଲା ବହୁତ ବଦ୍‌ମାସ ହୋଇଗଲେଣି । ଦି'ଟଙ୍କାର ମୁଣ୍ଡ ହେବ କି ନାହିଁ ଲାଟସାହେବ ଭଳିଆ ରାସ୍ତାରେ ଚାଲୁଛନ୍ତି । ସେ 'ଶଳା'ଟାକୁ ବହୁତ ବୁଝେଇଛି, 'ପୁଅ ଠିକ ସେ ରହ ।' କିନ୍ତୁ ସେ କଣ ମାନିବା ପିଲା । ପ୍ରତିଦିନ ରାତିରେ ଦଳେ ଲଫଙ୍ଗା ଏକାଠି ହୋଇ ଭାଷା ଅଭାଷା କଥାବାର୍ତ୍ତା ହେଉଥିବେ । ଶେଷରେ 'ଶଳା'କୁ ଘରୁ ତଡ଼ିଦେଲି । ଯାହା ହେଉ ତୁମେ ସବୁ ଭଲପିଲା ଲାଗୁଛ । ତୁମମାନଙ୍କୁ ଘର ମିଳିଯିବ । ଘରଭଡ଼ା ତ ଆଠ ଟଙ୍କା । ତୁମେମାନେ ବିଦ୍ୟାର୍ଥୀ ତେଣୁ ତୁମକୁ ଚାରି ଟଙ୍କାରେ ମୁଁ ଘର ଦେବି । ଚାହିଁଲେ ତୁମେମାନେ ଏବେ ଘର ଦେଖିପାର । ଶେଷରେ ସେ ଏଡ଼େ ଯୋରରେ କାଶିଲେ ଲାଗୁଥିଲା କି ମାଙ୍କଡ଼ନଚାଳୀର ଡମ୍ବରୁ ବାଜୁଥିଲା ।

ଘର ଦେଖିବାକୁ ଆମେ ମନା କରିଦେଲୁ । କିଏ ସେଠି ରହିବ ଯେ । ଚାରିଟଙ୍କା ମୁନ୍ନୀଲାଲଙ୍କୁ ଅଗ୍ରିମ ଦେଇ ତା'ଠାରୁ ଚାବିଟା ନେଇ ଆସିଲୁ । ସିଧା ଫେରିଲୁ ।

କିଛିଦିନ ପରେ ଆମେ ଚାବି ନେଇ ସେ ଘର ଖୋଲିଲୁ । ସେତେବେଳେ ମୁନ୍ନିଲାଲଙ୍କ ଭକ୍ତି ମନେ ପଡ଼ିଗଲା । 'ଶଳା ଭାରି ବଦମାସ୍' ସମସ୍ତେ ହସିଲୁ । ଆମ କ୍ରାନ୍ତିକାରୀ ଜୀବନରେ ଏକ ନୂଆ ଅନୁଭବ ଥିଲା । ଏ ଘର ଖୋଜା । ଆମେ ଖୁସିଥିଲୁ କି ସହଜରେ ଏ ଘର ଆମକୁ ମିଳିନି । କ୍ରାନ୍ତିକାରୀମାନଙ୍କୁ ପ୍ରତିମୁହୂର୍ତ୍ତରେ ଏମିତି ଜେରାର ସାମ୍ନା କରିବାକୁ ପଡ଼ିପାରେ ।

ମାଟି ଆଉ ଖପରାରେ ତିଆରି ଘରଟି ବହୁତ ଛୋଟ ଥିଲା । ଯିବା ଆସିବା ରାସ୍ତାର କବାଟ ଏତେ ପୁରୁଣାଥିଲା ଯେ ପୁରା କଳାକାଠ ପଡ଼ିଯାଇଥିଲା । ଗୋଟେ ଗଳି ଦେଇ ଘର ଭିତରକୁ ଯିବା ରାସ୍ତା ଥିଲା । ଡାହାଣ ପଟେ ଘରଭିତରକୁ ଯିବାକୁ ରାସ୍ତା । ବାଁ ପଟେ ଛୋଟ ଅଗଣା । ତା' ଭିତରେ ଅଗଣିତ କଣ୍ଟାଝଣ୍ଟା ଗଛ ଉଠିଯାଇଥିଲା । ଘର ଭିତର ଏତେ ବଡ଼ ନଥିଲା । କେବଳ ଦୁଇଟି ଖଟ ପଡ଼ିପାରେ । ଘରର ଅଧା କାନ୍ଥ ଯାଏ ଶିଉଳି ହୋଇଯାଇଥିଲା । ଚଟାଣରେ ଠାଏଁ ଠାଏଁ ମୂଷା ଗାତ ଖୋଳି ଦେଇଥିଲେ ।

ସେ ଘରେ ଝରକା ନଥିଲା । ଭିତରେ ପବନ ପହଞ୍ଚୁନଥିଲା । ଭିତରେ ଅଣନିଃଶ୍ୱାସୀ ଲାଗୁଥିଲା । ସୁଡ଼ଙ୍ଗ ଭଳିଆ ଘରୁ କେମିତି ଗୋଟେ ପଙ୍କୁଆ ଗନ୍ଧ ବାହାରୁଥିଲା । ଏ ଘର ଦୁଇଟଙ୍କାକୁ ବି ଯୋଗ୍ୟ ନୁହେଁ ।

ପ୍ରଥମେ ତ ବହୁତ ନିରାଶା ଲାଗିଲା । ପରେ ଭାବିଲୁ ଏମିତି ଭୂତଖାନା ଘର ତ କ୍ରାନ୍ତିକାରୀଙ୍କ ପାଇଁ ସ୍ୱର୍ଗ ସହ ସମାନ । ଏଇଠି ଠିକ୍ କ୍ରାନ୍ତିକର୍ମ ସବୁ ହୋଇ ପାରିବ । କୌଣସି ଗୁପ୍ତ କ୍ରାନ୍ତିକାରୀ ପାର୍ଟି ପାଇଁ ଏମିତି ଘର ଲାଭଦାୟକ । ମୁଁ ଆଉ ଦୀନେଶ୍ୱର ବଜାର ଗଲୁ । ସେଇଠୁ ଗୋଟେ ଡିବିରିବତୀ, ଗୋଟେ ଝାଡୁ, ଗୋଟେ ସୁରାଇ, ଗୋଟେ କାଚ ଗିଲାସ କିଣିକରି ଆଣିଲୁ । ତା' ପରେ ଘରକୁ ସଫା ସୁତରା କରିବାରେ ଲାଗିଲୁ । ମନୋହର ଆଉ ଦୀନେଶ୍ୱର ଅଗଣାକୁ ଘାସଫାସ ଓପାଡ଼ି ପରିଷ୍କାର କରିଦେଲୁ । ଦୀନାନାଥ କାନ୍ଥ ସାରା ଉଠିଯାଇଥିବା ଶିଉଳିକୁ ଛଡ଼ାଇଲା । ମାଟି ଖପରା ଯାଡ଼େ ସିଆଡ଼େ ପଡ଼ିଥିଲା ସେଗୁଡ଼ା ସଫା କଲା । ମୁଁ ସବୁ ଧୂଳି ମଇଳାକୁ ଝାଡୁରେ ପରିଷ୍କାର କରି ବାହାରକୁ ପକେଇଲି । ସମସ୍ତେ ମିଶି ଘଣ୍ଟାକ ଭିତରେ ଘରକୁ ପରିଷ୍କାର କରିଦେଲୁ ।

କିଛି ସମୟ ପରେ ଘରକୁ ଫେରିଲୁ । ସେଠାରୁ କିଛି ସପ କନ୍ଥା ଭିତରେ ଖଣ୍ଡାକୁ ଲୁଚାଇକି ଆଣିଲୁ । 'ବାଡ଼ିଖେଳ' ବହି, ଛୁରା, ଟର୍ଚ୍ଚ ଓ କ୍ଲୋରଫର୍ମର ଶିଶି ସବୁ ଲୁଚେଇକି ନେଇ ଆସିଲୁ । ଘର ଭିତରେ ଚାରିଟା ବସ୍ତା ବିଛାଇ ଦେଲୁ । କବାଟର ଠିକ୍ ସାମ୍ନାରେ ଖଣ୍ଡାକୁ କାନ୍ଥରେ ଡେରିଦେଲୁ । ତା' ଡାହାଣ ପଟେ 'ବାଡ଼ି ଖେଳ ଶିକ୍ଷା' ବହି ରଖିଦେଲୁ । ବାଁ ପଟରେ ଛୁରା ଆଉ କ୍ଲୋରଫର୍ମକୁ ସଜେଇ ରଖିଲୁ । ତା' ପାଖକୁ ଟର୍ଚ୍ଚକୁ ଯତ୍ନରେ ରଖିଲୁ । ଯେମିତି ନୂଆ ମନ୍ଦିରରେ ଈଶ୍ୱରଙ୍କ ମୂର୍ତ୍ତି ସ୍ଥାପନା କରାହେଉଛି ସେମିତି ଆନନ୍ଦ ଆମକୁ ଲାଗୁଥାଏ । ପୁରା ସନ୍ତୁଷ୍ଟି ସହିତ ସବୁ କାର୍ଯ୍ୟର ସମାପନ ହେଲା ।

ଏତିକି ହୋଇ ସାରିଲା ପରେ ଦୀନାନାଥ ତା'ର ପ୍ରକୃତିଗତ ମୌଳିକତାର ପରିଚୟ ଦେଲା । ଦୀନାନାଥ ତା' ପକେଟରୁ ଗୋଟେ ଖଡ଼ି ବାହାର କଲା । ଠିକ୍ ଖଣ୍ଡା ଉପରେ କାନ୍ଥରେ ଲେଖିଦେଲା । 'ଖୁନୀ ଆଜାଦ କ୍ରାନ୍ତିକାରୀ ଦଳ' । ଠିକ୍ ତା' ତଳକୁ ଭାରତବର୍ଷର ନକ୍ସାଟା ଆଙ୍କିଲା । ତା'ର ଅଦ୍‌ଭୂତ କଳ୍ପନାକୁ ଧନ୍ୟବାଦ ଦେବା କଥା । ଠିକ୍ ନକ୍ସା ମଝିରେ ଭାରତମାତାଙ୍କ ଚିତ୍ର କରିଲା । ତାଙ୍କ ହାତରେ ଗୋଟେ ତ୍ରିରଙ୍ଗ ପତାକା ଧରେଇ ଦେଲା । ତା' ଚାରିପଟ ଯାକ ଆମ ସମସ୍ତଙ୍କର ନାଁ ଲେଖିଲା । ସେତିକିରେ ସେ ସନ୍ତୁଷ୍ଟ ହେଲାନି । ଭାରତ ମାତାଙ୍କ ସାମ୍ନାରେ ଠିଆ ହୋଇ ମାତାଙ୍କୁ ବନ୍ଦନା କଲା । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ନଦୀର ଦୁଇପାର୍ଶ୍ୱର ଭେଡି ବନ୍ଧରୁ ସ୍ଥାନେ ସ୍ଥାନେ ଅତଡା ଖସିବା ଫଳରେ ଭୟଭୀତ ନଦୀକୂଳିଆ ଗ୍ରାମବାସୀ



ବସ୍ତା, ୨୩/୦୭ (ନି.ପ୍ର): ଜଳବାୟୁ ପରିବର୍ତ୍ତନ ହେବା ସହିତ ଲଘୁଚାପ ବର୍ଷା ଲଗାତାର ଲାଗି ରହିଥିବା ବେଳେ ଖରସ୍ରୋତା ଜଳକା ନଦୀର ଜଳ ସ୍ତର ବଢିବାରେ ଲାଗୁଥିବା ବେଳେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ରେ ମଥାନୀ ଛକ ଓ ସାନଖୁଡି ଠାରେ ଦୁଇଟି ପୋଲ ନିର୍ମାଣ କାର୍ଯ୍ୟ ଦିର୍ଘ ଦୁଇବର୍ଷରୁ ଉର୍ଦ୍ଧ ଦିନଧରି ମନ୍ଥର ଗତିରେ ଚାଲିଛି । ଯାହାଫଳରେ ମୃତ୍ତିକା କ୍ଷୟ ହେବାସହିତ ଦୁଇଟି ସ୍ଥାନରେ ନଦୀକୁ ମାଟି ପକାଇ ଆକଟକରି ଗୋଟିଏ ପଟ ଦେଇ କେନାଲ କରି ପାଣି ନିଷ୍କାସନ କରାଯାଉଛି । ଫଳରେ ମୟୂରଭଞ୍ଜ ଜିଲ୍ଲାରୁ ଲଘୁଚାପ ଜନିତ ବର୍ଷାପାଣି ଏହିଜଳକା ନଦୀରେ ପ୍ରବାହିତ ହେବା ଫଳରେ ନଦୀର ଦୁଇପାର୍ଶ୍ୱର ଭେଡି ବନ୍ଧରୁ ସ୍ଥାନେସ୍ଥାନେ ଅତଡା ଖସିବା ଫଳରେ ବର୍ଷାପାଣି ଗାଁଗଣ୍ଡାରେ ପଶି ବହୁ ଧନ ଜିବନ ନଷ୍ଟ କରିବ ବୋଲି ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇଛି । ତେବେ ଦୁଇବର୍ଷରୁ ଉର୍ଦ୍ଧ ଧରି ନିର୍ମାଣଧିନ ପୋଲ କାର୍ଯ୍ୟ ମନ୍ଥରଗତିରେ କାର୍ଯ୍ୟହେବାଫଳରେ ବନ୍ୟା ଆସିଲେ ବାହାର୍ଦ୍ଧା ପଞ୍ଚାୟତର ମେଳକ, ତାପଣ୍ଡା, ପେଗରପଡା, ଧଳସାହି, ଚନ୍ଦନସିଆ ମଥାନୀ, ସାମଲସାହି, ଦାସ ମଥାନୀ ପଞ୍ଚାୟତର, ସାନଖୁଡି, ଶିବଗଡିଆ, ଲକ୍ଷ୍ମଣାପଡା, ଧାନହଣ୍ଡା, ତିଡିରିଆବଡଖୁଡି, ସାନଖୁଡି ହରିଜନସାହି ଗୁଡିକ ଜଳମଗ୍ନ ହେବା ସହିତ ବହୁ ଧନଜିବନ ନଷ୍ଟ ହେବ ବୋଲି ଆଶଙ୍କା ହେଉଛି । ତେବେଜିଲ୍ଲା ପ୍ରଶାସନ ଏବେଠାରୁ ତତ୍ପରତା ସହକାରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭେଡି ବନ୍ଧ ଭାଙ୍ଗିଲେ ଏହିସବୁ ଗ୍ରାମ ନଦୀ ଗର୍ଭରେ ଲିନ ହୋଇଯିବ ବୋଲି ଭୟର ବାତାବରଣ ସୃଷ୍ଟି ହୋଉଛି । ତେବେ ଯଥାଶିଘ୍ର ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନେବା ପାଇଁ ମେଳକ ଗ୍ରାମର ରଜନୀକାନ୍ତ ନାୟକ, ପେଗରପଡା ଗ୍ରାମର ସମାଜସେବୀ ସସୁମନ୍ତକୁମାର ଜେନା, ତପନ ପାତ୍ର, ରମେତଚନ୍ଦ୍ର ପାତ୍ର, ଶିବଗଡିଆ ଗ୍ରାମର ସୁରେନ୍ଦ୍ର ପରିଡା ସନାତନ ପରିଡା, ଲକ୍ଷ୍ମଣାପଡାର ଜଗବନ୍ଧୁଭୂୟାଁ, ଗୌର ମୋହନ ଭୂୟାଁ, ଗଦାଧରସିଂହ, ଦାମୋଦର ସିଂହ, ସାନଖୁଡି ନରେନ୍ଦ୍ର ପାତ୍ର, ଦେବବ୍ରତ ମହାପାତ୍ର, ମଧୁସୁଦନ ଦାସ, ପଦ୍ମଲାଭ ସାହୁ, ଅଶୋକଦାସ, ସଞ୍ଜୟ ବେହେରା ପ୍ରମୁଖ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଦାବୀ ହେଉଛି ।

## ଗୋଟିଏ ଦିନରେ ୧୧୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୫୪୯୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୮୯୭୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୩୪୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୬୨ ଜଣ ସଂଗରୋଧରୁ ଓ ୪୬୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୨୫, ବରଗଡ ଜିଲ୍ଲାରେ ୨୩, ଭଦ୍ରକ ଜିଲ୍ଲାରେ ୧୪, ବଲାଙ୍ଗୀର ଜିଲ୍ଲାରେ ୧୭, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୧୧. ଦେବଗଡ, ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୩ ଗଜପତି ଜିଲ୍ଲାରେ ୫ , ଗଂଜାମ ଜିଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରେ ୧୦ ,ଯାଜପୁର ଜିଲ୍ଲାରେ ୩୬, ଝାରସୁଗୁଡା ଜିଲ୍ଲାରେ ୨୫ . କଳାହାଣ୍ଡି ଜିଲ୍ଲାରେ ୧୧, କନ୍ଧମାଳ ଜିଲ୍ଲାରେ ୧୭, କେନ୍ଦ୍ରାପଡା ଜିଲ୍ଲାରେ ୧୮, କେନ୍ଦୁଝର ଜିଲ୍ଲାରେ ୧୧, ଖୋର୍ଦ୍ଧା ଜିଲ୍ଲାରେ ୨୦୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୧, ମୟୂରଭଂଜ ଜିଲ୍ଲାରେ ୯୩, ନବରଂଗପୁର ଜିଲ୍ଲାରେ ୯, ନୟାଗଡ ଜିଲ୍ଲାରେ ୩୩, ନୂଆପଡା ଜିଲ୍ଲାରେ ୧୬, ପୁରୀ ଜିଲ୍ଲାରେ ୧୪, ରାୟଗଡା ଜିଲ୍ଲାରେ ୧୪, ସମ୍ବଲପୁର ଜିଲ୍ଲାରେ ୧୦୬ , ସୋନପୁର ଜିଲ୍ଲାରେ ୧୮, ସୁନ୍ଦରଗଡ ଜିଲ୍ଲାରେ ୨୨୫ ଓ ଷ୍ଟେଟ ପୁଲରେ ୪୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଖୋର୍ଦ୍ଧା ପାଇକ ସମାଜ ତଥା ଖୋର୍ଦ୍ଧା ଜନସାଧାରଣଙ୍କ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ

ଖୋର୍ଦ୍ଧା, ୨୩/୦୭ (ନି.ପ୍ର): ଖୋର୍ଦ୍ଧା ପାଇକ ସମୂହ ଓ ଖୋର୍ଦ୍ଧା ବାସୀ ଆଜଦିନ ବହୁତ ଖୁସି। ବହୁଦିନ ଧରି ଖୋର୍ଦ୍ଧା ବାସୀଙ୍କୁ ବିନା ମୂଲ୍ୟରେ ବରୁଣେଇ ପାହାଡ ଦଳେ ସରକାରଙ୍କ ରାଜସ୍ୱ ବିଭାଗ ତରଫରୁ ପାଇକ ସ୍ମାରିକ ପାଇଁ ୯ ଏକର ୬୮୫ ଡିସିମିଲ ଜମି ବିନା ମୂଲ୍ୟରେ ଦେବାକୁ ମୂଖ୍ୟ। ମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ କାବିନେଟ ଗତକାଲି ୧୯.୭.୦୨୨ ମୋହର ମାରି ସ୍ୱୀକୃତି ଦେଇଛନ୍ତି । ୧୮୧୭ ମସିହା ଖୋର୍ଦ୍ଧା ପାଇକ ବିଦ୍ରୋହ ଖୋର୍ଦ୍ଧା ତଥା ଅଭିବ୍ୟକ୍ତ ପୁରୀଜିଲ୍ଲା ବାସୀ ମନରେ ଖୁସିର ଲହରୀ ଖେଳି ଯାଇଛି। ଖୋର୍ଦ୍ଧା ସର୍ବସାଧାଣ ଆଜି ମାଆ ବରୁଣାଇ ପୀଠରେ ଦୀପଦାନ କରିଛନ୍ତି। ଜଗନ୍ନାଥଙ୍କ କୃପା ଯୋଗୁ ଏହା ସମ୍ଭବ୍ ହୋଇଛି। ଖୋର୍ଦ୍ଧା ପାଇକ ଖଣ୍ଡାୟେତ ଘରେ ଆଜି ପୂଜା ଅର୍ଚ୍ଚନା କରାଯାଇଛି। ଖୋର୍ଦ୍ଧା ଗଡ ଓ ଏହାର ସମସ୍ତ ଗଡର ଲୋକେ ଆଜି ତାଙ୍କ ପୂର୍ବଜ ପାଇଁ ଗର୍ବିତ। ଖୋର୍ଦ୍ଧା ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ଦେବାକୁ ଦାବୀ, କେନ୍ଦ୍ର ମୋଡି ସରକାର ଦେଲେ ଖୋର୍ଦ୍ଧା ବାସୀ ତଥା ଓଡିଶା ବାସୀ ଖୁସି ହେବେ। ଓଡିଶା ତାର ପୂର୍ବ ଗୌରବ ଫେରି ପାଇବ । ଆମ୍ ଓଡିଶା ସରକାର ତଥା ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟାୟକ ଓ ଭାରତ ପ୍ରଧାନ ମନ୍ତ୍ରୀଙ୍କ ନାମ ସ୍ୱର୍ଣ୍ଣାଅଖରେ ଲିପିବଦ୍ଧ ହୋଇ ରହିବ। ଖୋର୍ଦ୍ଧା ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ସ୍ଥଳ ଗର୍ବିତ ହେବ।

# ଦ୍ରୌପଦୀଙ୍କ ଜନ୍ମ ମାଟିକୁ ଆସିବାକୁ ଆଗ୍ରହୀ ପ୍ରଧାନମନ୍ତ୍ରୀ : ବିଜେପି କର୍ମୀ ମହଲରେ ଉତ୍ସାହର ଲହରୀ



ବାରିପଦା, ୨୩/୦୭ (ନି.ପ୍ର): ମୟୂରଭଂଜ ମାଟିର କନ୍ୟା ଓଡିଶା ପୁତ୍ରୀ ଦ୍ରୌପଦୀ ମୂର୍ମୁ ଆଜି ରାଷ୍ଟ୍ରପତି ନିର୍ବାଚନର ଭୋଟ ଗଣତି ପରେ ବିପୁଳ ଭୋଟରେ ବିଜୟୀ ହେବା ପରେ ସାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଳ ମତ ନିର୍ବିଶେଷରେ ସମସ୍ତେ ବିଜୟ ଉତ୍ସବ ମନାଇଥିବାର ଦେଖାଯାଇଛି ତାଙ୍କ ଗାଁ ଉପରବେଡା, ଶାଶୁଘର ଗାଁ ପାହାଡ ପୁର ସହ ରାଇରଙ୍ଗପୁର ବାରିପଦା ଏପରିକି ଗାଁରେ ଗାଁରେ ଲୋକେ ନିଜ ମାଟିର କନ୍ୟା ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ନିର୍ବାଚିତ ହୋଇଥିବାରୁ ଖୁସି ମନାଇଥିଲେ । ତେବେ ଦିଲ୍ଲିରେ ଦ୍ରୌପଦୀ ମୂର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ଅଧକ୍ଷ ଜେପି ନଡ୍ଡା ଯାଇଥିବା ବେଳେ, ପ୍ରଧାନମନ୍ତ୍ରୀ ଦ୍ରୌପଦୀଙ୍କ ଜନ୍ମ ମାଟିକୁ ଆସିବାକୁ ଆଗ୍ରହ ପ୍ରକାଶ କରିଥିବା ଶୁଣିବାକୁ ମିଳୁଥିବା ବେଳେ, ଓଡିଶା ରାଜ୍ୟ ତଥା ଜିଲ୍ଲାର ବିଜେପି ନେତା କର୍ମୀ ମହଲରେ ଉତ୍ସାହ ବହୁ ଗୁଣିତ ହୋଇଥିବାର ଦେଖିବାକୁ ମିଳୁଛି । ଜିଲ୍ଲାର ବହୁ ମାନ୍ୟଗଣ୍ୟ ବିଜେପି ନେତା ଏବେ ଦିଲ୍ଲିରେ ଥିବା ବେଳେ, ସୋସିଆଲ ମିଡିଆରେ ଏନେଇ ଜୋରଦାର ଚର୍ଚ୍ଚା। ଚାଲିଥିବାର ଜଣା ଯାଇଛି । ତେବେ ରାଇରଙ୍ଗପୁର ମହୁଲଡିହା ଠାରେ ଥିବା ଦ୍ରୌପଦୀଙ୍କ ବାସ ଭବନ ସହ ଦୂର୍ଗାମଣ୍ଡପ ଠାରେ, ସେ ଅବୈତନିକ ଭାବେ ପାଠ ପଢାଇଥିବା ଶ୍ରୀ ଅରବିନ୍ଦ ସ୍କୁଲ ଠାରେ ସ୍ୱତନ୍ତ୍ର ବିଜୟ ଉତ୍ସବର ଆୟୋଜନ କରାଯାଇଥିବାର ଦେଖା ଯାଇଥିଲା । ବାଣ ରୋଷଣୀ ସହ ଆଦିବାସୀ ନୃତ୍ୟ ବାଦ୍ୟର ତାଳେତାଳେ ବିଜୟ ଉତ୍ସବ ମନାଇଥିଲେ ସଭିଏଁ ।

# ଦୃଷ୍ଟିବାଧିତ ଓଡ଼ିଶା କ୍ରିକେଟ ଟିମରେ ବାଲେଶ୍ୱରର ଦୁଇ ଛାତ୍ର ସାମିଲ




ବାଲେଶ୍ୱର,୨୩/୦୭ (ନି.ପ୍ର): ପଣ୍ଡୁଚେରୀରେ ଚଳିତ ମାସ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତ୍ରିକୋଣୀୟ ଦୃଷ୍ଟି ବାଧିତ କ୍ରିକେଟ ଟୁର୍ଣ୍ଣମେଣ୍ଟରେ ଓଡ଼ିଶାର ୧୬ ଜଣିଆ ଟିମରେ ସ୍ଥାନ ପାଇଥିବା ୨ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ର ଅଞ୍ଜନ ସିଂ ଓ ଲାବଣ୍ୟ ପାତ୍ର। ଓଡ଼ିଶା ଦୃଷ୍ଟିବାଧିତ ଟିମରେ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ପ୍ରବନ୍ଧକ ଭାବେ ଯୋଗଦାନ କରିବେ। ବିଦ୍ୟାଳୟର ଦୁଇ ଛାତ୍ରଙ୍କ ସହ ଶ୍ରୀ ସ ଆସନ୍ତା ୨୪ ତାରିଖରେ ଭୁବନେଶ୍ୱର ଯାତ୍ରା କରିବେ। ୨୬ ତାରିଖରୁ ପଣ୍ଡୁଚେରୀରେ ଆରମ୍ଭ ହେଉଥିବା ତ୍ରିକେଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟିମ ସମେତ କେରଳ ଓ ପଣ୍ଡୁଚେରୀର ଟିମ ଅଂଶଗ୍ରହଣ କରିବ ବୋଲି ଜଣାଯାଇଛି।

## ବସ୍ତାରେ ବିଜେପିର ମିଷ୍ଟାନ ବଣ୍ଟନ

ବସ୍ତା, ୨୩/୦୭ (ନି.ପ୍ର): ରାଷ୍ଟ୍ରପତି ନିର୍ବାଚନରେ ଓଡିଶାମାଟିର ଝିଅ ଦ୍ରୌପଦୀ ମୁର୍ମୁ ବିଜୟୀ ହୋଇଥିବାରୁ ବସ୍ତାରେ ବିଜେପି ତରଫରୁ ମିଷ୍ଟାନ ବଣ୍ଟନ ହୋଇଥିଲା । ବିଜେପି ନେତା ଏଡଭୋକେଟ ପରେଶ କୁମାର ବେହେରା ବିନୋଦ ବିହାରୀ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ଗୋକୁଳାନନ୍ଦ ଜେନା, ଦରଡାମଣ୍ଡଳର ସଭାପତି ବସନ୍ତ ବାରିକ, ସାଧାରଣସଂପାଦକ ଅଜୟ ବେହେରା, ପ୍ରମୁଖ ମିଷ୍ଟିନ ବଣ୍ଟନ କରିଥିଲେ ।

## ରେଳ ଧକ୍କାରେ ମହିଳାଙ୍କ ମୃତ

ବସ୍ତା, ୨୩/୭(ନିପ୍ର) ବସ୍ତା ବ୍ଲକ ଅନ୍ତର୍ଗତ ନୂଆଗାଁ ଷ୍ଟେସନ ନିକଟ ରେଳ ଧାରଣାରେ ଅଜଣା ମହିଳା ଙ୍କର ମୃତ ଦେହ ପଡି ରହିଥିବାର ଦେଖିବାକୁ ମିଳିଛି । ସୂଚନା ରୁ ଯଣାପଡିଛି ଆଜି ପ୍ରାୟ ଦିନ ୨ଟା ସମୟରେ ଉକ୍ତ ମହିଳା ଜଣକ ରେଳ ଲାଇନ ପାରି ହେଉ ଥିବା ବେଳେ ସେହିସମୟ ରେ ମାଲଗାଡି ଆସି ତାଙ୍କୁ ଧକା ଦେଇଥିଲା ଫଳରେ ତାଙ୍କର ମୃତ୍ୟୁ ଘଟିଛି । ବର୍ତ୍ତମାନ ସୁଦ୍ଧା ଶବ ଚିହ୍ନଟ ହୋଇ ପାରି ନାହିଁ କି ଜିଆରି ଙ୍କ ପାଖରେ କୋଣସି ସୂଚନା ନାହିଁ ।ତେବେ ମହିଳା ଯଣଙ୍କ ର କୌଣସି ଯାଗାରେ କ୍ଷତ ହୋଇନାହିଁ ତେବେ କେହି ମହିଳାକୁ ମାରି ରେଳ ଲାଇନ ମଝିରେ ପକାଇଦେଇଛି । ରୂପସା ଷ୍ଟେସନ ମାଷ୍ଟର ଓ ଜିଆପି ଙ୍କ ପାଖରେ ସୂଚନା ନାହିଁ । ଖବର ଲେଖାହେବା ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳିପାରି ନାହିଁ କି ମୃତ ଦେହ ଉଦ୍ଧାର ନ ହୋଇ ପଡିରହିଛି । ତେବେ ପୋଷ୍ଟ ମୋଟମ ରିପଟ ଆସିଲେ ସବୁ ଘଟଣା ଜଣାପଡିବ ବୋଲି ରେଳବାଇ ପୁଲିସ ସୂଚନା ଦେଇଛନ୍ତି ।

## ଜଳେଶ୍ୱର ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାତୃ ବିୟୋଗ

ଜଳେଶ୍ୱର, ୨୩/୭(ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ରଙ୍କ ମାତୃବିୟୋଗ ଗତ ଗୁରୁବାର ୬ଟା ସମୟରେ ହୋଇ ଯାଇଛି । ତାଙ୍କର ପିତା ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ରଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମହାପାତ୍ର (୭୮) ବର୍ଷ ବୟସରେ ପରଲୋକ ଘଟିଛି । ସେ ଦୀର୍ଘଦିନ ଅସୁସ୍ଥା ରହି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କର ବିୟୋଗ ପରେ ଜଳେଶ୍ୱର ଓ ପୈତୃକ ଗାଁ ରେମୁଣା ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ପରପୋକାରୀ, ସ୍ନେହି, ମିଷ୍ଟଭାଷୀ, ଧର୍ମପରାୟଣା ମହିଳାଭାବେ ବେଶି ପରିଚିତ ଥିଲେ । ମୃତ୍ୟୁପରେ ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଚତୁର୍ଥପୁତ୍ର ଅମୀୟ ମହାପାତ୍ର ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ ।

# ଅଙ୍ଗଦାନ ପାଇଁ ସ୍ୱୀକୃତିବଦ୍ଧ ହେଲେ ସମାଜସେବିକା କୁସୁମ ମଞ୍ଜରୀ



ଭଦ୍ରକ,୨୩/୦୭ (ନି.ପ୍ର): ମାନବ ସେବା ହିଁ ମାଧବ ସେବା, ଏହି ମନ୍ତ୍ରକୁ ଆଧାର କରି ଛାତ୍ରୀ ଜୀବନରୁ ଆଜି ଯାଏ ଆସିଛନ୍ତି ସମାଜସେବାରେ ବ୍ରତୀ ହୋଇଥିବା ଭଦ୍ରକର ବିଶିଷ୍ଟ ସମାଜସେବୀ କୁସୁମ ମଞ୍ଜରୀ ଦାସ ଜୀବିତାବସ୍ଥା ଓ ମୃତ ପରେ ନିଜର ସମସ୍ତ ଅଙ୍ଗଦାନ ପାଇଁ ସ୍ୱୀକୃତିବଦ୍ଧ ହୋଇଛନ୍ତି । ଶ୍ରୀମତୀ ଦାସ ରକ୍ତଦାନ ପରି ମହତ ଦାନ ହେଉ କି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ସହଯୋଗ କରିବା ଭଳି ମହତ କାର୍ଯ୍ୟ କରିବାକୁ ସେ ଖୁବ୍ ଭଲ ପାଆନ୍ତି। କୁସୁମ ଟିଭିର ଡାଇରେକ୍ଟର କୁସୁମ ମଞ୍ଜରୀ ଦାସ ଜଣେ ସରଳ ସ୍ୱଭାବ, ଦରଦୀ ମଣିଷ ଭାବେ ଜଣାଶୁଣା। ସତ୍ୟ ସାଇଙ୍କ ସୁପର ହସ୍ପିଟାଲରେ ହାର୍ଟ ଅପରେସନ ଫ୍ରି ରେ କରି ଆଣିବା ତାଙ୍କର ନିଶା ଥିଲା ଯାହା ଦ୍ୱାରା ଦୀର୍ଘ ଦିନ ସୁପର ହସ୍ପିଟାଲରେ ସେବା କରିବାର ସୁଯୋଗ ବି ପାଇଥିଲେ, ସେହି ସେବାର ପରମ ତୃପ୍ତି ଆନନ୍ଦ ଆଜି ଅଙ୍ଗଦାନ କରିବାରେ ସୌଭାଗ୍ୟ ମିଳିଲା, ମୃତ୍ୟୁ ପରେ ଅଙ୍ଗଦାନ କରିବା ପାଇଁ ରାଜ୍ୟ କଳାକାର ମହାସଂଘ, ଓଡିଶା ଦ୍ୱାରା ଅନୁଷ୍ଠିତ ୨୨ତାରିଖ ଭୁବନେଶ୍ୱର ସ୍ଥିତ ଭଂଜ କଳାମଣ୍ଡପରେ ସ୍ୱାସ୍ଥ୍ୟ ଅଙ୍ଗଦାନ ବିଭାଗ, ସରକାରଙ୍କ ବିଭିନ୍ନ ବିଭାଗ ର ଅଫିସରମାନେ ଓ କଳାକାର, ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଭୁବନେଶ୍ୱର ପ୍ରଧାନ ଓ ସମାଜସେବୀଙ୍କ ଉପସ୍ଥିତିରେ ଶପଥ ନେବା ସହିତ ଅଙ୍ଗଦାତା ଭାବେ ସମ୍ମାନିତ ହୋଇଛନ୍ତି। ମୃତ୍ୟୁ ପରେ ବି ନିଜ ଅଙ୍ଗ ଦେଇ କେତେ ଜଣଙ୍କ ଜୀବନ ରକ୍ଷା କରିବା ସହିତ ସବୁ ଦିନ ପାଇଁ ଅନ୍ୟ ଓଠରେ ହସ ଫୁଟେଇବାର ପ୍ରୟାସ କରିଛନ୍ତି ଶ୍ରୀମତୀ ଦାସ। ସମ୍ମାନିତ ହୋଇ ଭଦ୍ରକ ଫେରିବା ପରେ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଶ୍ଚିମବଙ୍ଗରେ ଗୁଣାତ୍ମକ ଶିକ୍ଷାର....

୨୧ କୋଟି ଟଙ୍କା ଜବତ ହେବା ଘଟଣାରେ ସେ ଗିରଫ ହୋଇଛନ୍ତି । ଏହି ଘଟଣା ପଶ୍ଚିମବଙ୍ଗର ବର୍ତ୍ତମାନର ସ୍ଥିତିକୁ ଦର୍ଶାଇଛି । ଏହା ଏକ ଗମ୍ଭୀର ପ୍ରସଙ୍ଗ । ପଶ୍ଚିମବଙ୍ଗ ସରକାର ଏକ ଦୁର୍ନୀତିଗ୍ରସ୍ତ ସରକାର । ପଶ୍ଚିମବଙ୍ଗ ସରକାର ଯୁବବର୍ଗଙ୍କୁ କେଉଁ ଦିଗରେ ନେବାକୁ ଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଏହାବ୍ୟତିତ ମୋଦି ସରକାରଙ୍କ ୮ ବର୍ଷର ଶାସନ ଓ ଗରିବ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ସେହିପରି ନବ ନିର୍ବାଚିତ ରାଷ୍ଟ୍ରପତି ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଥିଲେ, ରାଷ୍ଟ୍ର ଓଡ଼ିଶାର ସାଧାରଣ ପରିବାରରୁ ଆସିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଦେଶର ସବୁ ରାଜ୍ୟର ଜନପ୍ରତିନିଧିମାନେ ଶ୍ରୀମତୀ ମୁର୍ମୁଙ୍କୁ ଅଭୁତପୂର୍ବ ସମର୍ଥନ ଦେଇଛନ୍ତି । ଏହା ଏକ ଖୁସିର ବିଷୟ । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ଟ୍ୟାକ୍ସି ଚଲାଉଥିବା ବିଜେପି ଏସସି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ପୁଲକ ନସକରଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ସେହିପରି ନିକଟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଦ୍ୱାରା ମେଗା ଭିତିଭୂମି ପ୍ରକଳ୍ପ 'ଇଷ୍ଟ ୱେଷ୍ଟ ମେଟ୍ରୋ କୋରିଡ଼ର' ଅନ୍ତର୍ଗତ ଲୋକାର୍ପିତ କୋଲକାତା ମେଟ୍ରୋ ଷ୍ଟେସନ ପରିଦର୍ଶନ କରିଥିଲେ । କାର୍ଯ୍ୟକର୍ତ୍ତାଙ୍କ ସହ ମେଟ୍ରୋ ଟ୍ରେନରେ ସିଆଲଦାରୁ ଫୁଲବାଗାନ ପର୍ଯ୍ୟନ୍ତ ଯାତ୍ରା କରିଥିଲେ ।

## ରାସ୍ତା ଉପରେ ହିରୋ ହିରୋଇନ୍‌ଙ୍କ....

ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଆମେ ଏକ ଫିଲ୍ମର ପ୍ରମୋସନ ପାଇଁ ଯାଉଥିଲୁ । ମୁଁ ଜାଣିଛି ମୁଁ ଠିକ୍ ଅଛି। ମୋ ପତ୍ନୀଙ୍କ ଉପରେ ମୋର କୌଣସି ରାଗ ନାହିଁ। ଏନେଇ ମୁଁ ଆଇନର ଦ୍ୱାରସ୍ଥ ହେବିନି । ସେହିଭଳି ପ୍ରକୃତି କହିଛନ୍ତି, ମୁଁ ଜଣେ କଳାକାର । କାମ କରିବାକୁ ବାହାରିଥିଲି। ଆମେ ଏକ ନୂଆ ମୁଭିର ଘୋଷଣା କରିବାକୁ ଯାଉଥିଲୁ। ବାବୁଶାନଙ୍କ ପତ୍ନୀ ଓ ତାଙ୍କ ବାପା ବହୁତ ଗୁଣ୍ଡାଙ୍କ ସହ ପହଂଚି ପ୍ରଥମେ ବାବୁସାନଙ୍କ ସାର୍ଟ ଟାଣିଲେ। ତାଙ୍କ ବାପା ମୋତେ ଟଣାଓଟରା କରି ଅସଦାଚରଣ କରିଛନ୍ତି। ମାନସିକ ଭାବେ ମୁଁ ଖୁବ୍ ଆଘାତ ପାଇଛି। ଘଟଣାକୁ ନେଇ ପ୍ରକୃତିଙ୍କ ବାପାମା' ଖାରବେଳନଗର ଥାନାରେ ପହଂଚି ଅଭିଯୋଗ କରିଛନ୍ତି। ଝିଅର ମାନହାନୀ ହୋଇଥିବା ଅଭିଯୋଗ କରିଛନ୍ତି ପ୍ରକୃତିଙ୍କ ବାପାମା'। ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର କହିଛନ୍ତି, ଲଳିତ ଶତପଥୀ ନାମକ ବ୍ୟକ୍ତିଙ୍କ ନାଁରେ ଥାନାରେ ଏତଲା କରିଛି। ଲଳିତ ଶତପଥୀ ତାଙ୍କ ଝିଅ ଓ ଗୁଣ୍ଡାଙ୍କୁ ଧରି ଆକ୍ରମଣ କରିଛନ୍ତି। ସେମାନେ ମୋ ଝିଅକୁ ଫିଜିକାଲି ଆସଲ୍ଟ କରିଛନ୍ତି। ମୋ ଝିଅକୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ମୋ ପରିବାରକୁ ସ୍ମାସ୍ କରିଦେବାର ଧମକ ଦିଆଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରୁଛି। ଚେନ୍ନାଇରୁ ଫେରିଲା ପରେ ପ୍ରକୃତି ମାନହାନୀ ମାମଲା କରିବ।

## ଦେଶରେ ମିଡିଆ କଙ୍ଗାରୁ ....

ସୋଶାଲ ମିଡିଆରେ ଯିଏ ଯାହା ପାରିଲା ଲେଖୁଛନ୍ତି କିମ୍ବା ନିଜକୁ ଫାଇଦା ଦେଲା ଭଳି ମିଛ କଥାର ପ୍ରଚାର ମଧ କରୁଛନ୍ତି। ଏହାବାଦ ଅଭଦ୍ର ଟିପ୍ପଣୀ କରିଥିବା ବିଜେପିର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ବୟାନକୁ କିଛି ଲୋକ ସମାଲୋଚନା କରି ବିଚାରପତିମାନଙ୍କୁ ମଧ ଟାର୍ଗେଟ କରିଥିଲେ। ଏହକୁ ଦୃଷ୍ଟିରେ ରଖି ଜଷ୍ଟିସ ରମନ୍ନା ଏପରି ମତ ରଖିଥିବା କୁହାଯାଉଛି। ରାଞ୍ଚିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ଜଷ୍ଟିସ ରମନ୍ନା କହିଛନ୍ତି, "ସୋଶାଲ ମିଡିଆରେ ବିଚାରପତିମାନଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ଭାବେ ପ୍ରଚାର କରାଯାଉଛି। ବିଚାରପତିମାନେ ତୁରନ୍ତ ଏହା ଉପରେ ପ୍ରତିକ୍ରିୟା ଦେଇ ନ ପାରନ୍ତି। ଦୟାକରି ଏହାକୁ ଦୁର୍ବଳତା କିମ୍ବା ଅସହାୟତା ଭାବେ କେହି ବିଚାରକୁ ନିଅନ୍ତୁ ନାହିଁ। ନୂଆ ମିଡିଆ ଉପକରଣର ଯଥେଷ୍ଟ ଦକ୍ଷତା ବା କ୍ଷମତା ରହିଛି। କିନ୍ତୁ ଯାହା ଜଣାପଡୁଛି ଏଗୁଡ଼ିକ ଭୁଲ ଓ ଠିକ୍, ଭଲ ଓ ମନ୍ଦ, ସତ ଓ ଫେକ ମଧ୍ୟରେ ପାର୍ଥକ୍ୟ ଜାଣି ପାରୁନାହାନ୍ତି। ମାମଲାର ବିଚାର ପ୍ରକ୍ରିୟାକୁ ମିଡିଆ ଟ୍ରାଏଲ ରାସ୍ତା ଦେଖାଇ ନଥାଏ। ଆମେ ଦେଖିବାକୁ ପାଉଛୁ ଯେ ମିଡିଆ ବର୍ତ୍ତମାନ କଙ୍ଗାରୁ କୋର୍ଟ ଚଳାଇଛି। ଏଥିପାଇଁ ଯେକୌଣସି ପ୍ରସଙ୍ଗରେ ଅଭିଜ୍ଞତା ରଖି ମଧ ବିଚାରପତିମାନେ ନିଷ୍ପତ୍ତି ନେବା ବେଳେ ସମସ୍ୟାରେ ପଡୁଛନ୍ତି।

## ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ବାନ୍ଧିଲା....

ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଇଡି ଶୁକ୍ରବାର ପାର୍ଥ ଚାଟାର୍ଜୀଙ୍କ ସମେତ ବେଙ୍ଗଲର ଶିକ୍ଷା ରାଜ୍ୟ ମନ୍ତ୍ରୀ ପରେଶ ସି ଅଧିକାରୀ, ବିଧାୟକ ତଥା ପଶ୍ଚିମବଙ୍ଗର ପ୍ରାଥମିକ ଶିକ୍ଷା ବୋର୍ଡର ପୂର୍ବତନ ସଭାପତି ମାନିକ ଭଟ୍ଟାଚାର୍ଯ୍ୟ, ଅର୍ପିତା ମୁଖାର୍ଜୀ ଓ ଅନ୍ୟ କିଛି ନେତାଙ୍କ ଠିକଣାରେ ରେଡ୍ କରିଥିଲେ। ଅର୍ପିତା ମୁଖାର୍ଜୀ ହେଉଛନ୍ତି ପାର୍ଥଙ୍କ ଘନିଷ୍ଠ ସହଯୋଗୀ। ସେ ୨୦୧୯ ଓ ୨୦୨୦ରେ ପାର୍ଥଙ୍କ ଦୁର୍ଗା ପୂଜା କମିଟିର ବିଜ୍ଞାପନ ଦାୟିତ୍ୱରେ ଥିଲେ। ଅର୍ପିତା ମୁଖାର୍ଜୀ ଏକାଧିକ ଓଡ଼ିଆ ସିନେମାରେ ମଧ ଅଭିନୟ କରିଛନ୍ତି। ଏଥିସହ ଅନେକ ସମୟରେ ପାର୍ଥ ଓ ତାଙ୍କୁ ବିଭିନ୍ନ ସ୍ଥାନରେ ଏକାଠି ଦେଖିବାକୁ ମିଳେ। ଏହି କାରଣରୁ ଇଡି କାଲି ଅର୍ପିତାଙ୍କ ଠିକଣାରେ ରେଡ୍ କରିଥିଲେ। ଏହି ସମୟରେ ସେଠାରୁ ନଗଦ ୨୦ କୋଟି ଟଙ୍କା ମିଳିଛି। ଏହି ଟଙ୍କା ଶିକ୍ଷା ନିଯୁକ୍ତିରେ ହୋଇଥିବା ଦୁର୍ନୀତିରୁ ମିଳିଥିବା ଇଡି ସନ୍ଦେହ କରୁଛି। ଏଥିସହ ଅର୍ପିତାଙ୍କ ଠିକଣାରୁ ୨୦ଟି ମୋବାଇଲ ଫୋନ ମଧ ଜବତ କରାଯାଇଛି।

## ଉଦ୍ଧବ ଗୋଷ୍ଠୀ ଓ ସିନ୍ଦେ ଗୋଷ୍ଠୀ....

ଓ ୧୨ ଜଣ ସାଂସଦ ରହିଛନ୍ତି । ତାଙ୍କ ନିକଟରେ ଅଧିକାଂଶ ସଦସ୍ୟ ଥିବାରୁ ସେ ହିଁ ପ୍ରକୃତ ଶିବସୈନିକ ଓ ତାଙ୍କୁ ଦଳର ଚିହ୍ନ ମିଳିବା ଦରକାର । ଏଥିସହ ତାଙ୍କ ଦ୍ୱାରା ଗଠିତ କାର୍ଯ୍ୟକାରିଣୀରେ ଅଧିକାଂଶ ଶିବସେନା ନେତା ଯୋଗଦେଇ ତାଙ୍କ ଗୋଷ୍ଠୀଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି । ୧୯୮୯ ମସିହା ଅକ୍ଟୋବର ୧୯ ତାରିଖରେ ଶିବସେନାର ପଞ୍ଜୀକରଣ ହୋଇଥିଲା । ଡିସେମ୍ବର ୧୫, ୧୯୮୯ ମସିହାରେ ଏହାକୁ ରାଜନୈତିକ ଦଳର ମାନ୍ୟତା ମିଳିଥିଲା । ବର୍ତ୍ତମାନ ମାମଲା ଉଭୟ ନିର୍ବାଚନ କମିସନ ଓ ସୁପ୍ରିମକୋର୍ଟରେ ପହଁଞ୍ଚିଛି । ୮ ତାରିଖରେ ଇସି ଓ ୧ ତାରିଖରେ ଆସିବ ସୁପ୍ରିମକୋର୍ଟଙ୍କ ଫଇସଲା ।

# ବସ୍ତା ବ୍ଲକରେ ଦିବ୍ୟାଙ୍ଗ ଉପକରଣ ନିରୂପଣ ଶିବିର



ବସ୍ତା, ୨୩।୭(ନିପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବସ୍ତା ବ୍ଲକରେ ଦିବ୍ୟାଙ୍ଗ ଉପକରଣ ନିରୂପଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ତରୁଣ ତପନ ପ୍ରହରାଜ ଉଦ୍ଘାଟନ କରିଥିଲେ। ଏଥିରେ ୧୬୮ ଜଣ ନାମ ପଞ୍ଜିକୃତ କରିଥିବା ବେଳେ ୧୫୭ ଜଣ ଦିବ୍ୟଙ୍ଗ ଉପକରଣ ପାଇବା ପାଇଁ ମନୋନୀତ ହୋଇଥିଲେ। ତନ୍ମଧ୍ୟରୁ ଅସ୍ଥି ଶଲ୍ୟ ବିଭାଗର ୯୨, ବରିଷ୍ଠ ନାଗରିକ ୩୦,ଚକ୍ଷୁ ଓ ଶ୍ରବଣ ବାଧିତ ୧୩ ଓ ୨୨ ଅନ୍ୟତମ । ଡାକ୍ତର ଓ ବ୍ଲକର କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ବ୍ଲକ ସମାଜ ମଙ୍ଗଳ ଅଧୀକାରୀ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**MAYURBHANJ IRRIGATION DIVISION, BARIPADA**
**e-mail:** exen.mid@gmail.com **FAX/TEL: 06792-295472**
**"E" PROCUREMENT NOTICE NO. 01MBJ/2022-23.**

| | |
|---|---|
| 1. Name of work | : Bank protection works and canal works as mentioned in the website. |
| 2. Total no. of works | : 27 (Twenty seven) nos. of work. |
| 3. Estimated cost | : Varies from 8.91 lakhs to 33.30 lakhs |
| 4. Class of Contractor | : 'D' & 'C' and 'C' & 'B' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : **27.07.2022 from 10.00 Hours to 10.08.2022 up to 17.00 Hours.** |
| (iii) Date, time and place of opening of Bid. | : **On 19.08.2022 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : ***On dt. 24.08.2022 at 11.00 AM.*** |

**7. Further details can be seen from the 'e' Procurement Portal http://tendersorissa.gov.in**

Sd/-
Superintending Engineer,
Mayurbhanj Irrigation Division,
Baripada.

OIPR : 32158/11/0002/2223

## ସୁନେତ୍ର ଯୋଜନାରେ ହସ୍ତତନ୍ତ ବୁଣାକାରଙ୍କୁ ଚଷମା ବଂଟନ

ଖୋର୍ଦ୍ଧା, ୨୩/୦୭ (ନି.ପ୍ର): ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ଭଗବତୀ ତନ୍ତୁବାୟ ସହଯୋଗ ସମିତି ଲିଃ, ଗୋଳବାଇ ଆନୁକୁଲ୍ୟରେ ତା.୨୩.୦୭.୨୦୨୨ରିଖରେ ଜଙ୍କିଆଠାରେ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ବୁଣାକାର ଓ ଆନୁସଙ୍ଗିକ କର୍ମୀମାନଙ୍କ ନିମନ୍ତେ ସୁନେତ୍ର ଯୋଜନାରେ ଏକ ଚଷମା ବଂଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ହୋଇଥିବା ଚକ୍ଷୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଚିହ୍ନଟ କରାଯାଇଥିବା ହିତାଧିକାରୀମାନଙ୍କୁ ଏହି ଚଷମା ପ୍ରଦାନ କରାଯାଇଥିବା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ,ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଏହି ଶିବିରରେ ଗୋଳବାଇ, କାୟା, ଗୁଣ୍ଠୁଣୀ, ଓଳସିଂହ, ରତାମାଟି, ବୋଡଙ୍ଗରାପାଟଣା,କଳାମାଟି, ସାମନ୍ତରାପୁର, ଦିବ୍ୟସିଂହପୁର, ପାଣିଛତ୍ର, ଲହଙ୍ଗା ଓ ମଳିପଡା ଆଦି ଅଂଚଳର ୭୧ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସୁନେତ୍ର ଯୋଜନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ପ୍ରାପ୍ତ ଚଷମାଗୁଡିକ ବଂଟନ କରାଯାଇଛି । ଏହି ଶିବିରକୁ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟର ଶ୍ରୀ ସୁରେଶ କୁମାର ସାହୁ,ବୟନ ନିରୀକ୍ଷକ ଆନୁଷ୍ଠାନିକ ଭାବେ ପ୍ରଦୀପ ଜାଳି ଉଦ୍ଘାଟନ କରିଥିଲେ । ହସ୍ତତନ୍ତ ବୁଣାକାରଙ୍କ ନିମନ୍ତେ ସରକାର ପ୍ରଚଳନ କରିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡିକ ଉପରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ବୁଣାକାରଙ୍କୁ ଅବଗତ କରାଇଥିଲେ । ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଭଗବତୀ ତନ୍ତୁବାୟ ସହଯୋଗ ସମିତି ଲିଃର କର୍ମଚାରୀଙ୍କ ମିଳିତ ପ୍ରଚେଷ୍ଟାରେ ଉକ୍ତ ଶିବିର ସୁଚାରୁରୂପେ ପରିଚାଳିତ ହୋଇଅଛି । ଚଷମା ପାଇଥିବା ବୁଣାକାରମାନେ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ଏହି ପଦକ୍ଷେପ କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

## ବାଲେଶ୍ୱର ଜିଲ୍ଲାରେ 'ଏକ ପଞ୍ଚାୟତ-ଏକ ଉତ୍ପାଦ' କାର୍ଯ୍ୟକ୍ରମ ଆରମ୍ଭ



ବାଲେଶ୍ୱର,୨୩/୦୭ (ନି.ପ୍ର): ବାଲେଶ୍ୱର ଜିଲାରେ "ଏକ ପଞ୍ଚାୟତ,ଏକ ଉତ୍ପାଦ" କାର୍ଯ୍ୟକ୍ରମର ଶୁଭାରମ୍ଭ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହାର ଶୁଭାରମ୍ଭ କରାଯାଇଛି । ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ମାଧ୍ୟମରେ ଜିଲାର ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଉତ୍ପାଦ ଭିତ୍ତିକ କ୍ଲଷ୍ଟର ପ୍ରସ୍ତୁତ କରାଯାଇ ୩୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଶକ୍ତି ମା'ମାନଙ୍କ ଆର୍ଥିକ, ସାମାଜିକ ଉନ୍ନତି ତଥା ସେମାନଙ୍କୁ ନିରନ୍ତର ଜୀବିକା ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏକ ଛୋଟ ପ୍ରୟାସରୁ ଆରମ୍ଭ ହୋଇଥିବା ଅମୁଲର ସଫଳ କାହାଣୀର ଅବତାରଣା କରି ଜିଲାପାଳ ଶ୍ରୀ ଶିନ୍ଦେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ନିରନ୍ତର ଉଦ୍ୟମ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାବାସୀଙ୍କ ପାଇଁ ରୋଜଗାରର ବିଭିନ୍ନ ପନ୍ଥା ସୃଷ୍ଟି କରିବା ସହିତ ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମିଶନ ଶକ୍ତି ବିଭାଗ ମାଧ୍ୟମରେ ରାଜ୍ୟର ମହିଳାମାନେ ରୋଜଗାରକ୍ଷମ ହୋଇପାରିଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଭଳି ଅଧିକ ରୋଜଗାରକ୍ଷମ ହୋଇପାରିବେ ସେଥିନିମନ୍ତେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି । ବିଡିଓମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅନ୍ୟ ବିଭାଗରେ ଥିବା ଉତ୍ପାଦ ଓ ସେବାକୁ ବିନିଯୋଗ କରାଯାଇ ପଞ୍ଚାୟତର ଏସଏଚଜି ମା' ମାନଙ୍କୁ ରୋଜଗାର ତଥା କ୍ଷୁଦ୍ରଶିଳ୍ପରେ ନିୟୋଜିତ କରାଯିବ । ଏଯାବତ୍ ଜିଲ୍ଲାରେ ୩୫୬ଟି ମହାସଂଘ, ୧୫୩ଟି ଉତ୍ପାଦକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟ ଯଥା ସବାଇ, ଟେରାକୋଟା, ଜଉ କଣ୍ଢେଇ, ବାଉଁଶ, ନଡିଆ କତା, ନଡିଆ ତେଲ, ପଥର ମୂର୍ତ୍ତି, ସିଲେଇ, ଝୋଟ, ଚାନ୍ଦୁଆ, ଟସର, ଧାନରେ ମୂର୍ତ୍ତି, ପରିବା, ମହୁ, ଛତୁ ଆଦିରେ ଅନ୍ତର୍ଭୁକ୍ତ ଥିବା ବେଳେ ଏସବୁ ସହିତ ଅନ୍ୟାନ୍ୟ କାର୍ଯ୍ୟକୁ କିଭଳି ସମସ୍ତ ପଞ୍ଚାୟତରେ ଆଗାମୀ ୩ମାସ ମଧ୍ୟରେ ନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ମନୋରମା ଭୂୟାଁ, ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର, ଓରମାସ ଡେପୁଟି ସିଇଓ ଜିତେନ୍ଦ୍ରୀୟ ବିଶ୍ୱାଳ, ଡିପିସି-ମିଶନ ଶକ୍ତି ବିଶ୍ୱଜିତ୍ ପରିଡାଙ୍କ ସମେତ ଅନ୍ୟାନ୍ୟ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜଳେଶ୍ୱର ନଗର ବିଜେପିର ନୂତନ କାର୍ଯ୍ୟକର୍ତ୍ତା ଗଠନ

ଜଳେଶ୍ୱର, ୨୩/୭(ନି.ପ୍ର): ବାଲେଶ୍ୱର ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶ ଓ ପ୍ରଭାରୀ ଜୀବନ ପ୍ରଦୀପ ଦାଶଙ୍କ ଅନୁମୋଦନକ୍ରମେ ଜଳେଶ୍ୱର ନଗର କମିଟି ଗଠନ କରାଯାଇଛି । ସଭାପତିଭାବେ ଫାଲଗୁନୀ ପାଣିଗ୍ରାହୀ, ଉପସଭାପତିଭାବେ ନନ୍ଦନ ଦତ୍ତ ଓ ସୁବାସିନୀ ଜେନା, ସାଧାରଣ ସଂପାଦକ ଭାବେ ରବିନ୍ଦ୍ର ପାତ୍ର, ସଂପାଦକଭାବେ ମାଳତିଲତା ଦତ୍ତ, ଯୁବମୋର୍ଚ୍ଚା ସଭାପତି ମାନସ ଦାସ, ମହିଳାମୋର୍ଚ୍ଚା ସଭାନେତ୍ରୀ ଦେବଯାନୀ ଅଣ୍ଡିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ନୂତନ କାର୍ଯ୍ୟକର୍ତ୍ତା ଗଠନ ହେବାପରେ ବିଜେପି ମହଲରେ ଖୁସିର ଲହରି ଖେଳି ଯାଇଛି ।

## ଏସ୍.ଇ.ଏମ୍ ମହାସଂଘର ଜିଲ୍ଲା କମିଟି ଗଠିତ

ଜଳେଶ୍ୱର, ୨୩/୭(ନି.ପ୍ର): ପଂଚାୟତ ସ୍ତରରେ କାର୍ଯ୍ୟ କରୁଥିବା ଏସ୍.ଇ.ଏମ୍ ମାନଙ୍କ ବିଭିନ୍ନ ସୁବିଧା, ଅସୁବିଧା ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ରାଜ୍ୟ ସ୍ତରୀୟ କମିଟି ଗଠିତ ହୋଇଥିବା ବେଳେ ଶୁକ୍ରବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲାସ୍ତରୀୟ କମିଟି ଗଠିତ ହୋଇ ଯାଇଛି । ଜଳେଶ୍ୱର ସ୍ଥିତ ସୁବର୍ଣ୍ଣରେଖା ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟି ସଦସ୍ୟ ମନ୍ମଥ କୁମାର ଘୋଷ ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ଶରତ କୁମାର ଦାସ, ଉପସଭାପତିଭାବେ ଯୋଗେଶ ମହାପାତ୍ର, ସଂପାଦକ ଜୟନ୍ତ ନାୟକ, ସହସଂପାଦକ ସରୋଜ ଦାସ, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଆଧେକ ମନୋନୀତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ଦଳାଇ, ରତ୍ନାକର ଦାସ, ରମାକାନ୍ତ ନାୟକ, ଅଜୟ ଦାସ, ଚିତ୍ତରଂଜନ ନାୟକ, ସୁରେନ୍ଦ୍ର ସିଂ, ବିଧୁଭୂଷଣ ସାହୁ, ଉଷାରାଣୀ ପାଲ, ସୁରଥି ପାତ୍ର, ସୁଶାନ୍ତ ପାଣିଗ୍ରାହୀ, କାହ୍ନୁଚରଣ କୁହଁର, ତ୍ରିଲୋଚନ ନାୟକ, ଆରତୀ ପ୍ରଧାନ, ଅମରେନ୍ଦ୍ର ବ୍ରହ୍ମ, ବିରକିଶୋର ରାଉତ, କେଦାର ଜେନା, ରାମକୃଷ୍ଣ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

## ଏବେ ବି ମଜଦୂର ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ




ଭଦ୍ରକ,୨୩/୦୭ (ନି.ପ୍ର): ଭାରତର ସର୍ବବୃହତ୍ ମଜଦୁର ୟୁନିୟନ ଭାରତୀୟ ମଜଦୁର ସଂଘର ୬୮ତମ ପ୍ରତିଷ୍ଠା ଦିବସ ଭଦ୍ରକର ବାଲଗୋପାଲ ମନ୍ଦିର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି । ସଂସାରରେ ଯେଉଁମାନେ ଜନ୍ମ ଗ୍ରହଣ କରିଛନ୍ତି ସମସ୍ତେ ଜଣେଜଣେ ମଜଦୁର । ମଣିଷ କାର୍ଯ୍ୟ କଲେ ଜୀବନ ନିର୍ବାହ କରିବ । ସେ ନିଜ ପାଇଁ କରୁ କି ଅନ୍ୟ ପାଖରେ କରୁ । ଶ୍ରମ କଲେ ଜୀବନ ଧାରଣ ସମ୍ଭବ । ତେବେ ଆଜି ଯେଉଁମାନେ ଅନ୍ୟ ପାଖରେ କାର୍ଯ୍ୟ କରି ନିଜର ଜୀବିକା ନିର୍ବାହ କରୁଛନ୍ତି, ବହୁ କ୍ଷେତ୍ରରେ ସେମାନେ ନିଜ କର୍ମର ଉପଯୁକ୍ତ ପ୍ରାପ୍ୟ ପାଉ ନାହାନ୍ତି । ଶ୍ରମିକମାନେ ଏବେ ବି ନିର୍ଯାତିତ ହେଉଛନ୍ତି । ସରକାର ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନର ସୁବନ୍ଦୋବସ୍ତ କରିବା ନିହାତି ଦରକାର ବୋଲି ଆୟୋଜିତ ପ୍ରତିଷ୍ଠା ଦିବସର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘ ରାଜ୍ୟ ଉପସହସମ୍ପାଦକ ଶାନ୍ତନୁ ମହାପାତ୍ର ଯୋଗ ଦେଇ ଭାରତୀୟ ମଜଦୁର ସଂଘ ସହିତ ଅନୁବନ୍ଧିତ ରହିଥିବା ଅଙ୍ଗନଓ୍ୱାଡି, ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ ଜିଲ୍ଲାରେ ଶ୍ରମିକମାନଙ୍କ ମଧ୍ୟରେ ଥିବା ଅସଂହତି ଦୂର ନିମନ୍ତେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିବା ବେଳେ ଜିଲ୍ଲା ସଭାପତି ତଥା ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପ୍ରଭାରୀ ମନୋଜ ବସନ୍ତରାୟ ସଂଗଠନର ବିଚାରଧାରାକୁ ବୁଝିଲେ ସଂଗଠନ ସୁଦୃଢ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜାନକୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ଆଶାକର୍ମୀ ସଂଘର ସଂଯୋଜକ ମୁକ୍ତିକାନ୍ତ ସାହୁ, ସାମ୍ବାଦିକ ତପନ କୁମାର ମିଶ୍ର ମଞ୍ଚାସିନ ହେବା ସହ ବିଏମ୍ଏସ୍ ସଂଗଠନର କାର୍ଯ୍ୟାବଳୀ ସମ୍ପର୍କରେ ମତାମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ବିଜୟ ମିଶ୍ର, ଜୟନ୍ତୀ ଜେନା, ବସନ୍ତ ରାଉତ, କନକ ବିଶ୍ୱାଳ, ଅମୂଲ୍ୟ ଭୋଇ ପ୍ରମୁଖ ଉଦ୍‌ବୋଧନ ଦେଇ ସଂଘର ସମସ୍ୟା ଉପସ୍ଥାପନ କରିଥିଲେ ।

## ବାଲ ଗଙ୍ଗାଧର ତିଳକଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୨୩/୦୭ (ନି.ପ୍ର): ବାଳଗଙ୍ଗାଧର ତିଳକଙ୍କ ପୁଣ୍ୟ ଜନ୍ମ ଦିବସରେ ଶନିବାର ଦିନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପଂଚଲିଙ୍ଗେଶ୍ୱରସ୍ଥିତ ଗୁରୁଶକ୍ତି ହୋଟେଲ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ରକ୍ତଦାନ ଶିବିରକୁ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଆନୁଷ୍ଠାନିକ ଭାବେ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ୨ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀରାଉଳ ସମେତ ବରିଷ୍ଠ ନେତୃମଣ୍ଡଳୀ , ଯୁବଗୋଷ୍ଠୀ ମାନେ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଦାସ ଯୁବଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କୁ ରକ୍ତଦାନ କରିବା ସହ ବିପଦରେ ପଡ଼ିଥିବା ବ୍ୟକ୍ତି ବିଶେଷଙ୍କୁ ଜୀବନ ବଂଚାଇ ପାରିବ ବୋଲି ଆହ୍ୱାନ ଦେଇଥିଲେ । ମୋଟ ୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବାବେଳେ ବସନ୍ତ ରାଉଳ, ରେଣୁ ବିଶ୍ୱାଳ, ଜୟନ୍ତବେହେରା, ଚିତ ବିଶ୍ୱାଳ, ରଣଜିତ ପଣ୍ଡିତ, ଲିପୁନ ପଣ୍ଡିତ ମୁକ୍ତିକାନ୍ତ ବାରିକ, ସଂଜୁଲତା ବାରିକ, ବୃନ୍ଦାବନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଭଂଜସେନା ପକ୍ଷରୁ ବିଜୟ ଉତ୍ସବ



ବାରିପଦା, ୨୩/୦୭ (ନି.ପ୍ର): ଭାରତବର୍ଷର ୧୫ ତମ ମହାମହିମ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରିବାକୁ ଯାଉଥିବା ମୟୁରଭଂଜ ମାଟିର ସୁଯୋଗ୍ୟା ସନ୍ତାନ ଆଦରଣୀୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଆଜି ଭଂଜସେନା ତରଫରୁ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ଅଭିନନ୍ଦନ ଜ୍ଞାପନ କରାଯିବା ଅବସରରେ ଆତସବାଜି ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଅଛି । ମୟୁରଭଂଜ ଜିଲ୍ଲାର ସୁଯୋଗ୍ୟା ସନ୍ତାନ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ହେବା ନେଇ ଭଂଜସେନା ତରଫରୁ ଖୁସି ଜାହିର କରାଯିବା ସହ ଉକ୍ତ ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ସମେତ ଉପାଧକ୍ଷ୍ୟ ନିମାଇଁ ତ୍ରିପାଠୀ, ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବ ସଭାପତି ସୌମ୍ୟରଂଜନ ମିଶ୍ର, ଯୁବ ଛାତ୍ର ସଂଯୋଜକ ଏସ କେ ରାଜାଖାନ, ଉପସଭାପତି ରାକେଶ ମହାନ୍ତି, ଏମ ଡି ନାଜିର, ବିରେନ୍ଦ୍ର ନାଥ, ଆଲୋକ ବେହେରା, ସଂଜୟ ମାହାନା, ସଂଜୟ ମହାନ୍ତ, ସୁଭମ ଦେ, ସତ୍ୟବ୍ରତ ଦାସ, ଅମିତ କୁମାର, ରତିକାନ୍ତ ଦାସ ବୋଲି ଜିଲ୍ଲା ମୁଖପାତ୍ର ମାନସ ବେହେରା ପ୍ରମୁଖ ବହୁ ସଦଶ୍ୟ ଉପସ୍ଥିତ ଥିଲେ ।

## ରାଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା



ବାରିପଦା, ୨୩/୦୭ (ନି.ପ୍ର): ଶୁକ୍ରବାର ଦିନ ୨୦୨୨ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବସାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ସି.ଆର.ସିସି ଶ୍ରୀଯୁକ୍ତ ଧନଞ୍ଜୟ ସାହୁ, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶ୍ରୀଯୁକ୍ତ ଯଦୁନାଥ ପାଣିଗ୍ରାହୀ ଓ ବିଜୟ କୁମାର ଜେନାଙ୍କ ଉପସ୍ଥିତ ହୋଇ ଛାତ୍ରମାନଙ୍କୁ ବହୁ ଉପଦେଶ ପ୍ରଦାନ କରିଥିଲେ । ଏଥିରେ ଇ ୧ଗ୍ରେଡ ପାଇଥିବା ଛାତ୍ରଦ୍ୱୟ କୌଶଳ କୃଷ୍ଣକାନ୍ତ ରାଜ (୫୪୭) ଓ କୌଶିକ ଶେଷନାଗ ରାଜ (୫୫୭) ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିପାରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଶିକ୍ଷୟିତ୍ରୀ ଶ୍ରୁତି ମହାନ୍ତି, ସଂଧ୍ୟାରାଣୀ ବେରା, ମିନତୀ ମହାପାତ୍ର, ଗୀତିକୃଷ୍ଣା ମହାପାତ୍ର , ଅଫିସ୍ ସହାୟକ ଶିତାଂଶୁ ଶେଖର ପାତ୍ର ଓ ଶିକ୍ଷା କର୍ମଚାରୀ ଚନମଣୀ ମାର୍ଣ୍ଡି ପ୍ରଭୃତି ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଅଜିତ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅତୀତକୁ ମନେ ପକାଇବାର ମଞ୍ଚ 'ମୋ କଲେଜ ଅଭିଯାନ' : ଜୟଶ୍ରୀ ଚୌଧୁରୀ



ଉଦଳା, ୨୩/୦୭ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ଜୁଲାଇ ୨୧ ତାରିଖ ଦିନ ପୁରାତନ ଛାତ୍ରୀ ମାନଙ୍କ ଉପସ୍ଥିତିରେ 'ମୋ କଲେଜ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଅତିତକୁ ମନେ ପକାଇବାର ମଞ୍ଚ 'ମୋ କଲେଜ ଅଭିଯାନ' ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରାତନ ଛାତ୍ରୀ ମାନେ ଜଣ ଜଣ କରି ନିଜ ନିଜର କଲେଜ ଜୀବନର ଅନୁଭୁତୀ ବର୍ଣ୍ଣନା କରିଥିଲେ । ବାସ୍ତବରେ ଏହାଥିଲା ଖୁବ ହୃଦୟ ସ୍ପର୍ଶୀ । ପରେ ପ୍ରାଧାପକ ଶଶିଭୂଷଣ ପାଣିଗ୍ରାହୀ, ଅଧାପକ ରବିନାରାୟଣ ମହାପାତ୍ର, ଅଧାପିକା ଅମିତା ଦାସ, ବିବେକାନନ୍ଦ ଦାସବାବୁ ପ୍ରମୁଖ ପୁରାତନ ଛାତ୍ରୀ ମାନଙ୍କ ସହିତ ବିତାଇଥିବା ଅନୁଭବ ବର୍ଣ୍ଣନା କରିଥିଲେ । ଏହାପରେ ପୁରାତନ ଛାତ୍ରୀ ମାନଙ୍କୁ ନେଇ ଏକ ସଂଘ ଗଠନ କରାଯିବଥିଲା ଏଥିରେ ପ୍ରିୟଙ୍କା ପଟ୍ଟନାୟକ ସଭାପତି ଓ କବିତା ପ୍ରଧାନ ସଂପାଦକ ଭାବରେ ସର୍ବ ସମ୍ମତି କ୍ରମରେ ମନୋନିତ ହେଲେ । ଆଗାମୀ ଦିନରେ ଏହି ସଂଘ ମହାବିଦ୍ୟାଳୟର ସବୁ ପ୍ରକାର ଉନ୍ନତି ପାଇଁ ଉଦ୍ୟମ କରିବ ବୋଲି ସଭାପତି ଘୋଷଣା କରିଥିଲେ । କ୍ଷୀରୋଦ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଉଦଳାରେ ଆନନ୍ଦ ଉତ୍ସବ



ଉଦଳା, ୨୩/୦୭ (ନି.ପ୍ର): ଦୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀରେ ବିଜୟ ଘୋଷଣା ପରେ ଉଦଳାରେ ବିଭିନ୍ନ ସଂଗଠନ ପକ୍ଷରୁ ଆନନ୍ଦ ଉତ୍ସବ ପାଳିତ ହେଉଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ଧୁମୁଷା ଓ ମାଦଳ ବଜାଇ ସହର ପରିକ୍ରମା କରିବା ସହ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଭାଜପାର ବରିଷ୍ଠ ନେତା କମଳ ଧଳ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗର ପାଳ ପ୍ରମିଳା ପଣ୍ଡା, ବିଭୁତି ମହାନ୍ତ ପ୍ରମୁଖଙ୍କ ସହ ସମସ୍ତ କାଉନସିଲର ବୃନ୍ଦ ଏହାର ନେତୃତ୍ୱ ନେଇଥିଲେ ।

## ଜିଲ୍ଲା ଛାତ୍ର କଂଗ୍ରେସ କମିଟିରେ ସାଧାରଣ ସଂପାଦକ ଭାବେ କମଳଲୋଚନ ପଣ୍ଡା ମନୋନୀତ

ନୀଳଗିରି,୨୩/୦୭ (ନି.ପ୍ର): ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ କମିଟିରେ କମଳଲୋଚନ ପଣ୍ଡାଙ୍କୁ ଜିଲ୍ଲା ସାଧାରଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ଭାଇଙ୍କୁ କମଳ ଲୋଚନ ପଣ୍ଡା ଧନ୍ୟବାଦଜଣାଇବା ସହଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ନବଜ୍ୟୋତି ପଟ୍ଟନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ଭୋଇ ଏବଂନୀଳଗିରି ବ୍ଲକ ସଭାପତି ମନୋରଂଜନ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଉପାନ୍ତ ଜଳେଶ୍ୱରରେ ଆଇନଶୃଙ୍ଖଳା ବ୍ୟାହତ : ଗୋଟିଏ ଦିନରେ ୨ଟି ଚୋରି ଓ ୧ଟି ଛିନ୍‌ତାଇ

ଜଳେଶ୍ୱର, ୨୩/୭(ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ସହରରେ ଏବେ ଆଇନ୍‌ଶୃଙ୍ଖଳା ବ୍ୟାହତ ହେବାରେ ଲାଗିଛି । ବ୍ୟାଙ୍କ ଡକାୟତି, ଛିନ୍‌ତାଇ, ରାହାଜାନି, ଲୁଟ, ଅପହରଣ ଇତ୍ୟାଦି ଲାଗି ରହୁଥିବା ଦେଖିବାକୁ ମିଳିଛି । ରାଜପୁର ଅଂଚଳର ସେକ୍ ଅବଦୁଲ ସତ୍ତାର ତାଙ୍କ ଘରେ କେହି ନଥିବା ବେଳେ ଗତ ବିଳମ୍ବିତ ରାତିରେ ତାଲା ଭାଂଗି ଘରଭିତରେ ଥିବା ଲାପ୍‌ଟପ୍, ୪ଭରି ସୁନାଗହଣା, ୧ କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଓ ଟଙ୍କା ସହିତ କେତେକ ମୂଲ୍ୟବାନ ଜିନିଷଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ସେହି ରାତିରେ ସେକ୍‌ବାର୍ଡ ଅଂଚଳର ପର୍ଶୁରାମ ନାୟକଙ୍କ ଘରୁ କେତେକ ଦୃବୃତ୍ତ ଘରେ ପଶି ମୋବାଇଲ୍ ଓ ଦାମି ଜିନିଷପତ୍ର ଚୋରୀ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ସେହିପରି ୧୫ନଂ ଓ୍ୱାର୍ଡ ନହଞ୍ଚରା ବାସିନ୍ଦା ତଥା ଜିକେଭଞ୍ଜର ହସ୍‌ପିଟାଲର ଅବସରପ୍ରାପ୍ତ ଫାର୍ମସିଷ୍ଟ ସନ୍ତୋଷ ଚନ୍ଦ (୭୦) ଗତକାଲି ଷ୍ଟେଟବ୍ୟାଙ୍କରୁ କୃଷିକାର୍ଯ୍ୟ ପାଇଁ ୧୦ହଜାର ଟଙ୍କା ଉଠାଇଥିଲେ । ସେ ନିଜ ସାଇକେଲରେ ଥିବା ଟଙ୍କା ବ୍ୟାଗ୍ ସହ ବଡବଜାର ନିକଟରେ ଏକ ଆମ୍ବ ଦୋକାନରେ ଆମ୍ବକିଣିବା ସମୟରେ କେହିଜଣେ ଦୃବର୍ତ୍ତ ଟଙ୍କା ବ୍ୟାଗ୍ ଛିନ୍‌ତାଇ କରିନେଇଥିଲେ । ସଂଗେ ସଂଗେ ସେ ଖୋଜାଖୋଜି କରିଥିଲେ ମଧ୍ୟ ତାର ପତ୍ତା ପାଇନଥିଲେ । ଏହି ସମସ୍ତ ଘଟଣା ଜଳେଶ୍ୱର ଥାନା ନିକଟରେ ଘଟୁଥିଲେ ମଧ୍ୟ ଲୋଟେରା ଓ ଚୋରମାନେ ପୋଲିସ୍‌କୁ ଚକ୍‌ମା ଦେଉଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି । ଏଠାରେ ପଶ୍ଚିମବଂଗର ଦୃବୃତ୍ତ ମାନେ ବାରମ୍ବାର ଅପରାଧ ଘଟାଉଥିବାରୁ ଜଳେଶ୍ୱରରେ ଜଣେ ଯୁବ ଆଇପିଏସ୍ ପୋଲିସ୍ ନିଯୁକ୍ତି କରାଯିବାକୁ ବୁଦ୍ଧିଜିବୀ ମହଲରେ ଦାବି କରାଯାଇଛି ।

## ତୃତୀୟ ପର୍ଯ୍ୟାୟରେ ଜିଲ୍ଲାର ୧୮୫ ବିଦ୍ୟାଳୟ ୫-ଟିରେ ସାମିଲ



ବାଲେଶ୍ୱର,୨୩/୦୭ (ନି.ପ୍ର): ତୃତୀୟ ପର୍ଯ୍ୟାୟରେ ୫-ଟିକୁ ରୂପାନ୍ତରିତ ହେବାକୁ ଯାଉଥିବା ୧୮୫ ଗୋଟି ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ୫-ଟି ଯୋଜନାର ବିଦ୍ୟାଳୟ ରୂପାନ୍ତରୀଣର ଉପାଦେୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶୈକ୍ଷିକ ପରିବେଶ, ଇ-ପାଠାଗାର, ବିଜ୍ଞାନାଗାର, ସ୍ମାର୍ଟ ଶ୍ରେଣୀଗୃହ, ଖେଳପଡିଆ, ପାନୀୟ ଜଳର ବ୍ୟବସ୍ଥା ଏବଂ ଶୌଚାଳୟ ଇତ୍ୟାଦିକୁ ୫-ଟି ମାଧ୍ୟମରେ ଗୁରୁତ୍ୱ ଦେଇ ଶିକ୍ଷାଦାନର ମାନଦଣ୍ଡକୁ ଉନ୍ନତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ଶିନ୍ଦେ ମତବ୍ୟକ୍ତ କରିଥିଲେ । ୫-ଟି ଯୋଜନାର ସଫଳ ରୂପାୟନ ଶିକ୍ଷା କ୍ଷେତ୍ରରେ ଆଗାମୀ ପିଢି ନୂତନ ସୂର୍ଯ୍ୟୋଦୟ ହେବ ବୋଲି ସେ କହିଥିଲେ । ଯୋଜନାର ସ୍ୱଚ୍ଛ କାର୍ଯ୍ୟକାରିତା ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏହି ଅବସରରେ ୫-ଟି ଅନ୍ତର୍ଗତ ହାଇସ୍କୁଲ ରୂପାନ୍ତରଣରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପ-ଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ମନୋରମା ଭୂୟାଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲା 'ମୋ ସ୍କୁଲ' ଟିମର ସଂଯୋଜକ ସନ୍ଦୀପ କୁମାର ଖଟୁଆ ଏବଂ ସଦସ୍ୟ ଶାଶ୍ୱତ ମହାପାତ୍ର, ନରେନ୍ଦ୍ର ଅଗସ୍ତି, ଶିବ ନାରାୟଣ ମିଶ୍ର, କମଳ ବିଶ୍ୱାଳ, ପ୍ରଭାତ ମଣ୍ଡଳ ପ୍ରମୁଖ ବିଭିନ୍ନ ବ୍ଲକର ବିଡିଓ, ଗୋଷ୍ଠୀ ଶିକ୍ଷାଧିକାରୀଏଥିରେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo